R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୮
ତିଥି : ଏକାଦଶୀ
୦୪ ମେ' ୨୦୨୪, ଶନିବାର
ବାଲେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 208
04 May 2024, Saturday
Balasore
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

# ଆଗକୁ ଜମିବ ପ୍ରଚାର



## ଆଜି ମୈଦାନକୁ ଓହ୍ଲାଇବେ ନବୀନ
## ୫ରେ ଆସୁଛନ୍ତି ଜେପି ନଡ୍ଡା
## ୬ରେ ମୋଦି ଆସିବେ ଓଡ଼ିଶା

ଭୁବନେଶ୍ୱର, ୩।୫ (ସବ୍ୟୁ) : ନାମାଙ୍କନ ପ୍ରକ୍ରିୟାରେ ଏବେ ରାଜ୍ୟ ଦୁଲୁକୁଛି । ଆଶାୟୀ ପ୍ରାର୍ଥୀମାନେ ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରୁଛନ୍ତି । ଭିନ୍ନ ଭିନ୍ନ ତରିକାରେ ପ୍ରାର୍ଥୀମାନେ ଆସୁଥିବା ଲକ୍ଷ୍ୟ କରାଯାଉଛି । ତେବେ ଆଗକୁ ପ୍ରଚାର ବି ମଧ୍ୟ ସରଗରମ ହେବାର ସୂଚନା ମିଳିଲାଣି । ଆସନ୍ତାକାଲି ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକସଭା ଆସନ ମଧ୍ୟରୁ ୩ ଲୋକସଭା କ୍ଷେତ୍ରରେ ପ୍ରଚାରକୁ ଓହ୍ଲାଇବେ । ସେହିଭଳି କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଆସନ୍ତାକାଲି ଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ୫ ଓ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି । ବିଜେପି କେନ୍ଦ୍ରୀୟ ନେତାଙ୍କର ଦମ୍ ଉପରେ ଭରସା କରୁଥିବାବେଳେ ବିଜେଡି ମୁଖ୍ୟତଃ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ଆଧାର କରିଛି । କଂଗ୍ରେସର ରାହୁଲ ଗାନ୍ଧି ଆଜି ରାୟଗଡ଼ାରେ ଭର୍ଚୁଆଲି ମାଧ୍ୟମରେ ପ୍ରଚାର କରିଛନ୍ତି । ଆଗକୁ କଂଗ୍ରେସର ବହୁ ବରିଷ୍ଠ ନେତା ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ସପ୍ତାହରେ ହେଭିୱେଟ୍ ନେତାଙ୍କୁ ଓଡ଼ିଶାରେ ଦେଖିବାକୁ ମିଳିବ ।

ପ୍ରଥମ ପର୍ଯ୍ୟାୟରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ବ୍ରହ୍ମପୁର ଲୋକସଭା ଆସନରେ ଭୋଟ୍‌ଗ୍ରହଣ ହେବ । ଏଥିପାଇଁ ନବୀନ ଆସନ୍ତାକାଲି ୧୦ଟା ବେଳେ କୋରାପୁଟରେ ପହଞ୍ଚି ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେବେ । ପାରଳାଖେମୁଣ୍ଡିରେ ମଧ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବେ । ୧୧.୪୦ରେ ନବରଙ୍ଗପୁରରେ ପ୍ରଚାର କରିବାକୁ ଥିଲାବେଳେ ରାୟଗଡ଼ାରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ୍ ମାଗିବେ । ଶେଷରେ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ପାରଳାଖେମୁଣ୍ଡିରେ ବିଶାଳ ଜନସଭାକୁ ଉଦ୍‌ବୋଧନ ଦେବେ । ମୁଖ୍ୟମନ୍ତ୍ରୀଙ୍କ ସହ ଦଳର ବରିଷ୍ଠ ନେତା ତଥା ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଓଡ଼ିଶା ଗସ୍ତରେ ଆସୁଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କଟକ, ଭୁବନେଶ୍ୱର ଓ ସମ୍ବଲପୁରରେ ବୁଦ୍ଧିଜୀବୀଙ୍କୁ ଭେଟିବେ । ତାଙ୍କର ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ (୯ ପୃଷ୍ଠାରେ)

# ରାଇବରେଲିରୁ ଲଢ଼ିବେ ରାହୁଲ



ନୂଆଦିଲ୍ଲୀ, ୩।୫ : କଂଗ୍ରେସ ଶେଷରେ ଆମେଥି ଓ ରାଇବରେଲି ପାଇଁ ତାର ପ୍ରାର୍ଥୀ ଚୂଡ଼ାନ୍ତ କରିଛି । ଗାନ୍ଧି ପରିବାରର ପାରମ୍ପରିକ ଆସନ ରାଇବରେଲୀରେ ରାହୁଲ ଗାନ୍ଧି ନିର୍ବାଚନ ଲଢ଼ିବା ଲାଗି ଆଜି ନାମାଙ୍କନ ଦାଖଲ କରିଛନ୍ତି । ଅପରପକ୍ଷରେ ଅନ୍ୟ ଏକ ପାରମ୍ପରିକ ଆସନ ଆମେଥିରେ ଗାନ୍ଧି ପରିବାରର ଅତ୍ୟନ୍ତ ଘନିଷ୍ଠ ଓ ସ୍ଥାନୀୟ କଂଗ୍ରେସ ନେତା କେଏଲ ଶର୍ମା ନିର୍ବାଚନ ଲଢ଼ିବେ । ତେବେ ଆମେଥି ଛାଡ଼ି ରାଇବରେଲୀରେ ରାହୁଲ ନିର୍ବାଚନ ଲଢୁଥିବା ନେଇ ବିଜେପି ପକ୍ଷରୁ ତାଙ୍କୁ ସମାଲୋଚନା କରାଯାଇଛି । ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ରାହୁଲଙ୍କୁ (୯ ପୃଷ୍ଠାରେ)

# ଧର୍ମେନ୍ଦ୍ର ଜିତିଲେ ମିଶନଶକ୍ତି ବନ୍ଦ : ପ୍ରଣବ

ଭୁବନେଶ୍ୱର, ୩।୫ (ସବ୍ୟୁ) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେଡି ସାଙ୍ଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୁଣି ଟାର୍ଗେଟ୍ କରିଛନ୍ତି । ସୋସିଆଲ ମିଡ଼ିଆ ଏକ୍ସରେ ସେ ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ଯେ, ଯେତେବେଳେ ଶ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବା ପାଇଁ ସ୍ଥିର କଲେ ମିଶନ ଶକ୍ତି ମା'ମାନଙ୍କ ଡୁବାଇ ଯିବା ବନ୍ଦ କଲେ । ଆଉ ଯେବେ ସେ ନାମାଙ୍କନ ଦାଖଲ କଲେ ମିଶନ ଶକ୍ତି ସଚିବ କେନ୍ଦ୍ରାପଡ଼ା ଝିଅ ସୁଜାତା ରାଉତଙ୍କୁ ବାହାର କରିଦେଲେ ।

ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଯେ, ଯଦି ଶ୍ରୀ ପ୍ରଧାନ ନିର୍ବାଚନ ଜିତନ୍ତି ଓଡ଼ିଶାର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବେ । ଏ ଅସମ୍ମାନର ଜବାବ ଓଡ଼ିଶାର ଲକ୍ଷ ଲକ୍ଷ ମିଶନ ଶକ୍ତି ମା'ମାନେ ଏହାର ଉଚିତ୍ ଜବାବ ଦେବେ । ସୂଚନାଯୋଗ୍ୟ, ମିଶନ ଶକ୍ତି ଗୋଷ୍ଠୀ ଏବେ ବିଜେପି ନେତାମାନଙ୍କର ଟାର୍ଗେଟ୍ ହୋଇଛନ୍ତି । ଏହାକୁ ନେଇ ଏବେ ବିଜେଡି-ବିଜେପି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି ।

# ପୁଣି ବଢ଼ିଲା ତାତି



## ୬ରୁ ପାଗରେ ହେବ ପରିବର୍ତ୍ତନ
## ବୌଦ୍ଧ ୪୪° ସହ ସବୁଠୁ ଉତ୍ତପ୍ତ
## ୭ ସହରରେ ୪୩° ଉପରେ ତାପମାତ୍ରା

ଭୁବନେଶ୍ୱର, ୩।୫ (ସବ୍ୟୁ) : ରାଜ୍ୟରେ ପୁଣି ତାତି ବଢ଼ିଛି । ୨୪ ଘଣ୍ଟା ବ୍ରେକ୍ ପରେ ଟ୍ୱିନ୍ ସିଟିରେ ତାପମାତ୍ରା ବୃଦ୍ଧି ପାଇଛି । ୨୬ଟି ସହରରେ ତାପମାତ୍ରା ୪୦° ଅତିକ୍ରମ କରିଛି । ତେବେ ବୌଦ୍ଧ ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏଠାରେ ଦିନ ତାପମାତ୍ରା ୪୪.୬° ରେକର୍ଡ଼ ହୋଇଛି । ଆଉ ୨୪ ଘଣ୍ଟା ରାଜ୍ୟରେ ତାତି ଲାଗି ରହିବ । ୬ ତାରିଖଠାରୁ ପାଗରେ ପରିବର୍ତ୍ତନ ଆସିପାରେ । କାଳବୈଶାଖୀ ବର୍ଷା ବଢ଼ିବା ସହ ତାତିରେ ଲାଗିବ ବ୍ରେକ୍ ।

ପାଣିପାଗ ବିଭାଗର କହିବା ଅନୁସାରେ, ଶୁକ୍ରବାର ଭୁବନେଶ୍ୱରରେ ୪୧.୬° ରେକର୍ଡ଼ ହୋଇଥିବାବେଳେ କଟକରେ ୪୦.୫° ତାପମାତ୍ରା ରହିଛି । କାଳବୈଶାଖୀ ବର୍ଷା ଯୋଗୁ ଟ୍ୱିନ୍ ସିଟିରେ ତାପମାତ୍ରା ହ୍ରାସ ପାଇଥିଲା । ତେବେ ଆଜି ପୁଣି ତାପମାତ୍ରା ବୃଦ୍ଧି ପାଇଛି । କେବଳ ଆଭ୍ୟନ୍ତର ନୁହେଁ, ଉପକୂଳରେ ମଧ୍ୟ ପାରଦ ଉପରମୁହାଁ ହୋଇଛି । ତାପମାତ୍ରା ବିଶେଷଭାବେ ବୃଦ୍ଧି ନପାଇଲେ ମଧ୍ୟ ଗୁଳୁଗୁଳି ନାକେଦମ କରିଛି ।

ଉପକୂଳରେ ଆର୍ଦ୍ରତା ବୃଦ୍ଧି ଯୋଗୁ ତାପମାତ୍ରା ୪୦° ରହିଥିଲେ ମଧ୍ୟ ୫୫°ର ତାତି ଅନୁଭୂତ ହୋଇଛି । ଘରୁ ବାହାରିଲେ ଝାଞ୍ଜି ମାଡ଼ରେ ମୁହଁ ପୋଡ଼ି ପକାଉଛି । ୨୪ ଘଣ୍ଟା ପରେ ରାଜ୍ୟରେ ପାଗ ବଦଳିବ । ୫ ତାରିଖରେ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ସହ ସ୍ଥାନେସ୍ଥାନେ ଘଡ଼ଘଡ଼ି ମାରିପାରେ । ତେବେ ୬ ତାରିଖ ବେଳକୁ ସାରା ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ । ଫଳରେ ତାପମାତ୍ରା ୨ରୁ ୩° ହ୍ରାସ ପାଇବ । (୯ ପୃଷ୍ଠାରେ)

# ଓଡ଼ିଆ ଅସ୍ମିତା କଥା କହିବାର ଅଧିକାର ଧର୍ମେନ୍ଦ୍ରଙ୍କର ନାହିଁ : ବିଜେଡି



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବନ୍ଦ ପାଇଁ କରିଥିଲେ ଷଡଯନ୍ତ୍ର
## ଓଡ଼ିଆ ଭାଷା ସଂସ୍କୃତିର ବିକାଶ ପାଇଁ କେନ୍ଦ୍ରରୁ ଟଙ୍କାଟିଏ ଆଣିପାରି ନାହାନ୍ତି
## ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦେଇପାରି ନାହାନ୍ତି

ଭୁବନେଶ୍ୱର, ୩।୫ (ସବ୍ୟୁ) : ଓଡ଼ିଆ ଅସ୍ମିତା ମହାପ୍ରଭୁ ଜଗନ୍ନାଥଙ୍କ ଠାରୁ ଆରମ୍ଭ ହୁଏ, ଯିଏ କି କେବଳ ଦେବତା ନୁହଁନ୍ତି ସେ ହେଉଛନ୍ତି ଓଡ଼ିଶାର ହୃଦସ୍ପନ୍ଦନ, ଆମ ପରିଚୟର ସାର । ଯେତେବେଳେ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲେ, ସେତେବେଳେ ସେ କାର୍ତ୍ତିକ ପାଣ୍ଡିଆନଙ୍କୁ ଏହି କାର୍ଯ୍ୟକୁ ସୁରୁଖୁରୁରେ ଶେଷ କରିବା ପାଇଁ ଦାୟିତ୍ୱ ଦେଇଥିଲେ । ଶ୍ରୀ ପାଣ୍ଡିଆନ୍ ଏହି ପ୍ରକଳ୍ପରେ ନିଜର ହୃଦୟ ଓ ଆତ୍ମା ଲଗାଇ ଦେଇଥିଲେ ଏବଂ ସବୁକିଛି ସୁରୁଖୁରୁରେ ଚାଲିବା ପାଇଁ ଅନେକ ଥର ପୁରୀ ଗସ୍ତ କରିଥିଲେ । ସକାଳ ୪ଟା କିମ୍ବା ରାତି ୧୦ଟା ଭଳି ଅସମୟରେ ନିରବରେ କାମ କରୁଥିବା ଦେଖି ପୁରୀବାସୀ ତାଙ୍କର ଅକ୍ଲାନ୍ତ ପ୍ରୟାସ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ପ୍ରତ୍ୟେକ ଓଡ଼ିଆଙ୍କ ଏହି ସ୍ୱପ୍ନର ପ୍ରକଳ୍ପ ପ୍ରତି ତାଙ୍କର ସମର୍ପଣର ସାକ୍ଷୀ ହୋଇଛନ୍ତି, ଦିବ୍ୟ ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାଶବର୍ମା ।

ଶ୍ରୀ ଦାଶବର୍ମା ଆଜି ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ କେବଳ ପୁରୀ ଶ୍ରୀମନ୍ଦିର ନୁହେଁ, ଶ୍ରୀ ପାଣ୍ଡିଆନଙ୍କ ଉଦ୍ୟମ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଯୋଗୁଁ ଆମ ରାଜ୍ୟର ଅଗଣିତ ଜଗନ୍ନାଥ ମନ୍ଦିରର ମରାମତି ଓ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଇଛି । ଗତବର୍ଷ ଶ୍ରୀ ପାଣ୍ଡିଆନ ସମଗ୍ର ଓଡ଼ିଶା ଭ୍ରମଣ କରି ଲୋକଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ଗାଁ ମନ୍ଦିର ପାଇଁ ଶୁଭେଚ୍ଛା ଶୁଣିଥିଲେ । ତାଙ୍କ ଯାତ୍ରା ଲୋକଙ୍କ ହୃଦୟ ଏବଂ (୯ ପୃଷ୍ଠାରେ)








# ନୋ ମୋବାଇଲ୍ ଫୋନ୍ ଫୋବିୟା



ନୋ ମୋବାଇଲ୍ ଫୋନ୍ ଫୋବିୟା ଅର୍ଥ ହେଉଛି, ମୋବାଇଲ୍ ଫୋନ୍ ପାଖରେ ନରହିବାର ଭୟ । ବର୍ତ୍ତମାନ ଆମର ସମସ୍ତ କାର୍ଯ୍ୟ ପାଇଁ ମୋବାଇଲ୍ ଫୋନ୍‌ର ଆବଶ୍ୟକତା ପଡୁଛି । ଏଭଳିକି ଛୋଟ ପିଲା ହେଲେ ମଧ୍ୟ ମୋବାଇଲ୍ ଫୋନ୍ ନ ଦେଖିଲେ ଖାଇବା ଖାଉନାହାନ୍ତି । ତେବେ ମୋବାଇଲ ପ୍ରତି ଏତେ ମାତ୍ରାରେ ଦୁର୍ବଳତା ଏକ ରୋଗକୁ ଜନ୍ମ ମଧ୍ୟ ଦେଇଛି, ଡାକ୍ତରୀ ଭାଷାରେ ଏହାର ନାମ ନୋ ମୋବାଇଲ୍ ଫୋନ୍ ଫୋବିୟା । ଏହାର ଅର୍ଥ ହେଲା ଏଥିରେ ପୀଡିତ ରୋଗୀ ନିଜ ମୋବାଇଲ ଠାରୁ ଦୂରରେ ରହିବାକୁ ଡରିଥାଆନ୍ତି । ଏହି ରୋଗର ଲକ୍ଷଣ ଭାବେ ଆଙ୍ଗ୍‌ଜାଇଟି, ଶ୍ୱାସକ୍ରିୟାରେ ଅସୁବିଧା, ଝାଳ ବାହାରିବା, ଚିନ୍ତାରେ ପଡିଯିବା, ଅନ୍ୟ କାମରେ ମନ ନଲାଗିବା । ସେହିଭଳି ବହୁ ସମୟ ଧରି ମୋବାଇଲ୍ ଠାରୁ ଦୂରରେ ରହିବା ଫଳରେ ସେମାନେ ଚିଡ୍‌ଚିଡା ହେବାରେ ଲାଗିଥାଆନ୍ତି । ଯାହାର ପ୍ରଭାବ ସେମାନଙ୍କ ଆଖପାଖରେ ମଧ୍ୟ ପଡିଥାଏ । ଆଖାପାଖ ମାହୋଲ ଖରାପ ହୋଇଯାଇଥାଏ । ବେଳେବେଳେ ସେମାନଙ୍କ ଗୁଣ ଖୁବ ବଦଳି ଯାଇଥାଏ, କୌଣସି କଥାରେ ମନ ଲଗାଗିବା, କୌଣସି କଥା ନ ଶୁଣିବା ଆଦି ଗୁଣ ଦେଖିବାକୁ ମିଳିଥାଏ । ଏହି ରୋଗର ଚିକିତ୍ସା ମଧ୍ୟ ରହିଛି । ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । କିଛି ଦିନର ଚିକିତ୍ସା ପରେ ଏହି ରୋଗକୁ ଭଲ କରିହେବ । ଏହାକୁ ଠିକ୍ କରିବା ପାଇଁ ବିଭିନ୍ନ ପ୍ରକାରର ଥେରାପିର ବ୍ୟବସ୍ଥା ରହିଛି, ଯାହାକୁ ବ୍ୟବହାର କରି ଏହାର ଚିକିତ୍ସା କରାଯାଇଥାଏ ।

## ସୋସିଆଲ କୋଟ୍ସ



ମୋ ମାଆ ମୋପାଇଁ ଖୁବ ପରିଶ୍ରମ କରିଛନ୍ତି । ମୁମ୍ବାଇରେ ରହିବାକୁ ସେ ଟ୍ୟୁସନ କରି ମୋତେ ପଇସା ଦେଇଛନ୍ତି । କ୍ୟାରିୟରର ପ୍ରଥମ ଦିନ ଗୁଡିକ ଖୁବ ସଂଘର୍ଷପୂର୍ଣ୍ଣ ହୋଇଥାଏ ।

ଆକାଶ ପ୍ରତାପ ସିଂ, ଅଭିନେତା



ସଲମାନ ସେଟ୍‌ରେ ପହଞ୍ଚିବା ପାଇଁ ଡେରି କରନ୍ତି । ହେଲେ ସେ କାମକୁ ନେଇ ଖୁବ ସିରିଏସ୍ । କେବେ ବି କାମ ପୂରା ନକରି ପ୍ୟାକଅପ୍ କରନ୍ତି ନାହିଁ ।

ସୋନାକ୍ଷୀ ସିହ୍ନା, ଅଭିନେତ୍ରୀ



ହୀରାମଣ୍ଡିରେ ସମସ୍ତ ଚରିତ୍ର ଅସଲି ଗହଣା ପିନ୍ଧିଛନ୍ତି, ଯାହାର ମୂଲ୍ୟ କୋଟିକୋଟି ଟଙ୍କା । ଏହା ଏତେ ଦାମୀ ଯେ ଗହଣାର ମୂଲ୍ୟରେ ଆଉ ଏକ ଫିଲ୍ମ ମଧ୍ୟ ନିର୍ମାଣ ହୋଇଯିବ ।

ରିଚା ଚଢା, ଅଭିନେତ୍ରୀ

## ଇତିହାସ

୧୭୬୯ – ହାଇଦର ଅଲ୍ଲୀ ପ୍ରଥମଥର ପାଇଁ ଆଙ୍ଗଲୋ–ମଇଶୁର ଯୁଦ୍ଧରେ ଶାନ୍ତିର ସର୍ତ୍ତ ରଖିଥିଲେ ।

୧୮୧୮ – ଆମେରିକା କଂଗ୍ରେସ ପକ୍ଷରୁ ଆମେରିକାର ଜାତୀୟ ପତାକାକୁ ମଞ୍ଜୁରୀ ପ୍ରଦାନ ।

୧୮୫୮ – ରାଣୀ ଲକ୍ଷ୍ମୀବାଈ ଇଂଗ୍ରେଜଙ୍କ ସହ ଭୀଷଣ ଯୁଦ୍ଧ କରିବା ପରେ ଝାନ୍ସି ଛାଡିଥିଲେ ।

୧୯୦୪ – ହିନ୍ଦୀ ସିନେମାର ପ୍ରସିଦ୍ଧ ଗାୟକ କୁନ୍ଦନ ସେହଗଲଙ୍କର ଜନ୍ମ ।

୧୯୦୫ – ଭାରତରେ ଭୂକମ୍ପ କାରଣରୁ ୨୦ ହଜାର ଲୋକଙ୍କର ମୃତ୍ୟୁ ।

୧୯୬୮ – ନାସାର ଆପୋଲ ୬ର ପ୍ରକ୍ଷେପଣ ।

# ପଶୁଙ୍କ ପାଇଁ ମନ୍ଦିର ଖୋଲା



ଭାରତରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରକାରର ମନ୍ଦିର ଦେଖିବାକୁ ମିଳିଥାଏ । ରାଜସ୍ଥାନର ସେହିଭଳି ଏକ ମନ୍ଦିର ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ରାଜସ୍ଥାନରେ ରହିଛି ୬୦୦ ବର୍ଷ ପୁରୁଣା ମନ୍ଦିର ଯାହା ନିଜର ସ୍ୱତନ୍ତ୍ରା ପାଇଁ ପରିଚିତ । ଏଠାରେ ପୂଜା କରିବା ପାଇଁ ଉଭୟ ମଣିଷ ଓ ପଶୁଙ୍କୁ ଅନୁମତି ରହିଛି । ଏହି ମନ୍ଦିର ପାଲା ଶକଲୟା ଦାଦାଙ୍କୁ ଉତ୍ସର୍ଗ । ଏହାର ପରମ୍ପରା ଖୁବ ଭିନ୍ନ । ଏଠାରେ ପୂଜା କରିବା ଫଳରେ ଉଭୟ ପଶୁ ଓ ମଣିଷଙ୍କର ଦୁଃଖ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି । ପଲା ଶକଲୟା ଦାଦା ହେଉଛନ୍ତି ଜଣେ ବ୍ୟକ୍ତି ଯିଏ ଗାଈ ମାନଙ୍କର ଜୀବନ ରକ୍ଷା କରିବା ପାଇଁ ନିଜ ଜୀବନ ଦେଇଥିଲେ । ତେଣୁ ତାଙ୍କୁ ପୂଜା କରିବା ଦ୍ୱାରା ଗ୍ରାମରେ ପଶୁମାନେ ସୁରକ୍ଷିତ ରୁହନ୍ତି ବୋଲି ବିଶ୍ୱାସ ରହିଛି । ଏହାସହ ପଶୁମାନଙ୍କୁ ମଧ୍ୟ ତାଙ୍କ ମନ୍ଦିରରେ ପ୍ରବେଶ ପାଇଁ ଅନୁମତି ଦିଆଯାଇଥାଏ । ଏହି ମନ୍ଦିରର ସ୍ଥାନୀୟ ଅଞ୍ଚଳରେ ଖୁବ ମାନ୍ୟତା ରହିଛି । ଲୋକମାନେ ଏଠାକୁ ତାଙ୍କର ଅସୁସ୍ଥ ପଶୁଙ୍କୁ ସୁସ୍ଥ ହେବା ଆଶାରେ ଆଣିଥାଆନ୍ତି ।

# ବର୍ଗର ଖାଇବା ନିଶା



ଆଜିକାଲି ରେକର୍ଡ ନିଶା ସମସ୍ତଙ୍କୁ ଘାରିଛି । ପ୍ରତିଦିନ ସୋସିଆଲ ମିଡିଆରେ ଅନେକ ଅଜବ ଅଜବ ରେକର୍ଡର ଉଦାହରଣ ଦେଖିବାକୁ ମିଳୁଛି । ସେହିଭଳି ଏକ ଅଜବ ରେକର୍ଡ କରିଛନ୍ତି ଆମେରିକାର ଡୋନାଲ୍ଡ ଗ୍ରୋସେକ୍ । ସେ ବର୍ଗର ଖାଇ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି । ୭୦ ବର୍ଷୀୟ ଏହି ବ୍ୟକ୍ତି ଜୀବନରେ ସବୁଠାରୁ ଅଧିକ ବର୍ଗର ଖାଇ ଏହି ରେକର୍ଡ ନିଜ ନାମରେ ସାମିଲ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ନମ୍ବର ୩୪,୧୨୮ ବିଗ୍ ମାକ୍‌ରେ ପହଞ୍ଚିଛି । ସେ ଏହି ରେକର୍ଡ ୭୦ ବର୍ଷରେ ନିଜ ନାମରେ ସାମିଲ କରିଛନ୍ତି । ତାଙ୍କର ଏବଂ ବିଗ୍ ମାକ୍ ବର୍ଗରର ସମ୍ପର୍କ ପାଖାପାଖି ୫୦ ବର୍ଷ ପୂର୍ବରୁ ୧୯୭୨ ମସିହାରେ ଆରମ୍ଭ ହୋଇଥିଲା । ସେ ଯେତେବେଳେ ନିଜର ପ୍ରଥମ ବର୍ଗର ଖାଇଥିଲେ, ସେତେବେଳେ ସାରା ଜୀବନ ଏହାକୁ ଖାଇପାରିବେ ବୋଲି ଭାବିଥିଲେ । ସେ ଏହା ପରଠାରୁ ନିଜ ବର୍ଗର ଖାଇବାକୁ ଟ୍ରାକିଂ କରିବା ଆରମ୍ଭ କରିଥିଲେ । ସେ ସବୁଦିନ ଖାଉଥିବା ବର୍ଗରର ହିସାବ ରଖିବାରେ ଲାଗିଲେ । ସେ ଏହି ହିସାବ ରଖିବା ପାଇଁ ନିଜ କାର୍‌ରେ ବର୍ଗରର କାର୍ଟୁନ୍‌କୁ ସାଇତି ରଖୁଥିଲେ । କେବଳ ଖୋଳ ନୁହେଁ ସେ ବିଲ୍‌କୁ ମଧ୍ୟ ସାଇତି ରଖିଛନ୍ତି । ଏହାପରେ ପ୍ରଥମଥର ପାଇଁ ୧୯୯୯ରେ ସେ ଏହି ରେକର୍ଡରେ ନିଜ ନାଁ ସାମିଲ କରିଥିଲେ । ପ୍ରଥମେ ସେ ଦିନକୁ ୯ଟି ବର୍ଗର ଖାଉଥିଲେ, ଏହାପରେ ସେ ଧୀରେଧୀରେ ଏହାକୁ ବଢାଇବାକୁ ଲାଗିଲେ । ବର୍ତ୍ତମାନ ପୁଣି ସେ ନିଜ ରେକର୍ଡ ନିଜେ ଭାଙ୍ଗି ଆଉ ଏକ ନୂଆ ଲେବଲ୍ ସେଟ୍ କରିଛନ୍ତି ।

# କ୍ରାଇଂ ସୁମୋ



ଜାପାନର ଏକ ପରମ୍ପରା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଜାପାନର ଏହି ପରମ୍ପରା ପାଖାପାଖି ୪୦୦ ବର୍ଷ ପୁରୁଣା ହୋଇଥିବାବେଳେ ଏହାର ନାଁ ହେଉଛି କ୍ରାଇଂ ବେବି ସୁମୋ । ଜାପାନର ଟୋକିଓରେ ଏହି ଫେଷ୍ଟିଭାଲ ସବୁବେଳେ ପାଳନ କରାଯାଇଥାଏ । ଏଥିରେ ଶିଶୁଙ୍କୁ ସୁମୋ ବେଶରେ ସଜାଯାଇ ଏହି ଫେଷ୍ଟିଭାଲରେ ସାମିଲ କରାଯାଇଥାଏ । ଏହା ଜାପାନର ଟୋକିଓ ସହିତ ଅନ୍ୟ ସହରରେ ମଧ୍ୟ ପାଳନ କରାଯାଇଥାଏ । ଶିଶୁଙ୍କ କାନ୍ଦ ଖରାପ ଭାଗ୍ୟକୁ ଭଲରେ ପରିବର୍ତ୍ତନ କରିଥାଏ । ତେଣୁ ନିଜ ଭାଗ୍ୟକୁ ସକରାତ୍ମକ ଦିଗରେ ପରିବର୍ତ୍ତନ କରିବାକୁ ଜାପାନରେ ପ୍ରତିବର୍ଷ ଏହି ଫେଷ୍ଟିଭାଲର ଆୟୋଜନ କରାଯାଇଥାଏ ।

# ଟେଲି ଦୁନିଆର ନୂଆ ଯୋଡି



ଟେଲି ଦୁନିଆର ନୂଆଯୋଡି ଭାବେ ଉଭା ହୋଇଛନ୍ତି କୁଶାଲ ଟଣ୍ଡନ ଓ ଶିବାଙ୍ଗୀ ଯୋଶି । ଉଭୟଙ୍କ ସମ୍ପର୍କ ନେଇ ବର୍ତ୍ତମାନ ଫ୍ୟାନମାନେ ଚର୍ଚ୍ଚା ଆରମ୍ଭ କରିଛନ୍ତି । ଉଭୟ ଖୁବ ଜଲଦି ନିର୍ବନ୍ଧ କରିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ହେଲେ ଏ ସବୁକୁ ଖଣ୍ଡନ କରିଛନ୍ତି ଶିବାଙ୍ଗୀ । ସେ ଏ ସମସ୍ତ ଆଲୋଚନାକୁ ଗୁଜବ ବୋଲି ନିଜ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ଉଭୟ ଗୋଟିଏ ଧାରାବାହିକରେ ଏକାଠି ନଜର ଆସିବା ପରେ ଏନେଇ ଆଲୋଚନା ଆରମ୍ଭ ହୋଇଥିଲା । ଉଭୟଙ୍କ ମଧ୍ୟରେ ପ୍ରଥମେ ଫ୍ରେଣ୍ଡ୍‌ସିପ୍ ଓ ପରେ ଏହା ପ୍ରେମ ସମ୍ପର୍କର ରୂପ ନେଇଛି ବୋଲି ଫ୍ୟାନମାନେ ମତ ଦେଉଛନ୍ତି । ଉଭୟଙ୍କୁ ଅନେକ ସ୍ଥାନରେ ଏକାଠି ମଧ୍ୟ ଦେଖିବାକୁ ମିଳୁଛି ଏପରିକି ଉଭୟଙ୍କୁ ଏକାଠି ଭ୍ୟାକେସନ୍‌ରେ ମଧ୍ୟ ଯିବାର ଖବର ରହିଛି । ତେବେ ପୂର୍ବରୁ କୁଶାଲଙ୍କ ନାଁ ଅନେକ ଅଭିନେତ୍ରୀଙ୍କ ସହିତ ଯୋଡା ଯାଇସାରିଛି । ସେହିଭଳି ଶିବାଙ୍ଗୀ ନିଜ କୋଷ୍ଟାର ମୋସିନ୍ ଖାନ୍‌ଙ୍କୁ ଡେଟ୍ କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ତେବେ କୁଶାଲ ଏନେଇ କୌଣସି ମନ୍ତବ୍ୟ ଦେଇ ନଥିବାବେଳେ ଶିବାଙ୍ଗୀ ଏହାକୁ ଖାରଜ କରିଛନ୍ତି । ତେଣୁ ଏହି ସମ୍ପର୍କ ଆଗକୁ କେଉଁ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା ।

# ଧନୀ କୁକୁର

ବିଶ୍ୱରେ ଆପଣ ଧନୀ ବ୍ୟକ୍ତିଙ୍କ ବିଳାସପୂର୍ଣ୍ଣ ଲାଇଫ୍‌ଷ୍ଟାଇଲ୍ ବିଷୟରେ ତ ନିଶ୍ଚିତ ରୂପେ ଶୁଣିଥିବେ । ହେଲେ କେବେ କୌଣସି କୁକୁରର ଲଗ୍‌ଜୁରିଅସ୍ ଲାଇଫ୍ ବିଷୟରେ ଶୁଣଛନ୍ତି କି ? ଅଜବ ଲାଗିଲେ ବି ଏହା ସମ୍ପୂର୍ଣ୍ଣ ସତ । ଦୁନିଆରେ ଏଭଳି ଏକ କୁକୁର ଅଛି, ଯାହାକୁ ବିଶ୍ୱର ସବୁଠୁ ଧନୀ କୁକୁର ବୋଲି କୁହାଯାଉଛି । ଏହି କୁକୁର ନାଁରେ ପ୍ରାୟ ୩୦ ବିଲିୟନ୍ ମୂଲ୍ୟର ସମ୍ପତ୍ତି ରହିଛି । କେବଳ ଏତିକି ନୁହେଁ, କୁକୁରଟି ବିଏମ୍‌ଡବ୍ଲ୍ୟୁ ଗାଡ଼ିରେ ଯାତାୟାତ ମଧ୍ୟ କରିଥାଏ । ଏହି କୁକୁର ନାଁରେ ଏକାଧିକ ବଙ୍ଗଳା ରହିଥିବାବେଳେ ଏହା ଗୋଟିଏ ଫୁଟବଲ୍ କ୍ଲବ୍‌ର ମାଲିକ ମଧ୍ୟ । ଗୁନ୍ଥର ୬ ନାମକ ଏହି ଜର୍ମାନ୍ ଶେଫାର୍ଡ କୁକୁରଟି ଲୋକପ୍ରିୟ ପପ୍ ଗାୟିକା ମଡୋନାଙ୍କର ପୁରୁଣା ଘରେ ରୁହେ । କ୍ୟାରିବିଆନ୍ ଦ୍ୱୀପରେ ଥିବା ଏହି ଘରର ମୂଲ୍ୟ ହେଉଛି ୬.୮୧ ବିଲିୟନ୍ । ଏହି କୁକୁର ନିକଟରେ ଗୋଟିଏ ବଡ଼ ଜାହାଜ ମଧ୍ୟ ରହିଛି । ଯେଉଁଥିରେ ସେ ବିଳାସପୂର୍ଣ୍ଣ ଡିନର୍ କରିବା ସାଙ୍ଗକୁ ୱାର୍ଲ୍ଡ ଟ୍ରିପ୍‌ରେ ଯାଏ । ତେବେ ଗୁନ୍ଥର ପିଛାରେ ଯେତେ ବି ଟଙ୍କା ଖର୍ଚ୍ଚ ହୋଇଥାଏ ତାହାକୁ ଇଟାଲୀର ଜଣେ ୬୬ ବର୍ଷୀୟ ଉଦ୍ୟୋକ୍ତା ମୋରିଜିଓ ମିଆନ୍ ନିୟନ୍ତ୍ରିତ କରିଥାଆନ୍ତି । ଗୁନ୍ଥରର ଅସଲ ମାଲିକଙ୍କର ମୃତ୍ୟୁ ସମୟରେ ସେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଗୁନ୍ଥର ନାଁରେ କରିଦେଇଥିଲେ । ଯାହାକୁ ବର୍ତ୍ତମାନ ମୋରିଜିଓ ସମ୍ଭାଳୁଛନ୍ତି । ଗୁନ୍ଥର କର୍ପୋରେସନ୍‌ର ସିଇଓ ମୋରିଜିଓ, ଗୁନ୍ଥରର ଅସଲ ମାଲିକଙ୍କର ୨୯.୨ ବିଲିୟନ୍ ସମ୍ପତ୍ତିର ଦେଖାରଖା କରନ୍ତି ।



### ଆସ୍କା ଓ କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ପାଣ୍ଡିଆନଙ୍କ ପ୍ରଚାର

# ବିକାଶକୁ ବିରୋଧ କରୁଛନ୍ତି ବିରୋଧୀ




ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ଆସ୍କା ଓ କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ଜୋରଦାର ପ୍ରଚାର କରିଛନ୍ତି । କନ୍ଧମାଳ ନିର୍ବାଚନ ଅନ୍ତର୍ଗତ ଭଞ୍ଜନଗରରେ ଦଳୀୟ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ଓ ବିକ୍ରମ କେଶରୀ ଆରୁଖଙ୍କ ପାଇଁ ଭୋଟ ମାଗିଥିବା ବେଳେ, ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ପୋଲସରା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଓ ସୋରଡା ବିଧାୟକ ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ସପକ୍ଷରେ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ । ନିଜ ଭାଷଣରେ ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରି ଶ୍ରୀ ପାଣ୍ଡିଆନ କହିଲେ ଯେ ସେମାନେ ସବୁ କଥାରେ ଓଡିଶାକୁ ବିରୋଧ କରୁଛନ୍ତି । ସେମାନେ ଶାସକ ଦଳର ବିରୋଧୀ ନୁହନ୍ତି, ସେମାନେ ବିକାଶର ବିରୋଧୀ । ଓଡିଶାର ବିକାଶ ସବୁଆଡେ ଦିଶୁଛି । ସବୁ ଓଡିଶାବାସୀଙ୍କୁ ଦେଖାଯାଉଛି । କିନ୍ତୁ ବିରୋଧୀ ଙ୍କୁ କିଛି ଦେଖାଯାଉନାହିଁ । ଏଭଳି ବିରୋଧୀଙ୍କୁ ଉଚିତ ଜବାବ ଦେବେ ଆମର ଓଡିଆ ଭାଇଭଉଣୀ । ବିରୋଧୀ ଦଳର ନେତାମାନେ ଓଡିଶାର ସବୁ ବିକାଶ କାମକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ମତ ଦେଇ ସେ କହିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଆଦି ସବୁ ସଶକ୍ତିକରଣ ଯୋଜନାକୁ ବନ୍ଦ କରିବାକୁ ବିଧିବଦ୍ଧ ଯୋଜନା ଚଲାଇଛନ୍ତି । ମା ମାନେ ଦୁବାଇ ଯାଉଥିଲେ । ତାଙ୍କର କଣ ଅସୁବିଧା ହେଲା ? ସେମାନଙ୍କ ଦୁବାଇ ଯିବା କାହିଁକି ବନ୍ଦ କଲେ? ସଭାରେ ଲୋକଙ୍କ ବିଶାଳ ଉପସ୍ଥିତିକୁ ଲକ୍ଷ୍ୟ କରି ସେ କହିଲେ ଯେ, ବିରୋଧୀଙ୍କୁ ମୁଁ ଆହ୍ୱାନ କରୁଛି, ସେମାନେ ଆସନ୍ତୁ, ଦେଖନ୍ତୁ ନବୀନ ବାବୁଙ୍କ ପ୍ରତି ଲୋକଙ୍କର କିପରି ଜନ ସମର୍ଥନ ଅଛି, କିପରି ଭଲ ପାଇବା ଅଛି । ଏତେ ଖରାରେ ମଧ ମା ମାନଙ୍କ ବିଶାଳ ଜନସମୁଦ୍ର ବିରୋଧୀଙ୍କ ନିଦ ହଜେଇ ଦେଇଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ ନବୀନ ସରକାର ହେଉଛି ସାଢେ ଚାରି କୋଟି ଓଡିଆଙ୍କ ସରକାର । ନବୀନ ସରକାର ହେଉଛି ମା ମାନଙ୍କ ସରକାର, ଯୁବପୀଢିର ସରକାର - ସମସ୍ତଙ୍କ ସରକାର । ୫୦ ହଜାର ମାର୍ଜିନ୍‌ରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏକି ସବୁବେଳେ ଆମକୁ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତାଙ୍କ ନିର୍ଦ୍ଦେଶରେ ମୁଁ ସବୁ ଜାଗାରେ ହିସାବ ଦେଉଛି । ଆପଣମାନଙ୍କୁ ମଧ ହିସାବ ଦେବି । ନିର୍ବାଚନ ପରେ ମଧ ହିସାବ ଦିଆଯିବ । ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୬୦ କୋଟି ଟଙ୍କାର କାମ ଚାଲିଛି । ଜଗନ୍ନାଥ ମନ୍ଦିର, ମା ବ୍ୟାଘ୍ରଦେବୀ ମନ୍ଦିର ପାଇଁ ୧ କୋଟି ୮୦ ଲକ୍ଷ, ଧବଳେଶ୍ୱର ମନ୍ଦିର ପାଇଁ ୧.୧୦ କୋଟି, ୧୨୦ଟି ମନ୍ଦିର, ମସ୍ଜିଦ, କମ୍ୟୁନିଟି ସେଣ୍ଟର ବିକାଶ ପାଇଁ ୫.୫୦ କୋଟି, ଋଷିକୂଲ୍ୟା ନଦୀର ନୂଆ ଗାଁ ଡିଷ୍ଟ୍ରିବ୍ୟୁଟାରି ପାଇଁ ୮୦ କୋଟି, ଢୋଲପିଟା ନଦୀଗର୍ଭ ଜଳାଶ୍ରୟ ପ୍ରକଳ୍ପ ପାଇଁ ୩୦.୬୦ କୋଟି, ଷୋଡକ ମାଇନର ଓ ସବ୍ ମାଇନର କେନାଲରେ କଂକ୍ରୀଟ ଲାଇନିଂ ପାଇଁ ୬ କୋଟି ଏବଂ ଭଞ୍ଜନଗର, ଜଗନ୍ନାଥପ୍ରସାଦ ବ୍ଲକ୍ର ୪୬ଟି ଗ୍ରାମପଞ୍ଚାୟତକୁ ମେଗା ପାଇପ ଜଳଯୋଗାଣ ପାଇଁ ୨୦୦୦ କୋଟି ଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ ।

ଏକବିଂଶ ଶତାବ୍ଦୀର ପରିଚୟ ହେଉଛି ବିକାଶ । ଓଡିଶାର ସର୍ବାଙ୍ଗୀନ ବିକାଶର ମଙ୍ଗ ଧରିଛନ୍ତି ନବୀନ ପଟ୍ଟନାୟକ । ନବୀନ ବାବୁଙ୍କ ବିକାଶ ରଥର ସାରଥୀ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ । ରଥୀ ସାରଥୀ ଯଦି ଏକାଠି ହେବେ, ଉଭୟଙ୍କ ଉଦ୍ଦେଶ୍ୟ ଯଦି ଏକ ହେବ, ତେବେ ଓଡିଶାର ବିକାଶ ଶିଖର ଛୁଇଁବ । ନବୀନ ବାବୁଙ୍କ ସମୟରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା, ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେଲା, ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆରମ୍ଭ ହେଲା । ଓଡିଶାର ଭୌତିକ, ସାଂସ୍କୃତିକ, ସାହିତ୍ୟିକ ବିକାଶ ପରେ, ଯୁବପୀଢିଙ୍କ ମାନସିକ ବିକାଶ ପାଇଁ ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ହୋଇଛି ବୋଲି ସେ କହିଥିଲେ ।

## ମତଦାନ ହାର ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ : ସିଇଓ

ଭୁବନେଶ୍ୱର (ସବ୍ୟୁ): 'ନିର୍ବାଚନର ପର୍ବ ଦେଶର ଗର୍ବ' ହୋଇଥିବାରୁ ଚଳିତ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ସମସ୍ତ ନାଗରିକ ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆହ୍ୱାନ ଦେଇଛନ୍ତି । ଛାତ୍ରଛାତ୍ରୀମାନେ ଆଗାମୀ ଦିନର କର୍ଣ୍ଣଧାର ଓ ଗଣତନ୍ତ୍ରର ସୁରକ୍ଷାର ଧାରକ ହୋଇଥିବାରୁ ରାଜ୍ୟରେ ମତଦାନ ବୃଦ୍ଧି ଦିଗରେ ସଚେତନତା ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ସେ କହିଛନ୍ତି । ଚଳିତ ମଇ ୩ ତାରିଖ (ଶୁକ୍ରବାର) ଦିନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସାଇ ଇଣ୍ଟରନେସ୍‌ନାଲ୍ ରେସିଡେନ୍ସିଆଲ ସ୍କୁଲ, କଟକର ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିବା ଅବସରରେ ଶ୍ରୀ ଧଳ ଏହା କହିଛନ୍ତି । ବାର୍ତ୍ତାଳାପବେଳେ ଭାରତର ନିର୍ବାଚନ ପ୍ରକ୍ରିୟା ସଂପର୍କରେ ଛାତ୍ରଛାତ୍ରୀମାନଙ୍କର ଜାଣିବାର ଉତ୍ସାହ ଲକ୍ଷ୍ୟ କରି ଶ୍ରୀ ଧଳ କହିଛନ୍ତି ଯେ ମତଦାନ ହେଉଛି ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରର ଏକ ମହାନ ପର୍ବ । ଏହି ପର୍ବରେ ସମସ୍ତ ନାଗରିକ ସାମିଲ ହେବା ଦରକାର । ସମସ୍ତ ନାଗରିକ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହେବା ସହ ଦେଶ ସଶକ୍ତ ହେବ ।

ଶ୍ରୀ ଧଳ କହିଥିଲେ ଯେ ରାଜ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ (ଏସ୍‌ଭିଇଇପି) ଜରିଆରେ ବିଭିନ୍ନ ପ୍ରକାର ଭୋଟର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଭିନ୍ନକ୍ଷମମାନଙ୍କ ପାଇଁ ମତଦାନ କେନ୍ଦ୍ରରେ ହ୍ୱିଲ୍‌ଚେୟାର ବ୍ୟବସ୍ଥା କରାଯାଇଛି । ମତଦାନ କେନ୍ଦ୍ରରେ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯିବା କଥା ମଧ ଶ୍ରୀ ଧଳ କହିଥିଲେ । ସେ କହିଲେ ଭୁବନେଶ୍ୱର ସହରାଞ୍ଚଳରେ ମତଦାନ ହାର ବୃଦ୍ଧି ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟରେ ୩୦ ହଜାର ୬୫୪ଟି ସ୍ଥାନରେ ୩୭ ହଜାର ୮୦୯ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା ହୋଇଅଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସୂଚନା ଦେଇଥିଲେ ।

## ମିଶନଶକ୍ତି ସଚିବ ପଦବୀରୁ ସୁଜାତାଙ୍କ ବଦଳି

ଭୁବନେଶ୍ୱର(ସବ୍ୟୁ) : ବିଜେପିର ଅଭିଯୋଗ ପରେ ମିଶନ ଶକ୍ତି ସଚିବ ବିଭାଗ ସୁଜାତା କାର୍ତ୍ତିକେୟନଙ୍କୁ ବଦଳି କରିବା ଲାଗି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ରାଜ୍ୟ ସରକାର ତାଙ୍କ ବଦଳି କରିଛନ୍ତି । ୨୦୦୦ ବ୍ୟାଚ୍‌ର ଆଇଏଏସ୍ ସୁଜତା କାର୍ତ୍ତିକେୟନଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କୁ ମିଶନ ଶକ୍ତି ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଶାଳିନୀ ପଣ୍ଡିତ ମଧ ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ମଧ ତୁଲାଇବେ ।

## ପାଲଲହଡା ବିଧାନସଭା କ୍ଷେତ୍ର ପାଇଁ ନାମାଙ୍କନ ଭରିଲେ ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଳ

ପାଲଲହଡା,,(ସବ୍ୟୁ) : ସାଧାରଣ ନିର୍ବାଚନ ପାଇଁ ମତଦାନ ଆଉମାତ୍ର ଏକୋଇଶି ଦିନ ବାକିଥିବା ବେଳେ ପାଲଲହଡା ବିଧାନସଭା କ୍ଷେତ୍ର ପାଇଁ ବିଭିନ୍ନ ପ୍ରମୁଖ ଦଳ ପକ୍ଷରୁ ଜୋରଦାର ମାରାଥନ ପ୍ରଚାର ଜାରି ରହିଥିବାବେଳେ ଆଜି ବିଜେଡି ପ୍ରାର୍ଥୀ ବିଧାୟକ ମୁକେଶ କୁମାର ପାଳ ତାଙ୍କର ବିରାଟ ଜନ ସମୁଦ୍ର ମଧ୍ୟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସ୍ଥାନୀୟ ଉପଜିଲ୍ଲାପାଳ ଙ୍କ ନିକଟରେ । ସ୍ଥାନୀୟ ଶିବ (ଶ୍ୟାମେଶ୍ୱର)ମନ୍ଦିର ରେ ପୂଜାର୍ଚ୍ଚନା ସାରି ଓଭର ବ୍ରିଜ ଦେଇ ଜଗନ୍ନାଥ ମନ୍ଦିର ଦେଇ ଟାଉନ ପରିକ୍ରମା କରି ହସ୍ପିଟାଲ ଛକ ,ବସ ଷ୍ଟାଣ୍ଡ ଦେଇ ତାଙ୍କର ଏହି ବିରାଟ ପଟୁଆର ଉପଜିଲ୍ଲାପାଳ ଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ପାଲଲହଡା ବ୍ଲକର ୨୭ଗୋଟି ଏବଂ କଣିହାଁ ବ୍ଲକର ୧୯ଗୋଟି ପଂଚାୟତ ର ପ୍ରାୟ କୋଡିଏ ହଜାରରୁ ଅଧିକ ସମର୍ଥକ ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ଯୋଗଦେଇଥିଲେ । ପାଲଲହଡା ବ୍ଲକ ଅଧକ୍ଷା ରୀନାରାଣୀ ନାଏକ, କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଜେଡି ପର୍ଯ୍ୟବେକ୍ଷକ କୁନବିହାରୀ ଦାସ ଙ୍କ ସମେତ ୪୦ରୁ ଅଧିକ ସରପଞ୍ଚ ସମିତିସଭ୍ୟ ଏଥିରେ ସମିଲ ହୋଇଥିଲେ ।ଆଜି ବିଜେପି ପ୍ରାର୍ଥୀ ଅଶୋକ କୁମାର ମହାନ୍ତି ମଧ ଦୁଇ ସେଟ ନାମାଙ୍କନ ପତ୍ର ଉପଜିଲ୍ଲାପାଳ ଙ୍କ ନିକଟରେ ଦାଖଲ କରିଥିଲାବେଳେ ବିଧିବଦ୍ଧ ଭାବେ ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ୟତୀତ ଗତକାଲି ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଫକୀର ସାମଲ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି । ଏପର୍ଯ୍ୟନ୍ତ ପାଲଲହଡା ବିଧାନସଭା କ୍ଷେତ୍ର ପାଇଁ ମୋଟ ଛଅ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିସାରିଛନ୍ତି ।

## ବିଜେଡ଼ିରେ ଯୋଗଦେଲେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେପି, କଂଗ୍ରେସ ନେତା ଓ କର୍ମୀ

ଭୁବନେଶ୍ୱର (ସବ୍ୟୁ): ବଲାଙ୍ଗୀରଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର କଂଗ୍ରେସ ଓବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବିଜେଡି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ କର୍ମୀଙ୍କୁ ଡକ୍ଟର ପାତ୍ରଓ ଶ୍ରୀ ଦାସ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଦାସ କହିଥିଲେ। ଏହି ମିଶ୍ରଣ ପର୍ବରେ ସରପଞ୍ଚ ସୁରେଶ ବେହେରା, ଲକ୍ଷ୍ମୀବାଗ, ସଂଜୀବଚୁରା, ଗୁରୁବାରୁବାଚ, ନିତ୍ୟ ପୁରୁସେଠ, ସଦାନନ୍ଦ ତାଣ୍ଡି, ଲମ୍ବୁଧର ବେହେରା, ନଟବରସୁନା, ଉମାଶଙ୍କରସାହୁ, ଦେବ ସିଂବେହେରା, ପ୍ରଦୀପ ଜାଲ, ବନୁବାଗ, ସୁଶୀଲଶତପଥୀ, ମେଳାଗୁରୁ, ସଂଜୟ ପଟେଲ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡ଼ିରେ ଯୋଗଦେଲେ ଫିଲ୍ମ ଅଭିନେତ୍ରୀ ଜିନା ସାମଲ



ଭୁବନେଶ୍ୱର (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭୋଗରାଇ ନିର୍ବାଚନମଣ୍ଡଳୀର ତଥା ଓଡିଶାର ପ୍ରତିଷ୍ଠିତ ଫିଲ୍ମ ଓ ସିରିୟଲ ଅଭିନେତ୍ରୀ ଜିନା ସାମଲ ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଜିନା ସାମଲଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ଜିନା ସାମଲଙ୍କ ଯୋଗଦାନ ଫଳରେ ବିଶେଷ କରି ଭୋଗରାଇ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।







ନାମାଙ୍କନପତ୍ର ଦାଖଲ କରୁଛନ୍ତି ବିଜେଡ଼ି ବିଧାୟକ ପ୍ରାର୍ଥୀ (ଏକାମ୍ର) ଅଶୋକ ଚନ୍ଦ୍ର ପଣ୍ଡା, ଏକାମ୍ରର ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ ଓ ବିଜେପିର (ଉତ୍ତର) ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର

## ଧର୍ମେନ୍ଦ୍ରଙ୍କ ନିର୍ବାଚନ ପ୍ରଚାରର ମଙ୍ଗ ଧରିଛନ୍ତି
# ଆଇଏଫଏସ ଅଧିକାରୀ ବିନୟ ଶ୍ରୀକାନ୍ତ ପ୍ରଧାନ : ବିଜେଡି

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜନୈତିକ ପ୍ରଚାରରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି ନ୍ୟୁୟର୍କସ୍ଥିତ ଭାରତୀୟ କନ୍ସୁଲେଟ୍ ଜେନେରାଲ ଭାବେ କାର୍ଯ୍ୟରତ ଆଇଏଫ୍ଏସ୍ ଅଧିକାରୀ ବିନୟ ଶ୍ରୀକାନ୍ତ ପ୍ରଧାନ । ଏଭଳି କରି ସମ୍ପୃକ୍ତ ଆଇଏଫଏସ ଅଧିକାରୀ ସରକାରୀ ଆଚରଣ ବିଧିର ଘୋର ଉଲ୍ଲଙ୍ଘନ କରିଥିବା କହିଛନ୍ତି ବିଜେଡିର ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ।

ଡକ୍ଟର ପାତ୍ର କହିଛନ୍ତି ଯେ ନ୍ୟୁୟର୍କସ୍ଥିତ ଭାରତୀୟ କନ୍ ସୁଲେଟ୍ ଜେନେରାଲ୍ ଅଫ୍ ଇଣ୍ଡିଆର କନସୁଲ ଜେନେରାଲ ବିନୟ ଶ୍ରୀକାନ୍ତ ପ୍ରଧାନ ସମ୍ବଲପୁର ସଂସଦୀୟ ନିର୍ବାଚନମଣ୍ଡଳୀ ସୀମା ମଧ୍ୟରେ ରହି କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ବିଜେପିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାର ପରିଚାଳନା କରୁଛନ୍ତି । ଆଦର୍ଶ ଆଚରଣ ବିଧି ଏବଂ ନିର୍ବାଚନ ଆୟୋଗଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରିଛନ୍ତି । ଏ ନେଇ ୨୦୨୪ ଏପ୍ରିଲ ୨୪ତାରିଖରେ ଭାରତର ମୁଖ୍ୟ ନିର୍ବାଚନ କମିଶନର, ନିର୍ବାଚନ କମିଶନର ଏବଂ ଭାରତ ସରକାରଙ୍କ କ୍ୟାବିନେଟ୍ ସଚିବ ଏବଂ ବୈଦେଶିକ ସଚିବଙ୍କୁ ଅବଗତ କରାଯାଇଥିଲା । ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଥିବା ବେଳେ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଫ୍ ଅଫ୍ ଷ୍ଟାଫ୍ (ଓଏସଡି/ ବ୍ୟକ୍ତିଗତ ସଚିବ) ଭାବେ କାର୍ଯ୍ୟ କରୁଥିବା ବିନୟ ଶ୍ରୀକାନ୍ତ ପ୍ରଧାନ ଏବେ ବି ତାଙ୍କ ସହ ଘନିଷ୍ଠ ସମ୍ପର୍କ ବଜାୟ ରଖି ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି । ବର୍ତ୍ତମାନ



ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପି ପାଇଁ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଭାରତର ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରାଯାଇଥିଲା ଯେ ଭାରତୀୟ ଜନତା ପାର୍ଟିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ପ୍ରାୟ ଏକ ମାସ ଛୁଟିରେ ଥିବା ଏବଂ ଓଡ଼ିଶାର ସମ୍ବଲପୁର ଅଞ୍ଚଳରେ ଉପସ୍ଥିତ ଥିବା ଭାରତର ନ୍ୟୁୟର୍କରେ ଭାରତର କନସୁଲ ଜେନେରାଲଙ୍କ ଅନୁପସ୍ଥିତିର ତଦନ୍ତ ଆରମ୍ଭ କରାଯାଉ । ଗତ ଦୁଇ ସପ୍ତାହ ଧରି ସମ୍ବଲପୁର ସଂସଦୀୟ ନିର୍ବାଚନ ମଣ୍ଡଳୀ ପରିସରରେ ବିନୟ ଶ୍ରୀକାନ୍ତ ପ୍ରଧାନ କେଉଁ ବ୍ୟକ୍ତିଙ୍କ ସହ ଯୋଗାଯୋଗରେ ଅଛନ୍ତି, ସେ ସମ୍ପର୍କରେ ତଦନ୍ତ କରାଯାଇ ଆଇଏଫ୍ଏସ୍ ବିନୟ ଶ୍ରୀକାନ୍ତ ପ୍ରଧାନ ଦୋଷୀ ସାବ୍ୟସ୍ତ ହେଲେ ଜନପ୍ରତିନିଧି ଆଇନର ଧାରା ୧୯୫୧ର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ତାଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆଇଏଫ୍ଏସ୍ ବିନୟ ଶ୍ରୀକାନ୍ତ ପ୍ରଧାନଙ୍କ ଆଚରଣର ତଦନ୍ତର ଫଳାଫଳ ଆସିବା ବାକି ରହିଛି । ସମ୍ବଲପୁର ଓ ଓଡ଼ିଶାରେ ଅବାଧ ଓ ନିରପେକ୍ଷ ଭାବେ ନିର୍ବାଚନ କରାଇବା ପାଇଁ ଶ୍ରୀ ବିନୟ ଶ୍ରୀକାନ୍ତ ପ୍ରଧାନ ତୁରନ୍ତ କାର୍ଯ୍ୟରେ ଯୋଗ ଦେବା/ ତାଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ହଟାଇବାକୁ ନିର୍ଦ୍ଦେଶ ଦେବାକୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ଏହି ଚିଠିର ଆଉ କୌଣସି ଫଳାଫଳ ନ ମିଳିବାରୁ ୨୦୨୪ ଏପ୍ରିଲ ୨୬ ତାରିଖରେ ପୁଣି ଥରେ କେନ୍ଦ୍ର ସରକାରଙ୍କ ମୁଖ୍ୟ ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ବିନୟ ଶ୍ରୀକାନ୍ତ ପ୍ରଧାନଙ୍କ ଆଇନ ଉଲ୍ଲଙ୍ଘନ ପ୍ରସଙ୍ଗରେ ଆଉ ଏକ ଚିଠି ପଠାଯାଇଥିଲା । ତାଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ସିଇସିଙ୍କୁ ଅନୁରୋଧ କରାଯାଇଥିଲା । ୨୦୨୪ ଏପ୍ରିଲ ୨୪ତାରିଖର ଆବେଦନର ନକଲ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଇମେଲ୍ ଜରିଆରେ ଦାଖଲ କରାଯିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିଲା । ନିର୍ବାଚନ ଆୟୋଗ ଏ ଦିଗରେ ଦୃଢ଼ ଓ କଠୋର ପଦକ୍ଷେପ ନେବେ ବୋଲି ଡ. ପାତ୍ର ଆଶାବ୍ୟକ୍ତ କରିଛନ୍ତି ।

- ଶ୍ରୀ ପ୍ରଧାନ ଏବେ ନ୍ୟୁୟର୍କରେ ଭାରତୀୟ କନସୁଲେଟ ଜେନେରାଲ ଭାବେ କାର୍ଯ୍ୟରତ
- ସରକାରୀ ଆଚରଣ ବିଧିର ଘୋର ଉଲ୍ଲଙ୍ଘନ କରୁଛନ୍ତି ବିନୟ ଶ୍ରୀକାନ୍ତ ପ୍ରଧାନ
- ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ
- ବିନୟ ଶ୍ରୀକାନ୍ତଙ୍କ ବିରୁଦ୍ଧରେ ବୈଦେଶିକ ମନ୍ତ୍ରଣାଳୟକୁ ଅବଗତ କରିଛି ବିଜେଡି

# ଜଗତସିଂହପୁର ନିର୍ବାଚନମଣ୍ଡଳୀ ବିଜେଡି କର୍ମକର୍ତ୍ତା ସମ୍ମିଳନୀ

ଜଗତସିଂହପୁର (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସାରଦା ମଣ୍ଡପ ଠାରେ ବ୍ଲକ ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳ, ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡାକ୍ତର ରାଜଶ୍ରୀ ମଲ୍ଲିକ୍,ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ ବ୍ଲକ ଓ ପଞ୍ଚାୟତ ସ୍ତରରେ କମିଟି ଗଠନ ଉପରେ ଗୁରୁତ୍ୱ ଦେଇଥିଲେ ।ଆଗାମୀ ସାଧାରଣ ନିର୍ବାଚନରେ ଭୋଟର ନିକଟତର ହେବା ନିମନ୍ତେ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତରେ କମିଟି ଗଠନ କରାଯିବା ସହିତ ବୁଥସ୍ତରରେ କମିଟି କରାଯାଇ ବିଜୁ ଜନତା ଦଳର ଭୋଟ ବ୍ୟାଙ୍କ ବଢାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ଜନ ହିତକର ଯୋଜନା ବାବଦରେ ଘରକୁ ଘର ବୁଲି ଭୋଟରମାନଙ୍କୁ ସଚେତନ କରାଇବା ସହିତ




ପୁଣି ବିଜୁ ଜନତା ଦଳ କ୍ଷମତାକୁ ଆସିଲେ ଜିଲ୍ଲାର ତଥା ନିର୍ବାଚନ ମଣ୍ଡଳୀର କିଭଳି ଉନ୍ନତି ହେବ ସେ ଦିଗରେ ଭୋଟରଙ୍କୁ ଆକୃଷ୍ଟ କରାଇବା ପାଇଁ ପ୍ରୟାସ କରିବାକୁ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।ଏହି ସମ୍ମିଳନୀରେ ଚିରଞ୍ଜୀବ ବିଶ୍ୱାଳ,ପ୍ରଶାନ୍ତ ମୁଦୁଲି,ରାଜଶ୍ରୀ ମଲ୍ଲିକଙ୍କ ସମେତ ଜିଲ୍ଲା ସହକାରୀ ପର୍ଯ୍ୟବେକ୍ଷକ ଗିରିଶ ଦାଶ,ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ନାୟକ,ଜିଲ୍ଲା ବିଜେଡି ଉପସଭାପତି ଦିପ୍ତି ଦାସ, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା,ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା,ଯୁବ ନେତା ଦିଲ୍ଲିପ ସିଂହ,ଜଗଦାନନ୍ଦ ପଢିଆରୀ,ଶାରଦା ନନ୍ଦ,ଜିଲ୍ଲା ପରିଷଦ ସଦସ୍ୟ ବିବେକାନନ୍ଦ ବେହେରା,ଚିତ୍ତ ରଞ୍ଜନ ରାଉଳ,କନକ ସ୍ୱାଇଁ,ଅଦ୍ୱୈତ ଚରଣ ଜେନା,ପ୍ରଶାନ୍ତ କୁମାର ମଲ୍ଲିକ,ଲିପକ ସାହୁ,ଜଗନ୍ନାଥ ମୁଦୁଲି,ଜିଲ୍ଲା ଛାତ୍ର ସଭାପତି ଇଂ ସମିତ କୁମାର ଲେଙ୍କା,ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାଜୀବ ବେହେରା,ବ୍ଲକ ଯୁବ ସଭାପତି ସମ୍ବିତ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଜୁ ଜନତା ଦଳକୁ କିଭଳି ଆହୁରି ସଂଗଠିତ କରି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଓ ସାଂସଦ ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ରେକର୍ଡ ସଂଖ୍ୟା ଭୋଟ ବ୍ୟବଧାନରେ ବିଜୟୀ କରାଇବା ତା ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି ସମ୍ମିଳନୀରେ ବ୍ଲକର ୨୮ ଜଣ ସରପଞ୍ଚ ଓ ୩୦ ଜଣ ସମିତି ସଭ୍ୟ ଯୋଗ ଦେଇଥିବା ବେଳେ ସମସ୍ତ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ,ପଞ୍ଚାୟତ ସଭାପତି ଓ ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ବଜାଜ୍ ଆଲିଆ ଜେନେରାଲ ଇନସ୍ୟୁରାନ୍ସ ପ୍ରିଭେ ପ୍ରୋଗ୍ରାମ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ପ୍ରାଇଭେଟ୍ ଜେନେରାଲ ଇନସ୍ୟୁଅରରମାନଙ୍କ ମଧ୍ୟରୁ ଅନ୍ୟତମ ବଜାଜ୍ ଆଲିଆ୍ ଜେନେରାଲ ଇନସ୍ୟୁରାନ୍ସ ଆଜି ଏକ ବିଶେଷ ଗ୍ରାହକ ଅନୁଭବ କାର୍ଯ୍ୟକ୍ରମ ପ୍ରିଭେ ଆରମ୍ଭ କରିବାର ଘୋଷଣା କରିଛି ଯାହାକି ବର୍ଦ୍ଧିତ ଏବଂ ଅତୁଳନୀୟ ଗ୍ରାହକ ସେବା ପ୍ରାପ୍ତ କରିବାର ସୁବିଧା ପ୍ରଦାନ କରୁଛି. ପାରମ୍ପରିକ ଭାବରେ, ଭାରତରେ କିଛି ବର୍ଷ ମଧ୍ୟରେ ଇନସ୍ୟୁରାନ୍ସ ବ୍ୟବହାର ବଢ଼ାଇବା ପାଇଁ ମୁଖ୍ୟତଃ ଟାୟାର ୨/ଟାୟାର ୩ ଅଂଚଳ ଓ ଗାଁ ଗହଳିରେ ଥିବା ଗ୍ରାହକମାନଙ୍କ ସଂଖ୍ୟା ବୃଦ୍ଧି ଉପରେ ବିଶେଷ ଧ୍ୟାନ ଦିଆଯାଇଛି ।

## ବିଜେଡ଼ିରେ ଯୋଗଦେଲେ ଦେବଗଡ ନିର୍ବାଚନମଣ୍ଡଳୀର ବହୁ ନିର୍ବାଚିତ ପ୍ରତିନିଧି



ଭୁବନେଶ୍ୱର (ସବ୍ୟୁ): ଦେବଗଡ ନିର୍ବାଚନମଣ୍ଡଳୀର ତିଲେଇବଣି ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଭୁବନେଶ୍ୱର ଠାରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଉଦିତ କୁମାର ନାୟକ, ଅମୂଲ୍ୟ ଧାରୁଆ, ସନ୍ତୋଷ କୁମାର ମାଝୀ, ସସ୍ମିତା ଭୋଇ ଓ ସସ୍ମିତା ଏକ୍କା ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି । ଯୋଗଦେଇଥିବା ନିର୍ବାଚିତ ପ୍ରତିନିଧିଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ ଶ୍ରୀ ଦାସ । ଏହି ନିର୍ବାଚିତ ପ୍ରତିନିଧିମାନଙ୍କ ଯୋଗଦାନ ଫଳରେ ବିଶେଷ କରି ଦେବଗଡ ନିର୍ବାଚନମଣ୍ଡଳୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ଦାସ କହିଥିଲେ।

## ଅଲ୍ଟିମେଟ୍ ଇଲେକ୍ଟ୍ରୋଲାଇଟ ଡ୍ରିଙ୍କ୍ ହିମାଳୟା ରି-ହାଇଡ୍ରେଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): : ଭାରତର ଅଗ୍ରଣୀ ୱେଲ୍‌ନେସ୍ ବ୍ରାଣ୍ଡ ହିମାଳୟା ୱେଲ୍‌ନେସ୍ କମ୍ପାନୀ, ରିହାଇଡ୍ରେଶନ ଓ ଥକ୍କାପଣର ମୁକାବିଲା କରିବା ପାଇଁ ଏହାର ନୂତନ ଉତ୍ପାଦ ହିମାଳୟା ରି-ହାଇଡ୍ରେଟ୍‌ର ଉନ୍ମୋଚନ କରିଛି, ଯାହାକି ଦୁଇଟି ଫ୍ଲେଭର ଯଥା ଆପଲ ଓ ଅରେଞ୍ଜରେ ଉପଲବ୍ଧ ହେଉଛି । ଶରୀର ହରାଇଥିବା ପୋଷକତତ୍ତ୍ୱଗୁଡିକୁ ପୁଣିଥରେ ପୂରଣ କରିବା ପାଇଁ ଏହି ଇଲେକ୍ଟ୍ରୋଲାଇଟ୍ ଡ୍ରିଙ୍କକୁ ଯତ୍ନର ସହ ପ୍ରସ୍ତୁତ କରାଯାଇଛି ଯାହା ଉପଭୋକ୍ତାଙ୍କୁ ସତେଜ ଓ ଶକ୍ତିଶାଳୀ ଅନୁଭବ ଦେଇଥାଏ। ହିମାଳୟା ରି-ହାଇଡ୍ରେଟ୍‌କୁ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନଙ୍କ ପାଇଁ ୪୦% କମ୍ ଅତିରିକ୍ତ ଚିନି ଓ ୫୦% ଅଧିକ ଭିଟାମିନ ସି ସହିତ ବୈଜ୍ଞାନିକ ଭାବେ ଡିଜାଇନ କରାଯାଇଛି। ଭିଟାମିନ ସି ଥକ୍କାପଣକୁ ଶୀଘ୍ର ଦୂର କରୁଥିବା ବେଳେ କମ ଚିନି ପରିମାଣ ଆଜିର ସଚେତନ ଉପଭୋକ୍ତାମାନଙ୍କ ପସନ୍ଦ ସହ ଜଡିତ ରହିଛି।

## ରାଜ୍ୟରେ ମୁକ୍ତ ନିର୍ବାଚନ ପାଇଁ ସିଇଓଙ୍କୁ ଭେଟିଲା ବିଜେପି
# ସରକାରଙ୍କ ପରିଚାଳିତ 'ନୂଆ-ଓ' କଲ ସେଂଟରକୁ ବନ୍ଦ କରାଯାଉ : ଗୋଲକ

ଭୁବନେଶ୍ୱର (ସବ୍ୟୁ): ବିଜେଡି ଜାଣିଛି ଏଥର ନିର୍ବାଚନ ଫଳାଫଳ କ'ଣ ହେବ । ସେଥିପାଇଁ ବୃଦ୍ଧବୃଦ୍ଧାଙ୍କୁ ଭତ୍ତାର ଲୋଭ ଦେଖାଉଥିଲା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଛାଡର ଲୋଭ, କୃଷକଙ୍କୁ ଉତ୍ପାଦନର ମୂଲ୍ୟ ବୃଦ୍ଧିର ଆଶା ଦେଖାଇବା ପରେ ଏବେ ଛାତ୍ରଛାତ୍ରୀଙ୍କ ଉପରେ ନଜର ପକାଇଛି । ମୁଖ୍ୟମନ୍ତ୍ରୀଙ୍କ ଗୁମାସ୍ତା ତତ୍ତ୍ୱାବଧାନରେ ପୁଣି ରାଜ୍ୟ ସରକାରଙ୍କ ପରିଚାଳିତ 'ନୂଆ-ଓ' କଲ୍ ସେଂଟରରୁ କଲେଜ ପଢୁଆ ଯୁବକ ଯୁବତୀଙ୍କୁ ଫୋନ୍ କରି ବିଜେଡିକୁ ଭୋଟ ଦେବାକୁ କୁହାଯାଉଛି । ଯିଏ ମନା କରୁଛି ତାକୁ ସେମାନେ କହୁଛନ୍ତି ଆପଣ ଯେଉଁ ୧୦ହଜାର ଟଙ୍କା ପାଇଛନ୍ତି ତାହା ଶାସକ ଦଳ ତଥା ନବୀନ ସରକାର ଦେଇଛି। ବିଜେଡିର ଏଭଳି କାର୍ଯ୍ୟ ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଛି । ଶାସକ ବିଜେଡିର ଏହା ଚିରାଚରିତ ଅଭ୍ୟାସ ଏବଂ ଅତୀତରେ ମଧ୍ୟ ଏଭଳି ଘଟଣା ପ୍ରସଙ୍ଗରେ ଅନେକ ପ୍ରମାଣ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେଇଛି ବିଜେପି । ବିଜେଡିର ନୂଆ-ଓ କଲସେଂଟର ନମ୍ବର ୮୦୪୨୩୦୩୦୭୨ରେ କଲ୍ ଆସୁଛି। ଏନେଇ ଆଜି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀଙ୍କୁ ଭେଟି ପ୍ରମାଣପତ୍ର ଦେଇଛି। ବିଜେଡି ସରକାରୀ ଟଙ୍କାରେ କଲ ସେଂଟର ଲୋକଙ୍କୁ ଦରମା ଦେଉଛନ୍ତି । ସେମାନଙ୍କୁ ମଧ୍ୟ ନିଜ ଦଳୀୟ ପ୍ରଚାରରେ ଲଗାଉଛନ୍ତି । ବିଜେଡି ସମସ୍ତ କଲ୍ ସେଂଟର ବନ୍ଦ କରାଯିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ତଥ୍ୟ ଓ ପ୍ରମାଣ ସହ ଶାସକ ବିଜେଡି 'ନୂଆ-ଓ' ବିରୁଦ୍ଧରେ ବିଭିନ୍ନ ଅଭିଯୋଗକୁ ଉପସ୍ଥାପନ କରିଛୁ । ଏଭଳି ସମ୍ବେଦନଶୀଳ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟ ନିର୍ବାଚନ ଅଧିକାରୀ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ପୁଣି ଥରେ ଦାବୀ କରିଛୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା, କୃଷକମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ତୃପ୍ତିମୟୀ ମକଦମ ପ୍ରମୁଖ ଉପସ୍ଥିତ ଥିଲେ ।



# ସୋଆରେ ଡିବିଟିର ଦୁଇଦିନିଆ ସମୀକ୍ଷା ବୈଠକ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକନୋଲୋଜି (ଡିବିଟି) ଅଧିନସ୍ଥ ରିସର୍ଚ୍ଚ ରିସୋର୍ସ ସର୍ଭିସ ଫେସିଲିଟି ଆଣ୍ଡ ପ୍ଲାଟଫର୍ମସ (ଆରଆରଏସଏଫପି)ର ଟାସ୍କଫୋର୍ସ ସଭ୍ୟମାନଙ୍କ ଦୁଇଦିନିଆ




ସମୀକ୍ଷା ବୈଠକ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ବୈଠକରେ ଡିବିଟି - ଆରଆରଏସଏଫପି ଅଧିନସ୍ଥ ବିଭିନ୍ନ ପରିକଳ୍ପନା ଗୁଡିକର ସମୀକ୍ଷା କରାଯାଇଥିଲା । ଏଥିରେ ଦେଶର ୨୪ଟିରୁ ଅଧିକ ପ୍ରତିଷ୍ଠାନ ସେମାନଙ୍କ ଦ୍ୱାରା କରାଯାଉଥିବା ଗବେଷଣା କାର୍ଯ୍ୟର ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ କାର୍ଯ୍ୟଗୁଡିକର ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇଥିଲା। ଗବେଷଣା ପ୍ରତି ଛାତ୍ରଛାତ୍ରୀ ମାନଙ୍କ ଆଗ୍ରହ ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ବିଷୟ ମଧ୍ୟ ଆଲୋଚିତ ହୋଇଥିଲା । ସୋଆ ବିଶ୍ୱବିଦ୍ୟାଳୟରେ ହେଉଥିବା ଗବେଷଣା ବିଷୟରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା ।

ଏହି ବୈଠକରେ ଯୋଗଦେଇଥିବା ସଭ୍ୟମାନଙ୍କ ମଧ୍ୟରେ ଟାସ୍କଫୋର୍ସ ଅଧ୍ୟକ୍ଷ ପ୍ରଫେସର ଏମ.ରାଧାକୃଷ୍ଣ ପିଲାଇ (କେରଳସ୍ଥିତ ରାଜୀବ ଗାନ୍ଧୀ ସେଂଟର ଫର ବାୟୋଟେକ୍‌ନୋଲୋଜି ର ପୂର୍ବତନ ନିର୍ଦ୍ଦେଶକ), ଉପାଧ୍ୟକ୍ଷ ପ୍ରଫେସର ଏଲ.ଏସ୍.ଶଶୀଧର (ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ ସେଣ୍ଟର ଫର ବାୟୋଲୋଜିକାଲ ସାଇନସେସର ନିର୍ଦ୍ଦେଶକ) , ପ୍ରଫେସର ସୁନୀତ କୁମାର ସିଂହ(ଦିଲ୍ଲୀ ସ୍ଥିତ ଡ. ବି.ଆର.ଅମ୍ବେଦକର ସେଂଟର ଫର ବାୟୋକେମିକାଲ ରିସର୍ଚ୍ଚର ନିର୍ଦ୍ଦେଶକ), ପ୍ରଫେସର ରମେଶ ଶର୍ମା ( ଶିଲଂ ସ୍ଥିତ ନର୍ଥ ଇଷ୍ଟ ହିଲ ୟୁନିଭର୍ସିଟିର ଅବସର ପ୍ରାପ୍ତ ପ୍ରଫେସର), ଡ. ସୁବୀର ମଜୁମଦାର ( ଗାନ୍ଧୀନଗର ସ୍ଥିତ ଗୁଜୁରାଟ ବାୟୋଟେକ୍‌ନୋଲୋଜି ୟୁନିଭର୍ସିଟିର ଡାଇରେକ୍ଟର ଜେନେରାଲ), ପ୍ରଫେସର ଅଶ୍ୱନୀ ପାରିକ (ମୋହାଲି ସ୍ଥିତ ନ୍ୟାସ୍‌ନାଲ୍ ଏଗ୍ରି -ଫୁଡ ବାୟୋଟେକନୋଲୋଜି ଇନଷ୍ଟିଚ୍ୟୁଟର ଏଗଜିକ୍ୟୁଟିଭ୍ ଡାଇରେକ୍ଟର), ଡ. ମୁକେଶ ଜୈନ ପ୍ରମୁଖ ସଂଯୋଜକ ଭାବେ କାର୍ଯ୍ୟ କରିଥିବା ବେଳେ ସୋଆ ପକ୍ଷରୁ ସ୍କୁଲ ଅଫ୍ ଫାର୍ମାସୁଟିକାଲ୍ ସାଇନସେସର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି , ପ୍ରଫେସର ଗୌତମ ରଥ, ପ୍ରଫେସର ଦୁର୍ଗାମାଧବ କର ଓ ପ୍ରଫେସର ବି. ବି.ସୁବୁଦ୍ଧି ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ ।

## ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ
# ଏକାଦଶ ଶାମ୍ଭବୀ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରଣଜୀତ୍ ମାଝୀଙ୍କୁ ଶାମ୍ଭବୀ ପୁରସ୍କାର ୨୦୨୪ରେ ସମ୍ମାନିତ କରାଯାଇଛି । ଏହାସହିତ ଜୀବନଜୀବିକା ଓ ଆତ୍ମନିର୍ଭରଶୀଳତା ଦିଗରେ ତୃଣମୂଳସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ନିମନ୍ତେ ଶ୍ରୀମତି ସସ୍ମିତା ମଙ୍ଗରାଜଙ୍କୁ ଜୁରୀ ପ୍ରଶଂସାପତ୍ର ଦ୍ୱାରା ସମ୍ମାନିତ କରାଯାଇଛି । ଏହି ଅବସରରେ ମହାରାଷ୍ଟ୍ର ସ୍ଥିତ ମନ୍ ଦେଶୀ ବ୍ୟାଙ୍କ୍ ତଥା ମନ୍ ଦେଶୀ ଫାଉଣ୍ଡେସନ୍ ର ଅଧ୍ୟକ୍ଷା ଶ୍ରୀମତି ଚେତନା ସିହ୍ନା ମୁଖ୍ୟ ଅତିଥି ଏବଂ ୪୨ତମ ଉପ-ସେନା




ପ୍ରମୁଖ ତଥା ଦିଲ୍ଲୀ ସ୍ଥିତ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲର ସଦସ୍ୟ ଲେଫ୍ଟେନାଂଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ମନ୍ ଦେଶୀ ବ୍ୟାଙ୍କ୍ ତଥା ମନ୍ ଦେଶୀ ଫାଉଣ୍ଡେସନ୍ ର ଅଧ୍ୟକ୍ଷା ଶ୍ରୀମତି ଚେତନା ସିହ୍ନା କହିଛନ୍ତି ଯେ, ' ପ୍ରକୃତ ପରିବର୍ତ୍ତନ ଏକ ସାହସିକ ପଦକ୍ଷେପ ସହିତ ଆରମ୍ଭ ହୋଇଥିବାବେଳେ ଏହି ବିନମ୍ର ନାୟକମାନଙ୍କ ଛୋଟିଆ ସାହସିକ ପଦକ୍ଷେପ ଗରିବ ଓ ବଂଚିତ ଲୋକମାନଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି । ଆମେ ଏହି ବିନମ୍ର ନାୟକମାନଙ୍କୁ ସମ୍ମାନିତ କରିବା ଅବସରରେ ସାମାଜିକ ପରିବର୍ତ୍ତନର ଧାରା ଯୋଗୁଁ ସୃଷ୍ଟି ହୋଇଥିବା ଆଶାର ଏକ କିରଣ ଓ ସଶକ୍ତିକରଣ ଦିଗରେ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପର ସ୍ତୁତିଚାରଣ କରିବା ।

ସେହିପରି ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍‌ର ସିଇଓ ଏବଂ ଟ୍ରଷ୍ଟି ତଥା ଇ। ସିଏସ୍‌ଆର (ସ୍ପେସିଆଲ ଇନିସିଏଟିଭ) ର ମୁଖ୍ୟ ଶ୍ରୀମତି ଶୈଫାଳିକା ପଣ୍ଡା କହିଛନ୍ତି ଯେ, 'ବଂଚିତ ଲୋକମାନଙ୍କ ସେବା କରିବା ଓ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରଭାବୀ ପଦକ୍ଷେପ ନେବା ଆମର ଦାୟିତ୍ୱ। ଶାମ୍ଭବୀ ପୁରସ୍କାର ସାମୂହିକ ବିକାଶ ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଆଗଧାଡ଼ିର ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ଦୂରଦୃଷ୍ଟି ଓ ଅଭିଳାଷାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି । ଏହି ଅବସରରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ୪୨ତମ ଉପ-ସେନା ପ୍ରମୁଖ ତଥା ଦିଲ୍ଲୀ ସ୍ଥିତ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲର ସଦସ୍ୟ ଲେଫ୍ଟେନାଂଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି କହିଛନ୍ତି ଯେ, ' ସାମାଜିକ ପରିବର୍ତ୍ତନକାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରିବା ଅବସରରେ ଆମେ ଗୋଷ୍ଠୀମାନଙ୍କ ଉତ୍ଥାନ ଓ ସକରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେବା ପାଇଁ କଠିନ ପରିଶ୍ରମ କରୁଥିବା ଏହି ଲୋକମାନଙ୍କ ସ୍ଥିରତା ଓ ପ୍ରତିବଦ୍ଧତାକୁ ମଧ୍ୟ ସମ୍ମାନ ଜଣାଇବା ଉଚିତ।ଶାମ୍ଭବୀ ପୁରସ୍କାର ମଧ୍ୟରେ ସନ୍ନିବିଷ୍ଟ ସାହସ, ଅନୁଶାସନ ଓ ସଚ୍ଚୋଟତା ଭଳି ଗୁଣ ଆଗାମୀ ପିଢିର ମାର୍ଗଦର୍ଶନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

## ନିର୍ବାଚନୀ ସଭାରେ ପାଣ୍ଡିଆନଙ୍କ ଯୋଗଦାନ

# ବିଜେଡି ଶିବିରରେ ଉତ୍ସାହ



ବୁଗୁଡା, (ସବ୍ୟୁ) : ସ୍ଥାନୀୟ ଶକ୍ତିନଗର ସ୍ଥିତ ମୀନାବଜାର ପଡିଆରେ ବିଜେଡି ପକ୍ଷରୁ ଏକ ବିରାଟ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଫାଇପ-ଟି ଏବଂ ଆମ ଓଡିଶା ନବୀନ ଓଡିଶା ଅଧ୍ୟକ୍ଷ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍ ଯୋଗ ଦେଇ ପୋଲସରା ବିଧାନସଭା ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଏବଂ ଆସ୍କା ଲୋକସଭା ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥି ସହ ପୋଲସରା ନିର୍ବାଚନ ମଣ୍ଡଳୀରେ ରହିଥିବା ବୁଗୁଡାର ବିରଞ୍ଚି ନାରାୟଣ ମନ୍ଦିର, ବୁଦ୍ଧଖୋଲ ଶୈବପୀଠ ଓ ଶାଙ୍କୁଳାଇ ମନ୍ଦିର, ପୋଲସରାର ମାର୍ଦା ମନ୍ଦିର ଓ ରୁମାଗଡର ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ନିମନ୍ତେ କୋଟିକୋଟି ଟଙ୍କା ପ୍ରଦାନ ନବୀନ ସରକାରଙ୍କ ଅବଦାନ ବୋଲି ଦର୍ଶାଇ ଥିଲେ। ଏଥି ସହ ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଥିବା ଶ୍ରୀକାନ୍ତ ସାହୁ ଏବଂ ପ୍ରଥମ ଥର ପାଇଁ ଲୋକସଭାରେ ପାଦ ଥାପିବାକୁ ଆଶା ବାନ୍ଧିଥିବା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଉପସ୍ଥିତ ହଜାର ହଜାର ଲୋକଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ଆସନ୍ତା ମେ ୨୦ ତାରିଖ ଦିନ ଭୋଟ କେନ୍ଦ୍ରକୁ ଯାଇ ନିଜ ନିଜର ମୂଲ୍ୟବାନ ଭୋଟକୁ ଶଙ୍ଖ ଚିହ୍ନରେ ଟିପିବାକୁ ନିବେଦନ କରିଥିଲେ । ବୁଗୁଡା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ବ୍ଲକ ବିଜେଡି ସଭାପତି ଇ.ମଦନ ଗୋପାଳ ଦୋରା ଓ ଏନ୍ଏସି ସଭାପତି କେ.ତ୍ରିଲୋଚନ ଦୋରା ଏବଂ ଦଳୀୟ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ସମେତ ପୋଲସରା ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକଙ୍କ ଗହଳି ଚହଳି ମଧ୍ୟରେ ଫାଇଭ୍-ଟି ଅଧ୍ୟକ୍ଷଙ୍କ ନିର୍ବାଚନୀ ଗସ୍ତ ଓ ମହାସଭା କାର୍ଯ୍ୟକ୍ରମ ପୋଲିସର କଡା ସୁରକ୍ଷା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ବେଳେ ବିଜେଡି ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

# ଟାଟା ଷ୍ଟିଲ୍ ଗ୍ରିନ୍ ହାଇଡ୍ରୋଜେନ୍-ଗ୍ରିନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର




ବ୍ରହ୍ମପୁର, (ସବ୍ୟୁ): ଟାଟା ଷ୍ଟିଲ୍ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍ଏସ୍ଇଜେଡ୍ଏଲ୍) ଏବଂ ଏଚ୍ଏଚ୍ପି ଫାଇଭ୍ ପ୍ରାଇଭେଟ୍ ଲିମିଟେଡ୍ (ହାଇଜେନ୍କୋ) ମଧ୍ୟରେ ଓଡ଼ିଶାର ଟିଏସ୍ଏସ୍ଇଜେଡର ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ଗ୍ରିନ୍ ହାଇଡ୍ରୋଜେନ୍ ଏବଂ ଗ୍ରିନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଏହି ଚୁକ୍ତି ଅନୁଯାୟୀ ହାଇଜେନ୍କୋ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ଏହାର ଗ୍ରିନ୍ ହାଇଡ୍ରୋଜେନ, ଗ୍ରିନ୍ ଆମୋନିଆ ଏବଂ ଡେରିଭେଟିଭ୍ ୟୁନିଟ୍ ସ୍ଥାପନ କରିବ । ସର୍ବନିମ୍ନ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନରେ ଅଗ୍ରଣୀ ଥିବା ହାଇଜେନ୍କୋ କମ୍ପାନି ପର୍ଯ୍ୟାୟକ୍ରମେ ବାର୍ଷିକ ଏକ ମିଲିୟନ୍ ଟନ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି ।

କମ୍ପାନୀ ଡିସେମ୍ବର ୨୦୨୬ ସୁଦ୍ଧା ପ୍ରକଳ୍ପର ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଟାଟା ଷ୍ଟିଲ୍ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍ଏସ୍ଇଜେଡ୍ଏଲ୍) ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି ଯେ, ହାଇଜେନକୋ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ଆମେ ବହୁତ ଖୁସି। ଏହାକୁ ମିଶାଇ ଶିଳ୍ପ ପାର୍କରେ ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆ ଉତ୍ପାଦନର ସମୁଦାୟ କ୍ଷମତା ଏବେ ବାର୍ଷିକ ପ୍ରାୟ ୨.୬ ମିଲିୟନ ଟନରେ ପହଂଚିଛି । ଏହା ଆମ ଶିଳ୍ପ ପାର୍କକୁ ଭାରତରେ ଏକ ଗ୍ରିନ୍ ହାଇଡ୍ରୋଜେନ ଏବଂ ଆମୋନିଆ ହବ୍ ଭାବରେ ସୁଦୃଢ଼ କରିଛି । ଆମର ପ୍ରୟାସ ହେଉଛି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା। ଯେଉଁଠାରେ ନିବେଶକମାନେ ସେମାନଙ୍କ ବ୍ୟବସାୟ କରିବା ପାଇଁ ଆବଶ୍ୟକ ଭିତିଭୂମି ପାଇପାରିବେ। ଗ୍ରିନ୍ ହାଇଡ୍ରୋଜେନ ଏବଂ ଆମୋନିଆ ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଏବଂ ଜଳ ଭିତିଭୂମିର ଅଭିବୃଦ୍ଧି ସବୁଜ ଇନ୍ଧନ କ୍ଷେତ୍ରକୁ ଆହୁରି ସହଜ କରିବ ହାଇଜେନ୍କୋର ପ୍ରତିଷ୍ଠାତା ତଥା ସିଇଓ ଅମିତ ବଂଶଲ କହିଛନ୍ତି ଯେ, ଚଳିତ ବର୍ଷ ପ୍ରାରମ୍ଭରେ ଭାରତର ପ୍ରଥମ ଗ୍ରିନ୍ ହାଇଡ୍ରୋଜେନ ପ୍ରକଳ୍ପ ଆରମ୍ଭ କରି ଆମେ ଆମର ଦକ୍ଷତା ପ୍ରଦର୍ଶନ କରିସାରିଥିବା ବେଳେ ଆମେ ଏହି ପ୍ରକଳ୍ପରେ ଆମର ଉନ୍ନତ ଜ୍ଞାନକୌଶଳର ପ୍ରୟୋଗକୁ ବିସ୍ତାର କରିବୁ । ଏହାଦ୍ୱାରା ଆମର ଗ୍ରାହକଙ୍କ ପାଇଁ ସର୍ବନିମ୍ନ ମୂଲ୍ୟର ଗ୍ରିନ୍ ଆମୋନିଆ ଉପଲବ୍ଧ ହେବ । ବିଶ୍ୱବ୍ୟାପୀ ଏହି କ୍ଷେତ୍ରରେ ଏକ ପ୍ରଭାବଶାଳୀ ସଂସ୍ଥା ଭାବେ ହେବାର, ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାରଖାନାରୁ ଉତ୍ପାଦ ରପ୍ତାନି କରାଯିବ। ସେଥିପାଇଁ ବିଭିନ୍ନ ଗ୍ରାହକଙ୍କ ସହ ଆଲୋଚନା ହୋଇସାରିଛି ।

ଏହି କାରଖାନାରେ ଉତ୍ପାଦିତ ଗ୍ରିନ୍ ଆମୋନିଆ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି) ନିକଟରେ ଥିବା ବର୍ତମାନର ଗୋପାଳପୁର ବନ୍ଦର ମାଧ୍ୟମରେ ରପ୍ତାନି କରାଯିବ। ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି) ଏବଂ ଗୋପାଳପୁର ବନ୍ଦର ମଧ୍ୟରେ ନିର୍ମାଣାଧୀନ ୟୁଟିଲିଟି କରିଡର ପ୍ରକଳ୍ପ ପାଇଁ ଲଜିଷ୍ଟିକ୍ସ ଏବଂ ପାଇପଲାଇନ ସଂଯୋଗକୁ ଆହୁରି ସୁଦୃଢ଼ କରିବ। ହାଇଜେନ୍କୋ ଭାରତରେ ଗ୍ରିନ୍ ହାଇଡ୍ରୋଜେନର ଅନେକ ଦୀର୍ଘକାଳୀନ ପ୍ରସ୍ତାବ ସ୍ୱାକ୍ଷର କରିଛି । ଯେଉଁଥିରେ ହରିୟାଣାର ହିସାରଠାରେ ଆରମ୍ଭ ହୋଇଥିବା ପ୍ରଥମ ମେଗାୱାଟ ସ୍କେଲ ପ୍ଲାଂଟ୍ ମଧ୍ୟ ସାମିଲ ରହିଛି । ପୂର୍ବରୁ ଟିଏସ୍ଏସ୍ଇଜେଡ୍ ପକ୍ଷରୁ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ ପ୍ରକଳ୍ପ ପାଇଁ ଉତ୍ପାଦନକାରୀଙ୍କ ସହ ବାର୍ଷିକ ୧.୬ ମିଲିୟନ ଟନ ପ୍ରକଳ୍ପ ପାଇଁ ଅନୁରୂପ ବୁଝାମଣା ସ୍ୱାକ୍ଷର କରାଯାଇଛି ।

## ବାଇକ୍ ରାଲିରେ ଶକ୍ତି ପ୍ରଦର୍ଶନ

# ବିଜେପିରୁ ଗୋକୁଳାନନ୍ଦଙ୍କ ପ୍ରାର୍ଥିପତ୍ର ଦାଖଲ



ପୋଲସରା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପୋଲସରା ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ଶୁକ୍ରବାର ଦିନ ନାମାଙ୍କନ ପତ୍ର ଛତ୍ରପୁର ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଶ୍ରୀ ମଲ୍ଲିକ ବୁଗୁଡ଼ା ଓ ପୋଲସରାରେ ୪୦୦୦ରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ରାଲିରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଗୋକୁଳାନନ୍ଦଙ୍କ ବୁଗୁଡ଼ା ସ୍ଥିତ ନିଜ ବାସଭବନରେ ବିଜେପି ସମର୍ଥକ ମାନେ ପହଞ୍ଚିଥିଲେ। ଦିବା ୧୦ଘଣ୍ଟା ସମୟରେ ସେଠାରୁ ବିରାଟ ପଟୁଆରରେ ବୁଗୁଡ଼ାରେ ରୋଡସୋ କରି ପୋଲସରା ଅଭିମୁଖେ ବାହାରିଥିଲେ । ପୋଲସରାର ବେଲଗାଁ ଛକଠାରୁ ପୁଣି ଗୋକୁଳାନନ୍ଦ ମଲ୍ଲିକ, ଯୁବ ସଂଗଠକ ପ୍ରଭାକର ପଣ୍ଡା, ଦୀପକ କୁମାର ପ୍ରଧାନ ଏବଂ ଆସିକା ଲୋକସଭା ବିଜେପି ପ୍ରାର୍ଥୀନୀ ଅନିତା ଶୁଭଦର୍ଶୀନୀ, ସୁଶ୍ରୀ ଆରତୀ ଦେବୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା।

ପରେ ପୋଲସରା ମୁଖ୍ୟ ସଡ଼କ ଦେଇ ଜନସାଧାରଣ ତଥା ଭୋଟର ମାନଙ୍କୁ ଭୋଟ ଭିକ୍ଷା ଆଶୀର୍ବାଦ ମାଗି ଛତ୍ରପୁର ଅଭିମୁଖେ ବାହାରିଥିଲେ। ଆଜିର ଏହି ବିରାଟ ରାଲିରେ ସହରରେ ୪୦୦୦ରୁ ଉର୍ଦ୍ଧ୍ୱ ବାଇକ୍ ଏବଂ ୩୦ରୁ ଉର୍ଦ୍ଧ୍ୱ ବୋଲରରେ ପ୍ରାୟ ୮୦୦୦ରୁ ଉର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ଆଇଆଇସି କୌଶିକ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ପାଟ୍ରୋଲିଂକୁ କଡାକଡି କରାଯାଇଥିଲା ।

## ବିଜେଡି ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣି ବୈଦ୍ୟ ଓ ଲତିକା ପ୍ରଧାନଙ୍କ ନାମାଙ୍କନ ଦାଖଲ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ଖଲିକୋଟ ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀନୀ ସୂର୍ଯ୍ୟମଣି ବୈଦ୍ୟ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ହଜାର ହଜାର ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରାରେ ଛତ୍ରପୁର ଉପ -ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ । ପରେ ନିର୍ବାଚନ ଅଧିକାରୀ ତଥା ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତଙ୍କ ନିକଟରେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀନୀ ଲତିକା ପ୍ରଧାନ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ହଜାର ହଜାର ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରା ରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ, ପରେ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେସେ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ବାଲେଶ୍ୱର, (ସବ୍ୟୁ): ଶୁକ୍ରବାର ବାଲେଶ୍ୱର ପୌରପରିଷଦ ୧୧ନଂଓ ୩ନଂ ୱାର୍ଡରେ ଅନୁଷ୍ଠିତ ହୋଇଥିଲା ଘରେ ଘରେ ଶଂଖ କାର୍ଯ୍ୟକ୍ରମ।ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପାର୍ଥିଙ୍କୁ ଶଂଖ ଚିହ୍ନରେ ଆଶିର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ,ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ,ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ରଂଜନ ବାଗ,କାଉନସିଲର ସେକ ନୌସାଦ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ,ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ଜୟଶ୍ରୀ ବିଶ୍ୱାଳ,ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟ୍ଟାଜୀ,କାଉସିଲର କାର୍ତ୍ତିକ ସାହୁ,ସେକ ଆୟୁବ,ପୂର୍ବତନ କାଉସିଲର ସାକିର ଖାନ,ଅଶୋକ ଆଢ୍ୟ,ବିଧାୟକଙ୍କ ପ୍ରତିନିଧି ଅଭିଜିତ ଦାସ,ବିଜେଡି ନେତା ଜଗନ୍ନାଥ ମହାରଣା ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

## ଜେଏମଏମ ପକ୍ଷରୁ ଲୋକସଭା ଓ ସାରସକଣା ବିଧାନସଭାରୁ ଲଢ଼ିବେ ଅଞ୍ଜନୀ ସୋରେନ୍



ବାରିପଦା, (ସବ୍ୟୁ) : ଜେଏମଏମ ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଲୋକସଭା ଓ ୫ଟି ବିଧାନସଭା ପାଇଁ ଜେଏମଏମ ସୁପ୍ରିମୋ ଶିବୁ ସୋରେନ୍ଙ୍କ ଅନୁମୋଦନ କ୍ରମେ କେନ୍ଦ୍ରୀୟ ମହାସଚିବ ବିନୋଦ କୁମାର ପାଣ୍ଡେୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି ।

ମୟୂରଭଞ୍ଜ ଲୋକସଭା ଓ ସାରସକଣା ବିଧାନସଭା ଆସନ ପାଇଁ ଶିବୁ ସୋରେନ୍ଙ୍କ ଝିଅ ତଥା ଓଡିଶା ରାଜ୍ୟ ଜେଏମଏମ ମୁଖ୍ୟ ଅଞ୍ଜନୀ ସୋରେନ୍ଙ୍କ ନାମ ଘୋଷଣା କରାଯାଇଛି । ଫଳରେ ଅଞ୍ଜନୀ ସୋରେନ୍ ଉଭୟ ମୟୂରଭଞ୍ଜ ଲୋକସଭା ଓ ସାରସକଣା ବିଧାନସଭା ପାଇଁ ପ୍ରତିଦ୍ୱନ୍ଦିତା କରିବେ । ସେହିପରି ରାଇରଙ୍ଗପୁର ବିଧାନସଭା ପାଇଁ ସୁନାରାମ ଟୁଡୁ, ବାଙ୍ଗିରିପୋଷି ବିଧାନସଭା ପାଇଁ ବିଷ୍ଣୁ ସିଂ, ମୋରଡା ବିଧାନସଭା ପାଇଁ କୃଷ୍ଣଚନ୍ଦ୍ର ଦାସ ଓ ଉଦଳା ବିଧାନସଭା ପାଇଁ ଚକ୍ରଧର ସିଂଙ୍କ ନାମ ଘୋଷଣା କରାଯାଇଛି ।

ଜେଏମଏମ ର ପ୍ରାର୍ଥୀ ଘୋଷଣା ପରେ ମୟୂରଭଞ୍ଜରେ ବିଜେପି, ବିଜେଡି ଓ ଜେଏମଏମ ମଧ୍ୟରେ କଡା ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାଯାଇଛି । ପୂର୍ବରୁ ମୟୂରଭଞ୍ଜ ଲୋକସଭା ଓ ସମସ୍ତ ବିଧାନସଭା ଆସନ ପାଇଁ ବିଜେପି ଓ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛନ୍ତି ।

## ବିଭିନ୍ନ ଅଞ୍ଚଳରେ କେ. ଅନିଲ କୁମାରଙ୍କ ଭୋଟ ଭିକ୍ଷା

ବ୍ରହ୍ମପୁର, (ସବ୍ୟୁ): ଆଜି ବ୍ରହ୍ମପୁର ବିଜେପି ବିଧାୟକ ପ୍ରାର୍ଥୀ ତାଙ୍କର ଶହଶହ ସମର୍ଥକଙ୍କ ସହ ଗାନ୍ଧୀ ନଗର, ଆସ୍କା ରୋଡ୍, ତାଲୁକା, ସାର୍ଗୁଣା ସାହି, ପାଣିଗ୍ରାହୀ ନଗର, ଗଣପତି ନଗର, ଆନନ୍ଦ ନଗର ଓ ରଘୁପତି ନଗର ପ୍ରଭୃତି ସାହିକୁ ସାହି ବୁଲି ଭୋଟ ଭିକ୍ଷା କରିଛନ୍ତି। ବିଭିନ୍ନ ଜାଗାରେ ବିଜେପି ପ୍ରାର୍ଥୀ କେ.ଅନିଲ କୁମାରଙ୍କୁ ଲୋକମାନେ ବିପୁଳ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଭିନ୍ନ ପଥପ୍ରାନ୍ତ ସଭାମାନଙ୍କରେ କେ. ଅନିଲ କୁମାର କହିଛନ୍ତି ସହରକୁ ଅପରାଧ ମୁକ୍ତ କରିବା ଓ ଏକ ବିକାଷଶୀଳ ବ୍ରହ୍ମପୁର ଗଠନ ପାଇଁ ବିଜେପିକୁ ଭୋଟ ଦିଅନ୍ତୁ। ଶାସକ ବିଜୁ ଜନତା ଦଳର ପ୍ରାର୍ଥୀ ଏଠାରୁ ପାଞ୍ଚ ଥର ନିର୍ବାଚିତ ହୋଇ ପରିକ୍ଷିତ ହୋଇସାରିଛନ୍ତି । ମୋତେ ଥରେ ଆଶ୍ରିବାଦ କରନ୍ତୁ ଓ ବିଧାନସଭା ପଠାନ୍ତୁ ବୋଲି ଶ୍ରୀ ଅନିଲ କୁମାର ଭୋଟର ମାନଙ୍କୁ ନିବେଦନ କରିଥିଲେ । ଆଜିର କାର୍ଯକ୍ରମରେ ରଞ୍ଜିତ ପଟ୍ଟନାୟକ, ଅଶୋକ ଶୁକ୍ଳ, ବଦ୍ରି ନାୟକ, ବିଷ୍ଣୁ ସୁବୁଦ୍ଧି, ପତିତ ଗନ୍ତାୟତ, ଟି. ଗୋପୀ, ସୁଲଭ ପଣ୍ଡା, ସସ୍ମିତ ପଟ୍ଟନାୟକ, ମାନସ ପଣ୍ଡା, ସୁନିଲ ପଣ୍ଡା, ଲୋକନାଥ କର, ତୁତୁନ ପାତ୍ର, ପ୍ରଭାତ ଷଡ଼ଙ୍ଗୀ, ସୁନିଲ ସାହୁ, ମାନିତା ଦାସ, ବର୍ଷା ପ୍ରିୟଦର୍ଶନୀ ପ୍ରଭୃତି ଯୋଗ ଦେଇଥିଲେ ।

## ଶୋଭାଯାତ୍ରାରେ ଯାଇ ନାମାଙ୍କନ ଭରିଲେ ଗୋକୁଳାନନ୍ଦ

ବୁଗୁଡ଼ା, (ସବ୍ୟୁ): ପୋଲସରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୋକୁଳାନନ୍ଦ ବୁଗୁଡ଼ା ନିକଟସ୍ଥ ମାଳିଝୋଳା ମନ୍ଦିରରୁ ବାହାରି ବାଜା ବାଜଣା ଓ ବାଣ ପଟୁଆରରେ ସହର ପରିକ୍ରମା କରିବା ପରେ ପୋଲସରା ଦେଇ ଛତ୍ରପୁର ଅଭିମୁଖେ ଯାଇ ନାମାଙ୍କନ ଦାଖଲ କରିଥିବା ଜଣା ପଡିଛି ।

ଏହି ଶୋଭାଯାତ୍ରାରେ ବିଜେପି ସାଂସଦ ପ୍ରାର୍ଥିନୀ ଅନିତା ପ୍ରିୟଦର୍ଶନୀ, ଘୁମୁସର ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବ ସଭାପତି ଦୀପକ ପ୍ରଧାନ, ନାରୀନେତ୍ରୀ ଆରତୀ ଦେବୀ, ଗଙ୍ଗାଧର ନାୟକ, ମନୋଜ ରଥ, ସୁନୀଲ ପାଢ଼ୀ, ବବଲୁ ନାୟକ, ମହେନ୍ଦ୍ର ପଣ୍ଡା,କେଦାର ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର, ହରେକୃଷ୍ଣ ସାହୁ, ଶାନ୍ତନୁ ନାୟକଙ୍କ ସମେତ ବୁଗୁଡ଼ା ଓ ପୋଲସରା ବ୍ଲକର ବହୁ କର୍ମୀ ଓ ନେତା ସାମିଲ ହୋଇଥିଲେ ।

## ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ସମ୍ମାନିତ ହେଲେ ପାଇପ ମିସ୍ତ୍ରୀ ବାବୁଲା



ଛତ୍ରପୁର, (ସବ୍ୟୁ): ଖରା, ବର୍ଷା ଶୀତକୁ ଖାତିର ନକରି ଶ୍ରମିକଟିଏ ଦିନସାରା କାର୍ଯ୍ୟ କରିଥାଏ । ତାପ୍ରତି ବଦଳରେ ସେମାନଙ୍କୁ କିଛି ଦିନ ମଜୁରି ମିଳିଥାଏ। ହେଲେ, ସେମାନଙ୍କୁ ସମ୍ମାନ ଦେବା ପାଇଁ ବର୍ଷକୁ ଥରେ ସେମାନଙ୍କ ପାଇଁ ମଇ ୧ ତାରିଖକୁ ଶ୍ରମ ଦିବସ ଭାବେ ସାରା ବିଶ୍ୱ ପାଳନ କରିଥାଏ । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ନାଉଳି ଗ୍ରାମର ବାବୁଲା ନାହାକଙ୍କୁ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧାଲୋ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଆନ୍ତଃଜାର୍ତିୟ ଶ୍ରମିକ ଦିବସ ପାଳନ ଅବସରରେ ସମ୍ମାନିତ କରାଯାଇଛି । ବାବୁଲା ନାହାକ ଜଣେ ଉତ୍ତମ ପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟ କରି ଅଂଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି ।

ଗାଁ ଗାଁରେ ବହୁ ନିର୍ମାଣ ଘରକୁ ଜଳ ଯୋଗାଣ କରିବା ସହିତ ଘରେ ଘରେ ପାଇଖାନା ନିର୍ମାଣ କରି ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିଆସିଥିବାରୁ ତାଙ୍କୁ ଉକ୍ତ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି । ସେ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇଛନ୍ତି । ତାଙ୍କର ଉତ୍ତମ କାର୍ଯ୍ୟ କଳାପ ଯୋଗୁଁ । ଗଞ୍ଜାମ ଜିଲ୍ଲା ସମାଜ ବିକାଶ କର୍ମ ଜୀବୀ ଶ୍ରମିକ ସଂଘ ପକ୍ଷରୁ ତାଙ୍କ ନାମ ରାଜ୍ୟ ସ୍ତରକୁ ପଠାଯାଇଥିବା ବେଳେ ତାଙ୍କୁ ଏହି ସମ୍ମାନ ମିଳିପାରିଥିବାରୁ ସେ ବହୁତ ଖୁସି ପ୍ରକଟ କରିଛନ୍ତି । ଏହି ସମ୍ମାନ ପାଇବା ପରେ ଗଞ୍ଜାମ ଜିଲ୍ଲା ସମାଜ ବିକାଶ କର୍ମଜିବୀ ଶ୍ରମିକ ସଂଘର ସଭାପତି କାଳୁ ଚରଣ ନାୟକ ଶୁଭେଚ୍ଛା ଦେବା ସହ ତାଙ୍କ ଉତ୍ତମ ଭବିଷ୍ୟତ କାମନା କରିଛନ୍ତି ।

## ଏମ୍ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ



ବାରିପଦା, (ସବ୍ୟୁ) : ଗଣମାଧ୍ୟମ ସମାଜର ଆଖି, କାନ ଓ ମସ୍ତିଷ୍କ । ଗଣମାଧ୍ୟମ ସୂଚନା ପ୍ରଦାନ କରେ, ସତ୍ୟର ଉଦଘାଟନ କରେ । ସଫଳତା ଓ ବିଫଳତାର ଚିତ୍ର ଆଙ୍କେ, ସଭ୍ୟତାର ନବ ନିର୍ମାଣ ଭିତ୍ତିଭୂମି ପ୍ରସ୍ତୁତ କରେ । ଗଣମାଧ୍ୟମର ଉତ୍ତର ଦାୟିତ୍ୱ କଥା କେବଳ ଭାବିଲେ ହେବ ନାହିଁ ଗଣମାଧ୍ୟମର ପ୍ରତିନିଧିମାନଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେବା ସହ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଏମ୍ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏ ବର୍ଷର ଥିମ୍ ଅନୁଯାୟୀ ବିଶ୍ୱ ପରିବେଶ ସଙ୍କଟରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ କଲେଜର ବିଭାଗୀୟ ମୁଖ୍ୟ ଡଃ ଆଶୁତୋଷ ପ୍ରୟାସ ଦାଶ ସ୍ୱାଗତ ଭାଷଣ କ୍ରମରେ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ପ୍ରକୃତି ପରିବେଶ, ପୃଥିବୀ ପାଇଁ ଆମେ ସମସ୍ତେ ଜଣେ ଜଣେ ସାମ୍ବାଦିକ ହେବା ଜରୁରୀ ବୋଲି କହିଥିଲେ । କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ କହିଲେ ଯେ, ଗ୍ରୀନ୍ ଜର୍ଣ୍ଣାଲଜିମ୍ ବା ପରିବେଶ ସାମ୍ବାଦିକତାର ଆବଶ୍ୟକତା ସାମ୍ପ୍ରତିକ ସମୟର ଏକ ବଡ଼ ଆହ୍ୱାନ । ମଣିଷ ଭଳି ଅନ୍ୟ ଜୀବ ଜନ୍ତୁ ଙ୍କୁ ଉଚିତ୍ ସମ୍ମାନ କରିବାର ଆବଶ୍ୟକତା ରହିଛି । ପ୍ରକୃତି ଉପରେ ମଣିଷ କରୁଥିବା ନାନାଦି ପରୀକ୍ଷା ନିରିକ୍ଷାର ପରିଣାମ ସ୍ୱରୂପ ଅଦିନିଆ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି, ଭାରତୀୟ ସମ୍ବିଧାନରେ ପରିବେଶ ସୁରକ୍ଷାରେ ନାଗରିକଙ୍କ ଦାୟୀତ୍ୱ ନେଇ ସ୍ପଷ୍ଟ ଉଲ୍ଲେଖ ରହିଛି । ବାରିପଦାର ପରିବର୍ତ୍ତିତ ପାଣିପାଗ ନେଇ ସେ ଏକ ଗବେଷଣା ନିବନ୍ଧ ପ୍ରସ୍ତୁତ କରିଥିବାର ସୂଚନା ଦେଇଥିଲେ । ପରିବେଶବାଦୀ ସାମ୍ବାଦିକଙ୍କୁ ସମ୍ମାନ ସ୍ୱରୂପ ଉପସ୍ଥିତ ସମସ୍ତଙ୍କୁ ଦଣ୍ଡାୟମାନ ହେବାକୁ ଆହ୍ୱାନ ଦେଇଥିଲେ । ଶୈକ୍ଷିକ ମୁଖ୍ୟ ଡଃ ଆଲବେର୍ଟିନା ତିର୍କୀ ନିଜ ବକ୍ତବ୍ୟରେ ପରିବେଶର ସୁରକ୍ଷା ନେଇ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମର ଆବାହକ ଡଃ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଦେଶର ପ୍ରମୁଖ ପରିବେଶବାଦୀ ସାମ୍ବାଦିକଙ୍କର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଆଂଚଳିକ ସ୍ତରରୁ ଗଣମାଧ୍ୟମର ପରିବେଶ ସଚେତନତା ପଦକ୍ଷେପ ଆରମ୍ଭ ଉପରେ ଗୁରୁତ୍ୱାରୋପ କରିଥିଲେ । କଲେଜର ପ୍ରସାଶନିକ ମୁଖ୍ୟ ଡଃ ଦୀପକ କୁମାର ବେହେରା ନିଜ ବକ୍ତବ୍ୟରେ ମହାଭାରତର ସଞ୍ଜୟ ପରି ନିଜର ଭୂମିକା ତୁଲାଉ ଥିବା ସାମ୍ବାଦିକମାନେ ନିଜର କର୍ତ୍ତବ୍ୟ ସହ ମାନବିକତା ଉପରେ ଦୃଷ୍ଟି ଦେବାକୁ ମତ ପ୍ରକାଶ କରିଥିଲେ । ଇଂରାଜୀ ବିଭାଗର ମୁଖ୍ୟ ରବିନ୍ଦ୍ର ବେହେରା ନିଜ ନିଜ ବକ୍ତବ୍ୟରେ ଆମେ ମଣିଷମାନେ ହିଁ ଆମ ପରିବେଶକୁ ବିଗାଡ଼ିବାର ମୁଖ୍ୟ କାରଣ ବୋଲି ମତ ଦେଇଥିଲେ । କାର୍ଯ୍ୟକ୍ରମରେ କର୍ତ୍ତବ୍ୟ କ୍ଷେତ୍ରରେ ବଳିଦାନ ଦେଇଥିବା ବିଶ୍ୱର ବିଭିନ୍ନ ସାମ୍ବାଦିକଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା ।

ଏହି ଅବସରରେ ଶିମିଳିପାଳ ଓ ପରିବେଶ ପୁସ୍ତକ ଅନାବରଣ ସହ ଭୂଗୋଳ, ନୃତତ୍ତ୍ୱ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ ବିଭାଗକୁ ଅଧ୍ୟକ୍ଷ ପ୍ରଦାନ କରିଥିଲେ । ବିଶ୍ୱ ପରିବେଶ ସଙ୍କଟରେ ଗଣମାଧ୍ୟମର ଭୂମିକା ପ୍ରସଙ୍ଗରେ ଏକ ପ୍ରାଚୀର ସ୍ୱାକ୍ଷର ଅଭିଯାନ କରଯାଇଥିଲା । ଅଧ୍ୟାପକ ଡଃ ଦୟାନିଧି ପରିଡ଼ା ପରିଶେଷର କାର୍ଯ୍ୟକ୍ରମର ସାରମର୍ମ ଉପସ୍ଥାପନ କରିବା ସହ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ପିଣ୍ଟୁ ଦାସଙ୍କ ମାଠିଆ ଚିହ୍ନର ମାରାଥନ ପ୍ରଚାର

ବ୍ରହ୍ମପୁର, (ସବ୍ୟୁ): ବିଧାନସଭା କ୍ଷେତ୍ରର ପ୍ରମୁଖ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିଶଙ୍କର ଦାଶ ସହରର ବିଭିନ୍ନ ୱାର୍ଡ, ସାହି ଓ ଗଳିରେ ତାଙ୍କର ପ୍ରଚାର କାର୍ଯ୍ୟ ଜୋରଦାର କରିବାରେ ଲାଗିଛନ୍ତି। ପ୍ରଚାର ବେଳେ ସାଙ୍ଗରେ ରହୁଛନ୍ତି ତାଙ୍କ ଧର୍ମପତ୍ନୀ ଆଶା ଦାଶ ଓ ଗଞ୍ଜାମ ଜିଲ୍ଲାର ଜଣାଶୁଣା ମହିଳା ନେତ୍ରୀ ତଥା ବରିଷ୍ଠ ମହିଳା ସମାଜିକ କର୍ମୀ ପ୍ରମିଳା ତ୍ରିପାଠୀ। ନିଷ୍ପେସିତ, ଅବହେଳିତ, ଦୁଃସ୍ଥ ଓ ପିଡୀତ ଜନ'ଙ୍କ ସହାରା ଏବଂ ସହରର ବିକାଶ ପୁରୁଷ ଶିଶଙ୍କର ଦାଶ(ପିଣ୍ଟୁଦାଶ) ଆଜି ଆସ୍କାରୋଡ୍ ନିକଟବର୍ତ୍ତୀ ବିଭିନ୍ନ ସାହିରେ ପ୍ରଚାର କାର୍ଯ୍ୟକ୍ରମ ରଖିଥିଲେ। ବହୁ ମାତ୍ରାରେ ମହିଳା ମାନେ ଶ୍ରୀମତୀ ଦାଶଙ୍କୁ ପ୍ରଚାର କାର୍ଯ୍ୟରେ ସ୍ୱତଃପ୍ରବୃତ ଭାବେ ଯୋଗଦେଉଛନ୍ତି, ପୁଷ୍ପମାଲ୍ୟ, ପୁଷ୍ପଗୁଚ୍ଛ ଆଦି ଦେଇ ମାଠିଆ ଚିହ୍ନ ଓ ପ୍ରାର୍ଥୀ ଶିଶଙ୍କର ଦାଶଙ୍କୁ ବିପୁଳ ମାତ୍ରାରେ ସମର୍ଥନ ଜଣାଉଛନ୍ତି। ବର୍ତ୍ତମାନ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ଖରାଦିନିଆ ଉଷ୍ମତା ସାଙ୍ଗକୁ ସହରର ରାଜନୈତିକ ଉଷ୍ମତା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜଣେ ଯୁବା, କର୍ତ୍ତବ୍ୟନିଷ୍ଠ ଏବଂ ଟାଣୁଆ ରଜନେତା ଓ ବିଧାୟକ ପ୍ରତିନିଧି ହିସାବରେ ଶ୍ରୀଯୁକ୍ତ ଶିଶଙ୍କର ଦାଶଙ୍କୁ ହିଁ ସହରବାସୀ ସେମାନଙ୍କର ପ୍ରଥମ ପସନ୍ଦ ରୂପେ ବାଛୁଥିବା ବ୍ରହ୍ମପୁର ସହରର ବିଭିନ୍ନ ବୁଦ୍ଧିଜୀବି ଓ ସଙ୍ଗଠନ ମହଲରେ ଆଲୋଚିତ ହେଉଛି ।



# ଢେଙ୍କାନାଳରେ ଖୋଲିଲା ଚାନ୍ଦି ଭଣ୍ଡାର



**ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର**
**ରୁପା ସାମଗ୍ରୀ ଗଢ଼ା ମୂଲ୍ୟରେ ୫୦% ପର୍ଯ୍ୟନ୍ତ ରିହାତି**

ଢେଙ୍କାନାଳ, (ସବ୍ୟୁ) : ରୁପା ଗହଣାର ଅନ୍ୟତମ ଅଗ୍ରଣୀ ତଥା ଏକ୍ସକ୍ଲୁସିଭ୍ ଷ୍ଟୋର ଚାନ୍ଦି ଭଣ୍ଡାର ଢେଙ୍କାନାଳରେ ଏହାର ବ୍ରାଣ୍ଡ ନ୍ୟୁ ସୋ'ରୁମ୍‌ର ଉଦ୍‌ଘାଟନ କରିଛି । ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ପ୍ଲଟ୍ ନଂ-୫୫୫୮/୬୫୬୬ରେ ଏହା ଖୋଲିଯାଇଛି । ୩,୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ଖୋଲିଥିବା ଏହି ରୁପା ସୋ'ରୁମ୍ ଏହାର ଅନନ୍ୟ ଆକର୍ଷଣ ଏବଂ ଅଫରିଂ ସହିତ ଢେଙ୍କାନାଳର ସର୍ବବୃହତ୍ ରୁପା ଗହଣା ଷ୍ଟୋର ପାଲଟିଛି । ଢେଙ୍କାନାଳର ଏହି ଚାନ୍ଦି ଭଣ୍ଡାର ଷ୍ଟୋରରୁ ଗ୍ରାହକ ଅତ୍ୟାଧୁନିକ କଲେକ୍ସନଗୁଡ଼ିକ ସହ ଅଭିନବ ସପିଂ ଅନୁଭୂତି ଲାଭ କରିବେ । ସୋ' ରୁମ୍‌ରେ ବ୍ରାଣ୍ଡର ନୂତନ ସମ୍ଭାରମାନ ରହିଛି । ଉଦ୍‌ଘାଟନୀ ଅବସରରେ ଷ୍ଟୋରରେ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି । ଏହା ଅନ୍ତର୍ଗତ ବ୍ୟାପକ ରେଞ୍ଜ୍ ରୁପା ସାମଗ୍ରୀର ଗଢ଼ା ମୂଲ୍ୟରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । ଏ ଅଫର ମେ' ୧୦ ପର୍ଯ୍ୟନ୍ତ ଉପଲବ୍ଧ ।

ଏହି ଅକ୍ଷୟ ତୃତୀୟା ପାଇଁ ଢେଙ୍କାନାଳ ଚାନ୍ଦି ଭଣ୍ଡାର ପ୍ରତି ଅବସର ପାଇଁ ଉଦ୍ଦିଷ୍ଟ ରୁପାର ବ୍ୟାପକ ବିକଳ୍ପ ପ୍ରଦାନ କରୁଛି । ଏ ଅବସରରେ ଅତି ଯତ୍ନର ସହ ନିର୍ମିତ ଆସେସରିଜ୍, ବାସନକୁସନ ଏବଂ ଆର୍ଟିଫାକ୍ଟର ବିସ୍ତୃତ ରେଞ୍ଜ୍ ପ୍ରଡକ୍ଟ ଗ୍ରାହକ ପାଇପାରିବେ । ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ବାସନକୁସନଠାରୁ ଆରମ୍ଭ କରି ସୁନ୍ଦର ଡିନରୱେର୍ ଏବଂ ଷ୍ଟାଇଲିସ୍ ଆସେସରିଜ୍ ପର୍ଯ୍ୟନ୍ତ ସମସ୍ତ କଲେକ୍ସନ ସେଲିବ୍ରେଶନ୍‌ରେ ଚାର୍‌ଚାନ୍ଦ ଲଗାଇବ ବୋଲି ସୋ'ରୁମ୍ ପକ୍ଷରୁ କୁହାଯାଇଛି ।

ଏ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି ଯେ, ଢେଙ୍କାନାଳରେ ନୂଆ ଷ୍ଟୋର ଖୋଲି ଆମେ ରୂପା ପ୍ରତି ଥିବା ଆମର ଭଲ ପାଇବାକୁ ବଢ଼ାଇ ଉତ୍ସାହିତ । ଗ୍ରାହକ ଗୋଟିଏ ଛାତ ତଳେ ସେମାନଙ୍କ ବହୁବିଧ ରୁପା ଆବଶ୍ୟକତାକୁ ପୂରଣ କରିପାରିବେ । ଗ୍ରାହକଙ୍କୁ ସ୍ମରଣୀୟ ସପିଂ ଅନୁଭୂତି ପ୍ରଦାନ କରିବାକୁ ଆମ ଷ୍ଟୋରଗୁଡିକ ପ୍ରତିଶ୍ରୁତିବଦ୍ଧ ଏବଂ ଆଗକୁ ମଧ୍ୟ ଲୋକଙ୍କୁ ମାନଯୁକ୍ତ ସେବା ପ୍ରଦାନ ଜାରି ରଖିବୁ ।

ସୂଚନାଯୋଗ୍ୟ, ଚାନ୍ଦି ଭଣ୍ଡାର ରାଜ୍ୟର ଏକ ଏକ୍ସକ୍ଲୁସିଭ୍ ରୁପା ଚେନ୍ ଷ୍ଟୋର । ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ଓଡ଼ିଶାରେ ୧୩ରେ ପହଞ୍ଚିଛି । ଭୁବନେଶ୍ୱରର ସହିଦ ନଗର, ପଟିଆ, ଜନପଥ, ସୌଭାଗ୍ୟନଗର, ରସୁଲଗଡ, ରାଉରକେଲାର ଉଦିତ ନଗର, ଅନୁଗୁଳର ଅମଲାପଡ଼ା, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଏବଂ ସିଡିଏ ବାଲେଶ୍ୱର, ଯାଜପୁର ରୋଡ, ବ୍ରହ୍ମପୁର ଏବଂ ଢେଙ୍କାନାଳରେ ଏହି ଷ୍ଟୋରଗୁଡ଼ିକ ରହିଛି । ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ଭ୍ୟାଲ୍ୟୁ ଫର୍ ମନି ଏବଂ ହଲ୍‌ମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି ।

# ଧଣ୍ଡାତୋପା ଜଙ୍ଗଲ ଜଳୁଛି, ଆୟତ୍ତ ହେଉନି



ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ଜଙ୍ଗଲଟି ଗୁରୁବାର ଦିନ ଠାରୁ ଜଳୁଛି । ବିଶେଷ କରି ଜଙ୍ଗଲ କିଭଳି ନିଆଁ ଲାଗିଲା ତାହା ଜଣାପଡିନଥିବା ବେଳେ ନିଆଁକୁ ଆୟତ କରାଯାଇପାରିନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି । ଆଠମଲ୍ଲିକ ଉପଖଣ୍ଡର ଏହି ଜଙ୍ଗଲ ବଡ଼ ଜଙ୍ଗଲ ଭାବରେ ପରିଚିତ ଥିବାବେଳେ ଏବେ ଜଙ୍ଗଲରେ ନିଆଁକୁ ନେଇ ପରିବେଶବିତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଧଣ୍ଡାତୋପାବନ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୨ କିମି ଦୂର ଏହି ଜଙ୍ଗଲ ଥିଲେ ମଧ୍ୟ ଅସୁରକ୍ଷିତ ହୋଇପଡିଛି । ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କରାଯାଉନଥିବା ଯୋଗୁଁ ଜଙ୍ଗଲରେ ମାଫିଆମାନେ ରାଜ କରୁଥିବା ଧଣ୍ଡାତୋପା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ କହିବା ଅନୁଯାୟୀ ଏହି ଜଙ୍ଗଲ ପୁରା ଘଞ୍ଚ ଜଙ୍ଗଲ ଭାବରେ ପରିପୂର୍ଣ୍ଣ ହୋଇ ରହିଛି । ଏହି ଜଙ୍ଗଲରେ ବହୁ ନାମୀଦାମୀ ଗଛ ରହିଥିବାବେଳେ କାଠ ଚୋରମାନେ ଏଠାରୁ ବହୁ ଗଛ କାଟି ବାହାରକୁ ଚାଲାଣ କରୁଛନ୍ତି । ବିଶେଷ କରି ଗ୍ରୀଷ୍ମପ୍ରବାହ ପ୍ରବଳ ମାତ୍ରାରେ ହେଉଥିବାବେଳେ ହଠାତ ଜଙ୍ଗଲରେ ନିଆଁକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଛାନିଆ ହୋଇପଡିଛନ୍ତି । ଜଙ୍ଗଲରେ ପୂର୍ବରୁ ଶୁଖିଲା ପତ୍ର ପଡିଥିବା ଯୋଗୁଁ ନିଆଁ ଲାଗିବା ମାତ୍ରେ ଖୁବ ଦ୍ରୁତ ଗତିରେ ନିଆଁ ବ୍ୟାପିଯାଉଛି । ଫଳରେ ଆକାଶ ସମ୍ପୂର୍ଣ୍ଣ ଧୂଆଁମୟ ହେଇ ଯାଉଥିବାବେଳେ ଅନେକ କୀଟପତଙ୍ଗ ସହ ସରୀସୃପ ନିଆଁ ଧାସରେ ମରିଯାଉଛନ୍ତି । ଏଥିସହ ଜୀବଜନ୍ତୁ ଗୁଡିକ ଅସୁରକ୍ଷିତ ହୋଇ ଗ୍ରାମାଭିମୁଖୀ ହୋଇ ଶିକାରର ସମ୍ମୁଖୀନ ହେଉଛନ୍ତି । ଏଥିସହ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି । ଜଙ୍ଗଲରେ ନିଆଁ ସମ୍ପର୍କରେ ଅଞ୍ଚଳବାସୀ ଧଣ୍ଡାତୋପା ବନ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ସାଧାରଣରେ ଅଭିଯୋଗ ହୋଇଛି । ଏ ନେଇ ଧଣ୍ଡାତୋପା ରେଞ୍ଜର ବୃବାହାନ ସାହୁଙ୍କୁ ପଚାରିବାରୁ ପ୍ରସଙ୍ଗକୁ ଏଡାଇ ଦେଇଥିଲେ ।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲାରେ ପୁଣି ହାତୀ ଗଡ଼ାଇଲା ମଣିଷ ମୁଣ୍ଡ । ଆଜି ସକାଳ ୮ରେ ହିନ୍ଦୋଳ ବ୍ଲକ ନୂଆ ଗ୍ରାମର ଶ୍ରୀଧର ସାମଲ(୩୨) ଦୈନନ୍ଦିନ ଭଳି ଘର ପାଖ କାଜୁ ବଗିଚାକୁ କାଜୁ ତୋଳିବାକୁ ଯାଇଥିଲେ । ମାତ୍ର ରାତିରୁ ସେଠାରେ ରହିଥିବା ଏକ ବଣୁଆ ହାତୀ ସହ ମୁହାଁମୁହିଁ ହୋଇଥିଲେ, ହାତୀ ଶ୍ରୀଧର ଙ୍କୁ ଶୁଣ୍ଡରେ କଚାଡି ଦେବା ସହ ପାଦରେ ଦଳିଦେଇଥିଲା । ଚିତ୍କାର ଶୁଣି ଆଖପାଖ ଲୋକ ଓ ଘର ଲୋକ ଆସି ଦେଖିବାରୁ ସେତେବେଳୁ ଶ୍ରୀଧରର ମୃତ୍ୟୁ ହୋଇସାରିଥିଲା । ଖବର ପାଇ ବନବିଭାଗ ଓ ପୋଲିସ ଆସି ଜନସାଧାରଣଙ୍କୁ ବୁଝାସୁଝା କରି କ୍ଷତିପୂରଣ ପ୍ରତିଶୃତି ଦେବାପରେ ଶବ ହିନ୍ଦୋଳ ଡାକ୍ତରଖାନା ବ୍ୟବଚ୍ଛେଦ ପାଇଁ ଆଣିଥିଲେ । ଖବରପାଇ ହିନ୍ଦୋଳ ବିଜୁଜନତାଦଳ ବିଧାୟକ ପ୍ରାର୍ଥୀ ଶ୍ରୀ ମହେଶ ସାହୁ ହିନ୍ଦୋଳ ଡାକ୍ତରଖାନା ଆସି ଶ୍ରୀଧରଙ୍କର ଅନ୍ତିମଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏଥିସହ ଉପଯୁକ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାପାଇଁ ବନବିଭାଗ ଓ ପ୍ରଶାସନ ସହ ଆଲୋଚନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବାରମ୍ବାର ହାତୀ ଆକ୍ରମଣରେ ମଣିଷ ମରିବା ଦୈନନ୍ଦିନ କଥାରେ ପରିଣତ ହୋଇଥିଲେ ମଧ୍ୟ ଢେଙ୍କାନାଳ ଓ ହିନ୍ଦୋଳ ବନବିଭାଗର ଅପାରଗପଣିଆ ବୋଲି ଜନସାଧାରଣ କ୍ଷୋଭ ପ୍ରକାଶ କରି ତୁରନ୍ତ ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି ।

## ଇମାମି ପେପର ମିଲ୍ସରେ ଶ୍ରମିକ ଦିବସ



ବାଲେଶ୍ୱର, (ସବ୍ୟୁ) : ଶ୍ରମିକ ଦିବସ ଅବସରରେ ରେମୁଣା ବାଲଗୋପାଳପୁର ସ୍ଥିତ ଇମାମି ପେପର ମିଲ୍ସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମେ ୧ ତାରିଖରେ ଇମାମି ପେପର ମିଲ୍ସ ମଜଦୁର ୟୁନିଅନ ପକ୍ଷରୁ ସକାଳ ୬ଘଟିକାରେ ଗେଟ ସମ୍ମୁଖରେ ଶ୍ରମିକ ମାନଙ୍କ ଉପସ୍ଥିତରେ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପତାକା ଉତ୍ତୋଳନକରୀ ଉଦ୍‌ବୋଧନ ଦେଇଥିଲେ । ସେହିପରି ପ୍ରତିବର୍ଷ ଭଳି ଚଳିତବର୍ଷ ସକାଳ ୮ ଘଟିକାରେ ପେପର ମିଲ୍ସ ସ୍ଥିତ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ରକ୍ତଦାନ ଶିବିରକୁ ଇମାମି ପେପେର ମିଲ୍ସର ସାଧାରଣ ପରିଚାଳକ ୟୁସୁଫ ଅଲ୍ଲୀ ସୋଲଙ୍କି, ମଜଦୂର ୟୁନିଅନର ସଭାପତି ପ୍ରଦୀପ୍ତ ପଣ୍ଡା ଯୋଗଦାନକରି ଉଦ୍ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିବାବେଳେ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ମଜଦୂର ୟୁନିଅନ କର୍ମକର୍ତ୍ତା ସଦସ୍ୟ ତଥା ଶ୍ରମିକ କର୍ମଚାରୀମାନେ ପ୍ରଚଣ୍ଡ ରୌଦ୍ରତାପରେ ରକ୍ତଦାନ ଭଳି ମହତ କାର୍ଯ୍ୟ କରିଥିବାବେଳେ ବାଲେଶ୍ୱର ରକ୍ତଭଣ୍ଡାରର ଡାକ୍ତର ସତୀଶ କୁମାର ଜେନା ତଥା ତାଙ୍କର ଟିମ ଏବଂ ଇମାମି ପେପର ମିଲ୍ସର ଡାକ୍ତର ଓଁକାର ମହାପାତ୍ର, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ, ସଂଜିତ କୁମାର ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ । ଇମାମି ପେପର ମିଲ୍ସର ଡ଼ି ଜି ଏମ ଦେବବ୍ରତ ହୋତା, ଏ ଜି ଏମ ତାଥା ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି ମଜଦୁର ୟୁନିୟନର ସଭାପତି ପ୍ରାକ୍ତନ ବିଧାୟକ ବରିଷ୍ଠ ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡା, କାର୍ଯ୍ୟନିର୍ବାହୀ ସଭାପତି ପଦ୍ମଲୋଚନ ନାୟକ, ସାଧାରଣ ସମ୍ପାଦକ ଭବାନନ୍ଦ ଶତପଥି, ସଦସ୍ୟ ଜ୍ଞାନରଞ୍ଜନ ବେହେରା , ଚିତ୍ତ କୁମାର ଦାଶ, ଶୁଭ୍ରାଂଶୁ ପରିଡା, ମନୋଜ ପୁଥାଳ, ଭବାନୀ ଶଙ୍କର ସାହୁ, ପରମାନନ୍ଦ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଓ ପଦାଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନୀଳଗିରି ଗଡ଼ଜାତ ମାଟିରେ ଗଡ଼ ଅଦଳ ବଦଳ

ନୀଳଗିରି, (ସବ୍ୟୁ) : ଓଡ଼ିଶା ବିଧାସଭା କ୍ଷେତ୍ରରେ ଉଭୟ ବିଜେଡି, ବିଜେପି ଦଳ ପକ୍ଷରୁ ନୀଳଗିରି ବିଧାନସଭା ଆସନ କୁ ଛାଡି ଦଳୀୟ ଟିକଟ ଘୋଷଣା ହୋଇସାରିବା ବେଳେ ବିଜେଡି ଗତ ୨ତାରିଖରେ ନିଳଗିରି ଆସନ ପାଇଁ ସୁକାନ୍ତ କୁମାର ନାୟକଙ୍କ ନାମ ଘୋଷଣା କଲା ପରେ ବହୁ ଶୁଭେଚ୍ଛୁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶୁଭେଚ୍ଛା ଜଣାଇ ଥିଲେ। ଫଳରେ ବିଜେଡି ନେତା ସନ୍ତୋଷ ଖଟୁଆଙ୍କୁ ନିରାଶ ହେବାକୁ ପଡ଼ିଛି। ଉକ୍ତ ଦିନ ଅପରାହ୍ନରେ ସନ୍ତୋଷ ଖଟୁଆ ବିଜେଡି ଦଳରୁ ଇସ୍ତଫା ଦେବା ପରେ ପରେ ବିଜେପି ଦଳରେ ସାମିଲ୍ ହୋଇଥିବା ବେଳେ ଶୁକ୍ରବାର ଦିନ ନିଜ ସମର୍ଥକଙ୍କ ସହ ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପ୍ରତାପ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ମିଶିଥିଲେ। ମାତ୍ର ତାପୂର୍ବରୁ ନୀଳଗିରି ଆସନରେ ବିଜେପିର ପ୍ରାର୍ଥୀ ଭାବେ ଦଳ ସନ୍ତୋଷ ଖଟୁଆଙ୍କ ନାମ ଘୋଷଣା କରାଯାଇଛି। ସୂଚନା ଥାଉକି ୨୦୧୯ସାଧାରଣ ନିର୍ବାଚନରେ ସୁକାନ୍ତ କୁମାର ନାୟକ ବିଜେଡି ଦଳ ଛାଡି ବିଜେପି ରେ ସାମିଲ ହୋଇଥିଲେ। ସନ୍ତୋଷ ଖଟୁଆଙ୍କୁ ବିଜେଡି ର ମଙ୍ଗୁଆଳ ଭାର ବିଜେଡି ସୁପ୍ରିମୋ ପ୍ରଦାନ କରିଥିଲେ। ସେବେଠୁ ଦଳ ପାଇଁ ଜାନ ଲଗାଇ ଦେଇଥିଲେ ସନ୍ତୋଷ। ୨୦୧୯ନିର୍ବାଚନରେ ବିଜେଡି ଦଳରୁ ପ୍ରାର୍ଥୀ ହୋଇ ମାତ୍ର ୧୫୭୭ଖଣ୍ଡ ଭୋଟରେ ସୁକାନ୍ତ କୁମାର ନାୟକଙ୍କ ଠାରୁ ପରାଜୟ ବରଣ କରିଥିଲେ। ପରାଜୟ ବରଣ ପରେବି ୫ବର୍ଷ ଧରି ବିଜେଡି ଦଳକୁ ସୁଦୃଢ କରିବା ସହ ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନରେ ବାଜିମାତ କରି ଦଳକୁ ବହୁ ଆଗକୁ ନେଇଥିଲେ। ୨୦୨୪ରେ ଦଳ ସନ୍ତୋଷ ଟିକଟ ପାଇବା ସୁନିଶ୍ଚିତ ବୋଲି ଶୁଣିବାକୁ ମିଳିଥିଲା। ମାତ୍ର ସୁକାନ୍ତ କୁମାର ନାୟକ ବିଜେପି ଛାଡି ବିଜେଡିରେ ଯୋଗଦାନ ପରେ ସନ୍ତୋଷଙ୍କ ପାଇଁ ଅଡୁଆ ପରିସ୍ଥିତି ଦେଖା ଯାଇଥିବା ବେଳେ ଗତ ଦୁଇ ତାରିଖରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନୀଳଗିରି ଆସନ ପାଇଁ ସୁକାନ୍ତ କୁମାର ନାୟକଙ୍କ ନାମ ଘୋଷଣା କରିଥିଲେ। ନୀଳଗିରିରେ ୫ବର୍ଷ ଧରି ସନ୍ତୋଷ ଖଟୁଆଙ୍କ ଗଡ ରହିଥିବା ବେଳେ ତାଙ୍କ ଗଡରେ ସୁକାନ୍ତ କୁମାର ନାୟକଙ୍କୁ ଦଳୀୟ ଟିକଟ ମିଳିଥିବା ବେଳେ ୫ବର୍ଷ ଧରି ବିଜେପି ଦଳକୁ ସୁଦୃଢ କରିଥିବା ବିଜେପି ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଗଡରେ ସନ୍ତୋଷ ଖଟୁଆଙ୍କୁ ବିଜେପି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଗଡ ପରିବର୍ତ୍ତନ ପରେ ଦୁଇ ନେତାଙ୍କ ମଧ୍ୟରେ ଜୋରଦାର ଲଢେଇ ହେବ ବୋଲି ନୀଳଗିରିର ଚର୍ଚ୍ଚା ଚାଲିଛି। ଏଯାବତ୍ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ଟିକେଟ ମିଳିପାରେ ବୋଲି ଶୁଣିବାକୁ ମିଳୁଛି। ତେବେ ନିଳଗିରି ଆସନରେ ସୁକାନ୍ତ, ସନ୍ତୋଷଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ସମସ୍ତଙ୍କ ନଜର ଜୁନ ୪ତାରିଖକୁ।

## ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୬ ଲକ୍ଷ ୯୦ ହଜାର ଟଙ୍କା



ତାଳଚେର, (ସବ୍ୟୁ) : ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ଆଜି ଖୋଲା ଯାଇଥିଲା । ସହକାରୀ ଜିଲ୍ଲାପାଳ ନାର ନାରାୟଣ ସେଠି, ଟ୍ରଷ୍ଟ ସଦସ୍ୟ ଅରୁଣ କୁମାର ପ୍ରଧାନ, ରାଜେନ୍ଦ୍ର ସିଂହ, ଗ ଗଗନ ବିହାରୀ ସାହୁ, ବରିଷ୍ଟ ରା ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା, ନିରାକାର ରାଉଳ, ବିଭୂ ସ୍ୱାଇଁ, ବିନୟ ମହାନ୍ତିଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା । ଏଥିରୁ ମୋଟ ଛଅ ଲକ୍ଷ ଅଣାନବେ ହଜାର ଛଅ ଶହ ତିରିଶ ଟଙ୍କା (୬,୮୯,୬୩୦ ଟଙ୍କା) ସଂଗୃହୀତ ହୋଇଥିଲା । ପ୍ରଶାନ୍ତ କୁମାର ବେହେରା, ରଞ୍ଜିତ ବେହେରା, ବାବୁଲା ବେହେରା, ହରେକୃଷ୍ଣ ଦେହୁରୀ, ଚରଣ ବେହେରା, ବିକାଶ ଦେହୁରୀ, ରଘୁନାଥ ବାରିହା, ଟିକନ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଅଟୋ ଓଲଟି ଦୁଇ ଗୁରୁତର

କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଥାନା ବାଙ୍ଗୁରା -ଚୁଳିଆ କେନାଲ ରାସ୍ତାରେ ଭାରସାମ୍ୟ ହରାଇ ଓଲଟିଲା ଅଟୋ । ଦୁଇ ଗୁରୁତର । ଦୁଇ ଗୁରୁତର ହେଲେ କାମାକ୍ଷାନଗର ଥାନା ବାଙ୍ଗୁରା ଗାଁ ର ଚକ୍ରଧର ଦେହୁରୀ ଏବଂ ହଟିଆ ଦେହୁରୀ । ଉଭୟ ଏକ ଅଟୋ ଯୋଗେ ବାଙ୍ଗୁରାରୁ କେନାଲ ରାସ୍ତାରେ ଚୁଳିଆ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା । ଫଳରେ ଅଟୋ ରେ ଥିବା ଦୁଇ ଜଣ ଗୁରୁତର ଭାବେ ଆହତ ହୋଇ ରାସ୍ତାରେ ପଡି ରହିଥିଲେ । ସ୍ଥାନୀୟ ଲୋକ ଙ୍କ ଠାରୁ ଖବରପାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟ ଙ୍କୁ କାମାକ୍ଷାନଗର ମେଡିକାଲ ରେ ଭର୍ତି କରାଯାଇଥିଲା ବେଳେ ଚକ୍ରଧର ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଛନ୍ତି ।

## ଏମ୍‌ସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ପକ୍ଷରୁ ଆଲୋଚନା, ସମ୍ବର୍ଦ୍ଧନା



ତାଳଚେର, (ସବ୍ୟୁ) : ତାଳଚେର ସେଂଟ୍ ଜନ୍ ଆମ୍ବୁଲାନସ୍ ଏମସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ପକ୍ଷରୁ ଭରତପୁର ଏରିଆ ମହାପ୍ରବନ୍ଧକ ଦିବ୍ୟଜୀବନ ସି ଏବଂ କ୍ଷେତ୍ରୀୟ କାର୍ମିକ ଅଧିକାରୀ ସୁକଦେବ ସେଠଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏମସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ କମାଣ୍ଡର ତଥା ଅବୈତନିକ ଯୁଗ୍ମ ସଂପାଦକ ଅନୁଗୋଳ ଜିଲ୍ଲା ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏରିଆ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଉତରୀୟ ପ୍ରଦାନ କରାଯିବା ସହିତ ଅନୁଷ୍ଠାନ ବିଷୟରେ ଆଲୋଚନା କରାଯାଇଥିଲା । ମହାପ୍ରବନ୍ଧକ ଶ୍ରୀ ସି ଜଣେ ମେଳାପୀ, ସ୍ୱଷ୍ଟବାଦୀ, ବିଚକ୍ଷଣ, ସୁଦକ୍ଷ, ସହାନୁଭୂତି ସଂପନ୍ନ ଓ ନୀତିବାନ୍ ଅଧିକାରୀ ଭାବେ ପରିଚିତ ଅଛନ୍ତି । ତାଙ୍କ ମାର୍ଗ ଦର୍ଶନରେ ଏମ୍.ସି.ଏଲ୍. ସହିତ ସାରା ଓଡିଶାରେ ବିଭିନ୍ନ ପ୍ରକାର ଅସୁବିଧା ଯଥା-ଦୁର୍ଘଟଣା, ଆକସ୍ମିକ ପ୍ରକୃତିକ ବିପର୍ଯ୍ୟୟ, ଭୂମିକମ୍ପ, ବାତ୍ୟା, ବନ୍ୟା, ଗଣଦୌଡ, ସାଧାରଣ ସଭା, ପ୍ରଦର୍ଶନୀ, ମେଳା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରଭୃତି ସେଂଟ୍ ଜନ୍ ଆମ୍ବୁଲାନସ୍ ଗାଇଡ୍ ଲାଇନ୍ ଅନୁସାରେ ସମସ୍ୟା ବହୁମାତ୍ରାରେ ସମାଧାନ ହେବା ସହିତ ସମାଜ ଉପକୃତ ହୋଇପାରିବ ବୋଲି କୁହାଯାଇଛି । ଏହି ସାକ୍ଷାତ ବେଳେ ଟିକନ ସାହୁ, ଅକ୍ରମ ବାରିକ, ସନ୍ଦିପ କୁମାର ପ୍ରଧାନ, ଦିଲ୍ଲିପ୍ ସାମଲ, ସନ୍ତୋଷ କୁମାର ସାହୁ, ସମ୍ଭୁନାଥ ନାହାକ, ଜିତେନ୍ଦ୍ର ବିଶ୍ୱାଳ, ଶରତ ମାଝୀ, ଜୀବନାନନ୍ଦ ସାହୁ, ସଞ୍ଜୟ ପ୍ରଧାନ, ରଂଜିତ୍ ସାହୁ ଏବଂ ବସନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଋଣ ଆଦାୟକାରୀଙ୍କ ନିର୍ଯାତନା ସହିନପାରି ଆତ୍ମହତ୍ୟା

ବଣ୍ଟଁରପାଳ, (ସବ୍ୟୁ) : କେତେ ଆଶା କରି ଚାହିଁ ରହିଥିଲା ଆଉ କିଛି ଦିନ ପରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ ମୁଁ ଭଲ କଲେଜରେ ପାଢ଼ ପଢ଼ିବ । ଏଭଳି କଥାକହି କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି ପରିବାର ଲୋକେ ଓ ସାଙ୍ଗସାଥି । ଅନୁଗୁଳ ଜିଲ୍ଲାରେ ଛତୁ ଫୁଟିବା ଭଳି ଖୋଲିଛି ଘରୋଇ ଅର୍ଥ ଲଗାଣ କାରି ସଂସ୍ଥା । ଏମାନେ ଗ୍ରାମର ଅଣ ଶିକ୍ଷିତ ମହିଳା ମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଋଣ ଦେଉଛନ୍ତି । ଫଳରେ ନୀରିହ ଗରିବ ଲୋକ ପ୍ରଭାବିତ ହୋଇ ଋଣ ନେଉଛନ୍ତି । ପରେ ଉକ୍ତ ସଂସ୍ଥା ମୋଟାଅଙ୍କର ସୁଧ ଯୋଡ଼ି କିସ୍ତିକିସ୍ତି କରି ଟଙ୍କା ଆଦାୟ କରୁଛନ୍ତି । ମୋଟାଅଙ୍କର ସୁଧ ନେଉଥିବାରୁ ଅନେକ ମହିଳା ଠିକ୍ ସମୟରେ ଋଣ ସୁଝି ପାରୁନାହାନ୍ତି ଫଳରେ ଘରୋଇ ଅର୍ଥଲଗାଣ କରି ସଂସ୍ଥାର ପାଳିତ ଗୁଣ୍ଡା ମାନେ ଆସି ମହିଳା ମାନଙ୍କୁ ବିଭିନ୍ନ ପ୍ରକାର ଅଶିଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହେଉଛ । ଏଭଳି ଏକ ଘଟଣା ଘଟିଛି ନାଲକୋ ନଗର ଥାନା ଅନ୍ତର୍ଗତ କହ୍ନେଇ ନଗର ଅଞ୍ଚଳରେ । ଏକ ପରିବାର ଜଣେ ମହିଳା ଏକ ଘରୋଇ ଅର୍ଥ ଲଗାଣ କାରି ସଂସ୍ଥାରୁ ଋଣ ଆଣିଥିଲେ । ସଠିକ୍ ସମୟରେ ଋଣ କିସ୍ତି ଦେଇ ପାରିନଥିଲେ । ଉକ୍ତ ସଂସ୍ଥାର କର୍ମଚାରୀ ମାନେ ଆସି ବିଭିନ୍ନ ସମୟରେ ପରିବାର ଲୋକଙ୍କୁ ଗାଳିଗୁଲଜ କରୁଥିଲେ । ମଙ୍ଗଳବାର ଦିନ ଉକ୍ତ ସଂସ୍ଥାର କର୍ମଚାରୀ ମାନେ କିଛି ଗୁଣ୍ଡାମାନଙ୍କୁ ସାଙ୍ଗରେ ଆଣି ଉକ୍ତ ମହିଳାଙ୍କ ଘରକୁ ଆସୁଥିବାର ଖବର ପାଇ ନାବାଳିକା ଝିଅକୁ ଘରେ ଛାଡି ବାପା ମାଆ ଲୁଚି ପଳାଇ ଥିଲେ । ଉକ୍ତ ସଂସ୍ଥାରୁ ଆସିଥିବା ବ୍ୟକ୍ତି ମାନେ ଝିଅ କୁ ଅଶିଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ଘଟଣାକୁ ନେଇ ନାବାଳିକା ଝିଅ ଟି ମାନସିକ ଭାରସାମ୍ୟ ହରାଇ ଘରେ ଆତ୍ମହତ୍ୟା କରିଦେଲା । ବାପା ମାଆ ଘରକୁ ଫେରିବା ବେଳକୁ ସବୁ ଦିନ ପାଇଁ ଝିଅ ଶୋଇଯାଇଛି । ନାଲକୋ ନଗର ଥାନାରେ ଅଭିଯୋଗ ପରେ ଶବକୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ କାଣ୍ଡସର ଗ୍ରାମର ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ସମାଜସେବି ଚିନ୍ମୟୀ ଦାସ ,ସୁଧାକର ସାହୁ ଓ ପଡୋଶୀଙ୍କ ସହାୟତାରେ ଅନୁଗୁଳ କରଡା ଗାଡିଆ ଶ୍ମଶାନ ରେ ଶବଦାହ କରାଯାଇଛି । ତାର ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଜନସାଧାରଣ ଦାବି କରୁଛନ୍ତି ।

## ତାର ଚୋରି ଘଟଣା ୨ କୋର୍ଟ ଚାଲାଣ

ଖଇରା, (ସବ୍ୟୁ) : ୨୩ ତାରିଖ ରାତିରେ କୋଟିଆକୋଇଲି ଗାଁରେ ୩୩କେଭି ଲାଇନ ନିର୍ମାଣ ଲାଗି ଲେବର କ୍ୟାମ୍ପରେ ରଖାଯାଇଥିବା ତାର, ଡ୍ରମ, ଚୋରି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ରୁସ୍ତମପୁର ଗ୍ରାମର ସଞ୍ଜୀବ ମହାନ୍ତି ଓ ଜନାଧର ଗ୍ରାମର ଶେଖ ଶୋଫିଆନ ଖଇରା ପୋଲିସ ଗିରଫ କରିକୋର୍ଟ ଚାଲାଣ କରିଛି । ଦୁର୍ବୃତ୍ତମାନେ ଲେବର କ୍ୟାମ୍ପରେ ପଶି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଏକ ପିକଅପ ଭ୍ୟାନରେ ୨୫ଲକ୍ଷ ଟଙ୍କାର ଏହି ତାରଡ୍ରମକୁ ନେଇ ପଳାଇଥିଲେ ।

# କର୍ମଚାରୀ ଥାଇବି ବନ୍ଦ ହୋଇରହିଛି ଉପଖଣ୍ଡ ସୂଚନା କେନ୍ଦ୍ର, ପାଠାଗାର



ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳ ୧୯୯୦ ମସିହାରୁ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାପିତ ସୂଚନା କେନ୍ଦ୍ର ଓ ପାଠାଗାରି ଯଥେଷ୍ଟ ସଂଖ୍ୟକ କର୍ମଚାରୀ ନଥିଲେ ମଧ୍ୟ ଜଣେ ନିୟମିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଜଣେ ଭାର ପ୍ରାପ୍ତ ଅଧିକାରୀଙ୍କୁ ନେଇ ଚାଲୁ ଅଛି । ତେବେ ବିଗତ ମାର୍ଚ୍ଚ ମାସ ୧୬ତାରିଖ ଠାରୁ ଆଜି ଯାଏଁ ସଂପୂର୍ଣ୍ଣ ବନ୍ଦ ହୋଇ ରହିଥିବାରୁ ପାଠକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏକ ପ୍ରକାରେ ପାଠକ କେନ୍ଦ୍ରରୁ ମୁହଁ ଫେରାଉ ଥିବା ଦେଖା ଯାଉଛି । ଏ ପର୍ଯ୍ୟନ୍ତ ଏହାର କାରଣ ଜଣା ପଡି ନଥିଲା । ମାତ୍ର ଏକ ସୂତ୍ରରୁ ଜଣା ପଡିଲା ଯେ କର୍ମଚାରୀ ଜଣକ ନିୟମିତ ଭାବେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ନିର୍ବାହ କରୁଥିବାରୁ କେନ୍ଦ୍ର ଖୋଲା ଯାଇ ପାରୁ ନାହିଁ । ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଏଠାରେ ବିଭାଗ ପକ୍ଷରୁ ଜଣେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ବିଭାଗ ଅଧିକାରୀ, ଜଣେ ଲାଇବ୍ରେରିଆନ୍, ଜଣେ ଓପରେଟର ଓ ଦୁଇ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ସୁବିଧାରେ କାର୍ଯ୍ୟ ସମ୍ପାଦନ ହେଉଥିଲା । ମାତ୍ର ଦୀର୍ଘ ବର୍ଷ ହେବ ଧୀରେ ଧିରେ ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ସଂଖ୍ୟା କାଣ୍ଟ ଛାଣ୍ଟ କରାଯିବା ଏବଂ କର୍ମଚାରୀଙ୍କ ଅବସର ଗ୍ରହଣ ସମସ୍ୟା ବଢାଇ ଦେଲା । କେନ୍ଦ୍ର ଓ ପଠା ଗଝରତି ଏବେ ଜରା ଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଥିବା ବେଳେ ଜଣେ ହିଁ ମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହାର ଭାଗ୍ୟ ବିଧାତା । ଏଭଳି ପରିସ୍ଥିତିରେ ସୂଚନା କେନ୍ଦ୍ର ମାସ ମାସ ଧରି ବନ୍ଦ ହୋଇ ରହିବାକୁ ନେଇ ପାଠକଙ୍କ ମନରେ ପ୍ରଶ୍ନବାଚୀ ଉଠିଛି । ଏହାକୁ ତୁରନ୍ତ ଖୋଲା ଯାଇ ନିୟମିତ କରାଇବାକୁ ଏଠାକାର ଅଧିକାଂଶ ପାଠକ ଦୃଢ଼ ଦାବି କରୁଛନ୍ତି ।

# ଜାତୀୟ ରାଜପଥ ବିଭାଗର ଉଦାସୀନତା, ରାସ୍ତାବସ୍ଥା ଶୋଚନୀୟ

କଣିହାଁ, (ସବ୍ୟୁ) : ଜାତୀୟ ରାଜପଥ ବିଭାଗର ଉଦାସୀନତା ତଥା ରକ୍ଷଣାବେକ୍ଷଣ ଅଭାବରୁ ଜାତୀୟ ରାଜପଥ -୫୩ ର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ଯାତାୟତରେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଥିବା ବେଳେ ବିପଦକୁ ଡାକୁଛି ଜାତୀୟ ରାଜପଥ । କଣିହାଁ ବ୍ଲକ ଅନ୍ତର୍ଗତ ଟାକୁଆ ଝରାବେରେଣୀ ହନୁମାନପୁର ପର୍ଯ୍ୟନ୍ତ ରାସ୍ତା ଠିକ ଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲତା, ବୁଦା, ଗଛ ରାସ୍ତା ଉପରକୁ ମାଡ଼ି ଆସି ରାସ୍ତାକୁ ସଙ୍କୁଚିତ କରି ଯାତାୟତରେ ବାଧା ସୃଷ୍ଟି କରୁଛି । ମୁଖ୍ୟତଃ ତିଙ୍କିରା ନଦୀ ଉପରେ ଯାଇଥିବା ଟାକୁଆ-ଝରାବେରେଣି ସେତୁର ଦୁଇ ମୁଣ୍ଡରେ ଥିବା ବୁଲାଣି ରାସ୍ତା । ଟାକୁଆ ପାର୍ଶ୍ୱରେ ଥିବା ବୁଲାଣି ଉଚ୍ଚ ଓ ହଠାତ ହୋଇଥିବା ଓ ଉଭୟ ପାର୍ଶ୍ୱରେ ଥିବା ଲଟା ବୁଦା ରାସ୍ତାକୁ ଆସିଥିବାରୁ ରାସ୍ତା ଜାଣି ନପାରି ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି । ଉକ୍ତ ସେତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ଉକ୍ତ ଫଳକ ସେଠାରେ ରହିଛି । ମାତ୍ର ଉକ୍ତ ଫଳକକୁ ଗାଡ଼ି ଧକ୍କା ଦେଇ ଭାଙ୍ଗି ଚୁର ମାର ହୋଇଗଲାଣି । ତାହା ବିଭାଗ ଜାଣି ନଜାଣିଲା ପରି ଚୁପ ବସିଛି । ସେତୁର ଝରାରେଣି ପାର୍ଶ୍ୱରେ ଥିବା ବୁଲାଣି ର ଉଭୟ ପାର୍ଶ୍ୱରେ ବିଭାଗ ପକ୍ଷରୁ ସୁରକ୍ଷା ଲୁହା ବାଡ଼ ଦିଆଯାଇଛି । ମାତ୍ର ଉଭୟ ପାର୍ଶ୍ୱରେ ଥିବା ଲତା, ବୁଦା ଓ ଗଛ ବାଡ଼କୁ ଭେଦ କରି ରାସ୍ତାକୁ ଆସିବାରୁ ରାସ୍ତା ଅଣଓସାରିଆ ହେବା ସହ ପଦଯାତ୍ରୀ, ବାଇକ୍ ଆରୋହୀ ଗାଡ଼ି ଆସୁଥିବା ଜାଣି ନପାରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଉଛନ୍ତି । ସେତୁ ଉପରେ ଦୁଇ ପାର୍ଶ୍ୱରେ ମାଟି ଜମି ରହିବାସହ ସେତୁର ସୁରକ୍ଷା ବାଡ ମଧ୍ୟ ଭାଙ୍ଗିଲାଣି । ଉକ୍ତ ଜାତୀୟ ରାଜପଥର ରେଙ୍ଗାଳି ପର୍ଯ୍ୟନ୍ତ ଏପରି ଅବସ୍ଥା ଯୋଗୁ ଜନସାଧାରଣ ଯାତାୟତରେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ରାସ୍ତା ଓ ସେତର ରକ୍ଷଣା ବେକ୍ଷଣ ପାଇଁ ବିଭାଗ ତରଫରୁ ବ୍ୟବସ୍ଥା ଥିବା ବେଳେ ବିଭାଗ କଣ ପାଇଁ କରୁନାହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ରାସ୍ତାରେ ଦୈନିକ ଶହ ଶହ ଭାରିଯାନ ଚାଲୁଛି । ବିଭାଗ ରାସ୍ତା ମରାମତି ନାଁ ଧରୁନି । ବିଭାଗ ପକ୍ଷରୁ ଏଥି ନିମିତ୍ତ ମିଥ୍ୟା ବିଲ୍ କରାଯାଇ ଟଙ୍କା ହଡ଼ପ କରାଯାଉଥିବା ଆଲୋଚନା ହେଉଥିବା ବେଳେ ତାହା ତଦନ୍ତ ସାପେକ୍ଷ ଅଟେ ।

# ନାବାଳିକା ଦୁଷ୍କର୍ମ ଉଦ୍ୟମ : ଆସାମୀକୁ ୩ ବର୍ଷ ଜେଲ୍

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି ଦୋଷୀ ପଣ୍ଡାପଡ଼ା ଥାନା ଆଙ୍କଲପଡ଼ା ଗ୍ରାମର ବିଜୟ ନାଏକ (୨୪)କୁ ତିନିବର୍ଷ ସଶ୍ରମ କାରଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି।ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲ୍। ସେହିପରି ନାବାଳିକାଙ୍କୁ ୧ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।୨୦୧୭ ଏପ୍ରିଲ ୭ରେ ଗାଁରେ ପାଲା ହେଉଥିଲା। ଦୁଇଝିଅକୁ ଘରେ ଛାଡ଼ି ବାପାମା' ପାଲା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ଗୋଟାଏ ସମୟରେ ବିଜୟ ଘରେ ପଶି ୧୭ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ।ଏହି ସମୟରେ ନାବାଳିକା ଜଣକ ପାଟି କରିବାରୁ ପାଖରେ ଶୋଇଥିବା ସାନଭଉଣୀ ଉଠି ବାହାରକୁ ଆସିଥିଲେ। ପାଲା ହେଉଥିବା ସ୍ଥାନକୁ ଯାଇ ବାପାମା'ଙ୍କୁ ଡାକି ଆଣିଥିଲେ। ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗାଁ ଲୋକଙ୍କ ହାତରେ ଧରା ପଡ଼ିଥିଲା।ଏନେଇ ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ କେସ୍ ନମ୍ବର ୨୭/୨୦୧୭ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା। ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଦୋଷୀକୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ନାମାଙ୍କନପତ୍ର ଦାଖଲ କଲେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ

ଠାକୁରମୁଣ୍ଡା/କରଞ୍ଜିଆ , (ସବ୍ୟୁ) :କରଞ୍ଜିଆ ୩୦ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଏପ୍ରିଲ ମାସ ୨୯ ତାରିଖରୁ ଆରମ୍ଭ ହୋଇଛି। ପ୍ରଥମ ଦୁଇ ଦିନ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନଥିବା ବେଳେ ତୃତୀୟ ଦିନରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଲକ୍ଷ୍ମୀଧର ସିଂ ଓ ଏସୟୁସିଆଇ ପ୍ରାର୍ଥୀ ବାଙ୍କୁରାମ ସିଦୁ ନାମାଙ୍କନପତ୍ର କରଞ୍ଜିଆ ନିର୍ବାଚନ କାର୍ଯ୍ୟାଳୟ ଠାରେ ରିଟର୍ଣିଓ ଅଫିସର ପ୍ରକାଶ କୁମାର ଦାଶଙ୍କ ଠାରେ ଦାଖଲ କରିଥିଲେ। ଶୁକ୍ରବାର ଦିନ ବିଜୁ ଜନତା ଦଳ ପ୍ରାର୍ଥୀ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ବିଜେପି ଦଳ ପ୍ରାର୍ଥୀ ପଦ୍ମଚରଣ ହାଇବ୍ରୁ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ୩୦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି।ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ବିଭିନ୍ନ ଦେବାଦେବୀଙ୍କ ଠାରେ ପୂଜାର୍ଚ୍ଚନା କରିବା ସହ ଆର୍ଶିବାଦ ଭିକ୍ଷା ପରେ ଏକ ବିରାଟ ପଦଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନିର୍ବାଚନ କାର୍ଯ୍ୟାଳୟ ଠାରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ସହ ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ସଭାପତି କାଶିନାଥ ହେମ୍ବ୍ରମ,ଏସଡିସି ଉପାଧକ୍ଷା କମଳା ତିରିଆ, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବପ୍ରିୟ ପାତ୍ର, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ସଂଯୋଜକ ଦିଲ୍ଲୀପ କୁମାର ସାହୁ ଓ ଗିରିଧାରୀ ପୃଷ୍ଟି, କରଞ୍ଜିଆ ପୌରପାଳିକା ଅଧକ୍ଷା ପପି ପୃଷ୍ଟି ଉପାଧକ୍ଷ ସ୍ୱରୂପ କୁମାର ପରିଜା,



କରଞ୍ଜିଆ ପଞ୍ଚାୟତ ସମିତି ଅଧକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାଏକ, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଯୁବ ମୋର୍ଚ୍ଚା ସଭାପତି ରୋହିତ କୁମାର ପୃଷ୍ଟି, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ମହେଶ୍ୱର ନାୟକ, କରଞ୍ଜିଆ ବ୍ଲକ ସଭାପତି ସତ୍ୟରଞ୍ଜନ ମହାନ୍ତ, ବ୍ଲକ ଯୁବ ସଭାପତି ଭିକି ଅଲ୍ଲୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୋଲକ ବିହାରୀ ନାୟକ ଓ ସାମାଇ ପୁର୍ତ୍ତି, ବରିଷ୍ଠ ନେତା ଗୌରୀ ଶଙ୍କର ସିହ୍ନା ଓ ସର୍ବେଶ୍ୱର ମିଶ୍ର ତଥା ୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଆସି ସେ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ।ପ୍ରସ୍ତାବକ ଭାବେ ଦିଲ୍ଲୀପ କୁମାର ସାହୁ, ଚକ୍ରଧର ମହାନ୍ତ,ରୋହିତ କୁମାର ପୃଷ୍ଟି ଓ ମହେଶ୍ୱର ନାୟକ ଥିବା ଜଣାପଡିଛି।ସୂଚନାଯୋଗ୍ୟ ଯେ ଶ୍ରୀମତି ହେମ୍ବ୍ରମ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ଏବଂ ପୂର୍ବତନ ମନ୍ତ୍ରୀ ରଘୁନାଥ ହେମ୍ବ୍ରମଙ୍କ ପୁତ୍ର ବଧୂ।ସେ ପୂର୍ବରୁ ଶୁକୁଳି ବ୍ଲକ ଅଧକ୍ଷା ଭାବେ ଦୁଇ ଦୁଇ ଥର ନିର୍ବାଚିତ ହୋଇ ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିଛନ୍ତି।ହି ପରିପ୍ରେକ୍ଷୀରେ ସେ ଜନସାଧାରଣଙ୍କ ଅଶେଷ ପ୍ରେମ, ଶ୍ରଦ୍ଧା ଓ ସ୍ନେହ ରହିଥିବାରୁ ସେ ସେମାନଙ୍କ ଆଶୀର୍ବାଦରେ ଅପୂରଣୀୟ କାର୍ଯ୍ୟକୁ ସମ୍ପୂର୍ଣ୍ଣତା ଦେବାକୁ ଅନୁରୋଧ କରିଥିଲେ।

# ଜୟଦେବ ଓ ସୁବ୍ରତଙ୍କ ନାମାଙ୍କନପତ୍ର ଦାଖଲ

ଆନନ୍ଦପୁର,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପାର୍ଥି ଜୟଦେବ ଜେନା ଘସିପୁରା ନିର୍ବାଚନ ମଣ୍ଡଳୀର ସୁବ୍ରତ ଚକ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳୀର ହଜାର ହଜାର କଂଗ୍ରେସ କର୍ମୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚିବା ପରେ ଉଭୟ ଆନନ୍ଦପୁର ଓ ଘସିପୁରା ପାର୍ଥି ଆନନ୍ଦପୁର ଉପଜିଲ୍ଲାପାଳ ଫଲ୍ଗୁନୀ ମାଝୀ ଏବଂ ଘସିପୁରାର ରିଟର୍ନିଂ ଅଫିସର କିଶୋର କୁମାର ପଣ୍ଡା ଙ୍କ ପାଖରେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶୁକ୍ରବାର ଦିନ ଏହି ନାମାଙ୍କନ ଦାଖଲ ବେଳେ ପୂର୍ବତନ



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନାମାଙ୍କନ ବେଳେ ଉପସ୍ଥିତ ଥିଲା ବେଳେ ପିସିସି ସମ୍ପାଦନ ନିକୁଞ୍ଜ ବିହାରୀ ମିଶ୍ର, ନଗର ସଭାପତି ହାଡିବନ୍ଧୁ ଖୁଣ୍ଟିଆ, ସୁବ୍ରତ କୁମାର ମହାପାତ୍ର, ଶ୍ରୀଧର ଦଳେଇ, ବଳରାମ ରାମ, ଭିକାରୀ ସେନା, ସୁରେଶ ଜେନା , ମୁରଲୀଧର ବେହେରା,ପ୍ରମୁଖ ହଜାର ହଜାର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

# ଡାକ୍ତରଙ୍କୁ ନିର୍ଧୂମ୍ ପିଟିଲେ ପରିବାର ଲୋକେ

ବାଲେଶ୍ୱର , (ସବ୍ୟୁ) : ଶୁକ୍ରବାର ରୋଗୀ ମୃତ୍ୟୁରୁ ମେଡ଼ିକାଲରେ ତୁମୁଳ କାଣ୍ଡ ହୋଇଛି।ଡାକ୍ତରଙ୍କୁ ନିର୍ଧୁମ୍ ପିଟିଛନ୍ତି ପରିବାର ଲୋକେ। ଏପରି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଜିକେ ଭଞ୍ଜର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ । ପୁଲିସ୍ ମେଡ଼ିକାଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଡାକ୍ତରଙ୍କୁ ଉଦ୍ଧାର କରିଛି। ଘରୋଇ କଳହରୁ ଜଳେଶ୍ୱର୍ର ଥାନା ଅନ୍ତର୍ଗତ ଚକହରି ଗାଁର ଉମେଶ ଓଝା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜଳେଶ୍ୱର ଜିକେ ଭଞ୍ଜର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେତେବେଳେ କାର୍ଯ୍ୟରତ ଡାକ୍ତର ଦୀଲ୍ଲିପ ପାତ୍ର ରୋଗୀ ଦେଖିବାରେ ଅବହେଳା କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥିପାଇଁ ରମେଶଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ମେଡ଼ିକାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ଡାକ୍ତର ପାତ୍ର ଆହତ ହୋଇଥିଲେ। ଖବର ପାଇ ଜଳେଶ୍ୱର ଥାନା ପୁଲିସ ମେଡ଼ିକାଲ୍ରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ଏଥିସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅନ୍ୟପକ୍ଷରେ ଆହତ ହୋଇଥିବା ଡାକ୍ତରଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । କିନ୍ତୁ ଏନେଇ ଥାନାରେ କୌଣସି ମାମଲା ହୋଇନାହିଁ।ମାଡ଼ ନେଇ ଡାକ୍ତର ପାତ୍ରଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ଆଖିବୁଜିଲେ ଯାତ୍ରା ଅଭିନେତା ସୁରେନ୍ଦ୍ର ଦାଶ

ଖଇରା,(ସବ୍ୟୁ) :ଦୀର୍ଘ ୪୫ବର୍ଷ ଧରି ବିଭିନ୍ନ ଯାତ୍ରା ପାର୍ଟିରେ ନିଜ ପ୍ରତିଭା ଦେଖାଇଥିବା ବାଲେଶ୍ୱର ଜିଲା ଖଇରା ବ୍ଲକ ବଣପାରିଆ ଗ୍ରାମର ସୁରେନ୍ଦ୍ର ଦାଶ(୭୩) ଶୁକ୍ରବାର ସକାଳେ ନିଜ ବାସଭବନରେ ଆଖିବୁଜିଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇବା ପରେ ଶୁଭେଚ୍ଛୁ,ବିଭିନ୍ନ ପାର୍ଟିରେ କାର୍ଯ୍ୟ କରୁଥିବା କଳାକାର,ଗ୍ରାମବାସୀ ଶେଷ ଦର୍ଶନ କରିଛନ୍ତି। ସେ ଗତ ୨ବର୍ଷ ଧରି ପକ୍ଷାଘାତ ରୋଗରେ ପିଡିତ ଥିଲେ । ପିଲାବେଳୁ ଅଭିନୟ ପ୍ରତି ରୁଚି ରଖିଆସୁଥିବା ଶ୍ରୀ ଦାଶ ସ୍କୁଲରେ ପଢିବା ସମୟରେ ବାପା କୃଷ୍ଣ ଦାଶଙ୍କ ଦଧିପାର୍ଟିରେ କଳାର ଚାତୁରୀ ଦେଖାଉଥିଲେ । ମ୍ୟାଟ୍ରିକ ପାଶ ପରେ ପ୍ରଥମେ ସାରୁଅ,ପରେ ଜନତା ସୋନାଲୀରେ କାମ କରିବା ପରେ ଗୌରୀ ଗଣନାଟ୍ୟରେ ୩୦ବର୍ଷଧରି କଳାରଚାତୁରୀ ଦେଖାଇବା ସହ ଶେଷରେ ରଙ୍ଗମହଲ ଗଣନାଟ୍ୟରୁ ୬୫ବର୍ଷ ବୟସରେ ଅବସର ଗ୍ରହଣ କରିଥିଲେ । ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପର୍ଣ୍ଣ ହୋଇଛି । କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଓ ବିଜେଡି ପ୍ରାର୍ଥିନୀ ସୁବାଶିନୀ ସାହୁ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।

## ଡମ୍ଫର ଧକ୍କାରେ ବାଇକ ଆରୋହୀ ଗୁରୁତର

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ କାଣ୍ଡବା ସାଳନ୍ଦୀନଦୀ ସେତୁର କିଛି ଦୂରରେ ଏକ ବାଲିବୋଝେଇ ଡମ୍ଫର ଧକ୍କାରେ ଜନୈକ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ବର୍ତ୍ତମାନ ଭଦ୍ରକ ମୁଖ୍ୟ ମେଡିକାଲରେ ଚିକିତ୍ସାଧିନ ଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ ଓଡି୧୬-୫୯୫୩ ଡମ୍ଫର ଆନନ୍ଦପୁର ବୈତରଣୀନଦୀରୁ ବାଲିବୋଝେଇ କରି କୁପାରୀ ଅଭିମୁଖେ ଯାଉଥିଲା। ଅପରପକ୍ଷରୁ ବାଇକ ନଂ ଓଡି୨୨-ଭି-୯୭୭୪ରେ ଆସୁଥିବା ସୁଶାନ୍ତ ବେହେରାଙ୍କୁ ଡମ୍ଫରଟି ଧକ୍କା ଦେଇ ବାଇକ ସହ ତାଙ୍କୁ କିଛିବାଟ ଘୋଷାରି ନେଇ ନୟନଜୋରିକୁ ଓଲଟି ପଡ଼ିଥିଲା। ବାଇକଟି ଡମ୍ଫର ତଳେ ଚାପି ହୋଇଯାଇଥିଲା ମାତ୍ର ସୁଶାନ୍ତ ଛିଟିକି ପଡ଼ି ବାଲି ତଳେ ରହିଯାଇଥିଲେ। ଏହି ଘଟଣା ଦେଖି ସେହି ରାସ୍ତାରେ ଯାଉଥିବା ବାଇକ ଚାଳକମାନେ ସୁଶାନ୍ତଙ୍କୁ ବାଲି ଭିତରୁ ବାହାର କରି ସ୍ଥାନୀୟ ମେଡିକାଲରେ ପହଂଚାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତାଙ୍କ ଘର ହରିପୁର କଳମଚୁଆ ଅଂଚଳର,ସେ କୁକୁଡ଼ା ନେବା ପାଇଁ ଏଠାକୁ ଆସୁଥିଲେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ବଜାର ରାସ୍ତାରେ ଓଭରଲୋଡ଼ିଂ ବାଲି,ଚିପ୍ସ ଆଦି ବୋଝେଇ ହାଇଓ୍ୱା,ଡମ୍ଫର,ଟ୍ରକ ଆଦି ଭାରୀଯାନ ଗୁଡ଼ିକ ନିୟମିତ ଦ୍ରୁତ ବେଗରେ ଯାଆଆସ କରୁଥିବାରୁ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏହାଛଡ଼ା ଅତି ଓଜନଦାର ଗାଡ଼ିଗୁଡ଼ିକ ବାରମ୍ବାର ଚଳାଚଳ କରିବା ଫଳରେ ରାସ୍ତାର ସ୍ଥାୟୀତ୍ୱ ମଧ୍ୟ ହ୍ରାସ ପାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି।

## ଶ୍ରମିକ ଦିବସ ପାଳିତ

ସୋର,(ସବ୍ୟୁ) :ସୋର ଟ୍ରେଜେରୀ କଲୋନୀ ସ୍ଥିତ ଉଠାଜଳ ସେଚନ କର୍ମଚାରୀ ଭବନ ପରିସରରେ ୧୩୮ ତମ ଆନ୍ତର୍ଜାତିକ ଶ୍ରମିକ ଦିବସ ଉଠା ଜଳସେଚନ କର୍ମଚାରୀ ସଂଘ ଓ ଅଙ୍ଗନୱାଡ଼ି କର୍ମୀ ସଙ୍ଘ ତରଫରୁ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି। ଏ ଆଇ ଟି ୟୁ ସି ରାଜ୍ୟ ସମ୍ପାଦକ ମାୟାଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଶ୍ରମିକ ନେତା ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କଣ୍ଟ୍ରୋଲ କମିଶନର ସଦସ୍ୟ ଅନାମ ପ୍ରସାଦ ବାରିକ,ଉପସ୍ଥିତ ଶ୍ରମିକ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ କମ୍ୟୁନିଷ୍ଟ ନେତା ମନୋରଞ୍ଜନ ରାଉତ , ଅଙ୍ଗନୱାଡ଼ି କର୍ମୀ ସଂଘର ସମ୍ପାଦିକା ଆରତୀ ଦାଶମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲା ବେଳେ ପ୍ରାରମ୍ଭରେ ଅନାମ ପ୍ରସାଦ ବାରିକ ପତାକା ଉତ୍ତୋଳନ କରିଥିଲେ। ପଦ୍ମଲୋଚନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୈଳାଶଚନ୍ଦ୍ର ଜେନା,ବିପିନ ବିହାରୀ ବାରିକ, କରୁଣାକର ପ୍ରଧାନ, କମଳାକାନ୍ତ ହୋତା ପ୍ରଭୃତି ସହଯୋଗ ପ୍ରଦାନ କରିଥିଲେ।ସେହିଭଳି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପାଖର ଶାଖା କମିଟି ତରଫରୁ ସିମୁଳିଆ କ୍ଲବ ସାମ୍ନା ପଡିଆରେ ବୟୋଜ୍ୟେଷ୍ଠ କମ୍ୟୁନିଷ୍ଟ ସାଥି କରୁଣାକର ଦାସ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଅନାମ ପ୍ରସାଦ ବାରିକ, ମନୋରଞ୍ଜନ ରାଉତ, ଭଗବାନ ପଣ୍ଡା, ଶଶୀକାନ୍ତ ପଣ୍ଡା, ବିପିନ ବିହାରୀ ବାରିକ, ସୁରେନ୍ଦ୍ର ବେହେରା, ମହେଶ୍ୱର ଶଙ୍ଖୁଆ, ନରେନ୍ଦ୍ର ସାହୁ, ମାନସ ଦାସ,ପ୍ରଶାନ୍ତ ଦାସ, ବୈଷ୍ଣବ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସ୍ୱାମୀ ହିମାଂଶୁଙ୍କ ପାଇଁ ପ୍ରଚାର ଆରମ୍ଭ କଲେ ପ୍ରଜ୍ଞାପାରମିତା

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଛନ୍ତି ପତ୍ନୀ ପ୍ରଜ୍ଞା ପାରମିତା ବେହେରା । ସିମୁଳିଆ ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ ଲୋକଙ୍କୁ ବୁଝାଇବା ସହ ସିମୁଳିଆ, ଖଇରାର ବିକାଶପାଇଁ କଂଗ୍ରେସ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ପରିବର୍ତ୍ତନ ସ୍ୱରରେ ସ୍ୱର ମିଳାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ । ମଙ୍ଗଳବାର ନହଙ୍ଗ ଓ ଗୁରୁବାର ପଳସା ପଞ୍ଚାୟତର ଅର୍ଜୁନପୁର ଗ୍ରାମକୁ ଯାଇ ଘର ଘର ବୁଲି ସ୍ୱାମୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ । ଗ୍ରାମର ମଧୁସ୍ମିତା ରାଉତ,ଦ୍ରୌପଦୀ ପାତ୍ର,ତୁଳସୀ ପାତ୍ର,ମିତାରାଣୀ ଦାସ,ରଞ୍ଜିତା ଦାସଙ୍କ ସମେତ ବହୁ ମହିଳା ସ୍ୱତପ୍ରବୃତ୍ତ ଭାବେ ପ୍ରଚାରରେ ସାମିଲ ହୋଇଥିଲେ ।

# ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ରୋଷର ଶିକାର ଆଶାକର୍ମୀ, ପୃଥକ୍ ମାମଲା ରୁଜୁ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ କୋରିଗାଁ ଉପକେନ୍ଦ୍ର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦେବୀପ୍ରସାଦ ବେହେରାଙ୍କ ଆକ୍ରୋଶର ଶିକାର ହୋଇଥିବା ଆଲିହା ଆଶାକର୍ମୀ ଶାନ୍ତିଲତା ରାଉତଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ପରସ୍ପର ଅଭିଯୋଗ ଆଧାରରେ ୨ ମାମଲା ରୁଜୁ ହୋଇଛି। ଦେବୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଅଧିନରେ କାର୍ଯ୍ୟ କରୁଥିବା ଆଲିହା ଆଶାକର୍ମୀ ଶାନ୍ତିଲତା ବାସ୍ତବରେ କୌଣସି କାର୍ଯ୍ୟ କରୁନାହାନ୍ତି। ଏଥିଯୋଗୁଁ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଆଶାକର୍ମୀ ଶାନ୍ତିଲତାଙ୍କ ଦରମାକୁ ଗତ ୭ ମାସ ଧରି ବନ୍ଦ କରାଯାଇଛି। ଗତ ୨୬ ତାରିଖରେ ସଂପୃକ୍ତ ଅଶାକର୍ମୀ ତାଙ୍କ ସ୍ୱାମୀ ରମାକାନ୍ତ ରାଉତ ଓ ପୁତ୍ର ପିଣ୍ଟୁ ରାଉତ ଦେବୀପ୍ରସାଦ ବେହେରାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ବାଇକକୁ ମଧ୍ୟ ବାଡେଇଥିଲେ। ଏଥିରେ ଦେବୀ ଆହତ ହୋଇଥିଲେ। ଗତ ୧ ତାରିଖରେ ଦେବୀ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଥାନାରେ ୧୯୫/୨୪ନଂ ମାମଲା ୩ଜଣଙ୍କ ନାମରେ ରୁଜୁ ହୋଇଛି। ଅନ୍ୟପକ୍ଷରେ ଆଶାକର୍ମୀ ଶାନ୍ତିଲତାଙ୍କ ଅଭିଯୋଗ ଆଧାରରେ ଦେବୀପ୍ରସାଦ ବେହେରାଙ୍କ ନାମରେ ୧୯୬/୨୪ନଂ ମାମଲା ରୁଜୁ ହୋଇଛି। ଶାନ୍ତିଲତାଙ୍କ ଅଭିଯୋଗ ଅନୁଯାୟୀ ୨୦୦୬ ମସିହାରୁ ଆଶାକର୍ମୀ ଭାବେ ସୁଚାରୁ ରୂପେ କାର୍ଯ୍ୟ ସେ ତୁଲାଇ ଆସୁଥିଲେ। ଏହି କାର୍ଯ୍ୟରେ ବୋହୂ ଶାନ୍ତିଲତାଙ୍କୁ ସହାୟତା କରନ୍ତି। ଏକ ଯୋଜନାର ନଥିପତ୍ର ବୋହୂ ସହ ଶାନ୍ତିଲତା ଗତ ୨୬ ତାରିଖରେ ଆଲିହା ଅଙ୍ଗନବାଡି କେନ୍ଦ୍ରକୁ ତନଖି ପାଇଁ ନେଇଯାଇଥିଲେ। ସେଠାରେ ଦେବୀପ୍ରସାଦ ବେହେରା ବୋହୂ ଓ ଶାନ୍ତିଲତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଶାନ୍ତିଲତା ଏ ସମ୍ପର୍କରେ ଗତ ୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏଥିପୂର୍ବରୁ ସଂପୃକ୍ତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦେବୀପ୍ରସାଦ ବେହେରା ମାଳଦାରେ ଅବସ୍ଥାପିତ ଥିବା ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି କରି ବଦଳି ହୋଇଥିଲେ। ଏବେ ଏହାର ପୁନରାବୃତ୍ତି ହୋଇଛି।

## ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଆଲୋଚନାଚକ୍ର

ଭଦ୍ରକ,(ସବ୍ୟୁ):ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ଅଧକ୍ଷତାରେ ବିଶ୍ୱ ଶ୍ରମିକ ଦିବସ ପାଳନ ପୂର୍ବକ ଏକ ଆଲୋଚନା ଚକ୍ର ୱାନଷ୍ଟପ ସଖି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲଲାଟେନ୍ଦୁ ମହାନ୍ତି, ମେଣ୍ଟେନାନ୍ସ କନ୍ସଲ୍ଟେସନ୍ ଅଫିସର (ବରିଷ୍ଠ ନାଗରିକ), ନାରାୟଣ ପ୍ରସାଦ ବେହେରା ଚିଫ ଏଲଏଡ଼ିସିଏସ୍ , କାହ୍ନୁଚରଣ ବାରିକ, ରାଜିବ ବାରିକ ପେନାଲ ଓକିଲ ବୃନ୍ଦ, ଡ. ତାପସ କୁମାର ମହାନ୍ତି, ମହମ୍ମଦ ଅଲ୍ଲୀ ତାହେର, ବହ୍ନିଶିକ୍ଷା ବିଶ୍ୱାଳ ସଦସ୍ୟ / ସଦସ୍ୟା ଏଲଏଡ଼ିସିଏସ୍, ଭଦ୍ରକ ପିଏଲଭି ସଦସ୍ୟ ଓ ସଦସ୍ୟା ସ୍ଥାନୀୟ ପୋଲିସ୍ ଅଧିକାରୀମାନେ କାର୍ଯ୍ୟକ୍ରମ ମାଧମରେ ଶ୍ରମିକ ଦିବସର ତାପର୍ଯ୍ୟ, ବିଶେଷତ୍ୱ ଓ ସଚେତନତା ଉପରେ ବିଶେଷ ଭାବରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୱାନଷ୍ଟପ୍ ର ସମସ୍ତ କର୍ମକର୍ତ୍ତା ଓ ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ସୋର, (ସବ୍ୟୁ) : ସୋର ବ୍ଲକ ମାଣିପୁର ପଞ୍ଚାୟତ ମାଣିପୁର ଗ୍ରାମରେ ଘରୋଇ କଳହରୁ ଜଣେ ଯୁବକ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।ଏହି ଗ୍ରାମର ଜଗନ୍ନାଥ ବେହେରା (୨୦) କଟକରେ ରହି ପାଠ ପଢୁଥିବା ବେଳେ ଗତ କିଛିଦିନ ତଳେ ଘରକୁ ଆସିଥିଲେ। ଗତକାଲି ରାତିରେ ତାଙ୍କ ମାଆଙ୍କ ସହିତ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଫଳରେ ଆଜି ସକାଳେ ତାଙ୍କ ମା ଘରେ ନଥିବା ବେଳେ ଶୋଇବା ଘର ଗଡାଣରେ ବେକରେ ଶାଢି ବାନ୍ଧି ଝୁଲିପଡିଥିଲେ। ଦୀର୍ଘ ସମୟ ପରେ ତାଙ୍କ ଆଇ ତାଙ୍କୁ ଡାକିବାକୁ ଆସିଥିବା ବେଳେ ସେ କବାଟ ଖୋଲିନଥିଲେ। ପଡ଼ୋଶୀଙ୍କ ସହାୟତାରେ ଘରର କବାଟ ଭାଙ୍ଗିବା ପରେ ଜଗନ୍ନାଥଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ପ୍ରଥମେ ମାଣିପୁର ଏବଂ ପରେ ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଜଗନ୍ନାଥଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ସୋର,(ସବ୍ୟୁ) : ସୋର ବ୍ଲକ ମଧୁସୂଦନପୁର ପଂଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଜଣେ ଯୁବକ ଜଣେ ବୟାସ୍କା ମହିଳାଙ୍କୁ ଅସଦଆଚରଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ଅନିରୁଦ୍ଧ ଦାସ(୩୫) ତାଙ୍କର ଜଣେ ୫୫ ବର୍ଷୀୟା ସଂପର୍କୀୟ ମହିଳା ଶୋଇଥିବା ବେଳେ ତାଙ୍କ ସହ ଅସଦାଚରଣ କରିବା ସହିତ ତାଙ୍କୁ ଦୁଷ୍କର୍ମ କରିବାକୁ ପ୍ରୟାସ କରିଥିଲେ। ମହିଳାଜଣଙ୍କ ଚିତ୍କାର କରିବାରୁ ଯୁବକଜଣଙ୍କ ତାଙ୍କୁ ମାଡ଼ ମାରି ନିଜର ପ୍ୟାଣ୍ଟ ଓ ମୋବାଇଲ ଛାଡି ଚମ୍ପଟ୍ ମାରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠିପଡ଼ି ଘଟଣା ବାବଦରେ ଜାଣିବା ପରେ ମହିଳାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ୨୬ ତାରିଖରେ ଏ ବାବଦରେ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଫେରାର ଅନିରୁଦ୍ଧଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଏଯାଏଁ ଅନିରୁଦ୍ଧର କୌଣସି ପତ୍ତା ମିଳିପାରିନାହିଁ। ମହିଳା ଜଣଙ୍କ ଆଜି ବାଲେଶ୍ୱର ଏସ୍ ପିଙ୍କ ନିକଟରେ ଫେରାଦ ହେବା ସହିତ ଆଗାମୀ ଦିନରେ ନ୍ୟାୟ ନପାଇଲେ ସୋର ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି କହିଛନ୍ତି।

# ସହିଦଙ୍କୁ ଝୁରିଲେ ଅଞ୍ଚଳବାସୀ

ବେତନଟୀ ,(ସବ୍ୟୁ) :ମେଳି ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ଦେଶ ମାତୃକାର ପାଇଁ ସହିଦ ହୋଇଥିବା କଙ୍କା ମାଝୀ, କାଳିଆ ମହାନ୍ତ, ରତୁ କୋଲକାମାର ଓ ନୟସିଂମୁଣ୍ଡା ପ୍ରମୁଖଙ୍କୁ ୧୯୧୭ ମସିହାର ମଇ ୩ ତାରିଖରେ ଇଂରେଜ ସରକାର ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ । ସେଇଥି ପାଇଁ ଆଜିର ଦିନକୁ ଏକ ସ୍ମରଣୀୟ ଦିବସ ଭାବରେ ପାଳନ କରାଯାଏ । ମହୁଲିଆ ହାଟ ପଡିଆ ଠାରେ ଏହି ବଳିଦାନ ଦିବସ ମହା ସମାରୋହ ରେ ଅନୁଷ୍ଠିତ ହୋଇ ଯାଇଛି ଛ ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ସହିଦ କଂଙ୍କା ମାଝୀ ଓ କାଳିଆ ମହାନ୍ତ ସ୍ମୃତି ପରିଷଦର ଅଧକ୍ଷା ତଥା ବେତନଟୀ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପାନମଣି ମୁର୍ମୁଙ୍କର ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କବି ମନୋଜ କୁମାର ମହାନ୍ତ ସଭା ପରିଚାଳନା କରିଥିଲେ ।ଏହି ବୈଠକ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ବାସୁଦେବ ନାପିତ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ପ୍ରକାଶ କର ମହାପାତ୍ର, ମାଝିବାବା ସୁନାରାମ କିସ୍କୁ, ଦିଲ୍ଲୀପ ମୁର୍ମୁ, ମଙ୍ଗଲ ଟୁଡୁ, ଉମାକାନ୍ତ ମହାନ୍ତ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦେଇ ସହିଦ ଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସଭାରମ୍ଭ କରିଥିଲେ । ସଭାରେ ଭକ୍ତହରି ମାରାଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୀର ସହିଦ କାଳିଆ ମହାନ୍ତ ଙ୍କ ଦାୟାଦ ରେବତୀ ମହାନ୍ତଙ୍କୁ ଅତିଥିଗଣ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ସ୍ମୃତି ପରିଷଦ ତରଫରୁ ବିଗତ ଦିନରେ ନିଆଯାଇ ଥିବା ପଦକ୍ଷେପ ପାଇଁ ଅତିଥିଗଣ ଅଧକ୍ଷା ସରପଞ୍ଚ ପାନମଣି ମୁର୍ମୁଙ୍କୁ ପ୍ରଶଂସା କରିଥିଲେ । ଶେଷରେ ଢାବୁଲ ତାମସା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଦିବସ ବ୍ୟାପି ଆୟୋଜିତ ହୋଇ ଥିବା ବେଳେ ବହୁ ସଂଖ୍ୟକ ଅଞ୍ଚଳବାସୀ ଯୋଗଦାନ କରି ସହିଦଙ୍କ ସ୍ମୃତିଚାରଣ କରିଥିବାର ଦେଖିବାକୁ ମିଳିଛି ।

# ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ପାଟଣା,(ସବ୍ୟୁ) : ଶୁକ୍ରବାର ବିଜେପି ପକ୍ଷରୁ ସାଂସଦ ଓ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କାଳୀ ପଡିଆରୁ ବିଜେପିର ଏକ ବିଶାଳ ସଭାଯାତ୍ରା ବାହାରି କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟଳୟ ରେ ପହଁଞ୍ଚି ଥିଲା । ବିଜେପି ଲୋକସଭା ସାଂସଦ ପ୍ରାର୍ଥୀ ଅନନ୍ତ ଚରଣ ନାୟକ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସେହିପରି ପାଟଣା ବିଧାନସଭା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଅତିରକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଏହି ସାଂସଦ ଓ ବିଧାୟକ ଙ୍କ ପ୍ରାର୍ଥୀ ପତ୍ର ଦାଖଲ କାର୍ଯ୍ୟକ୍ରମ ରେ ବିଜେପି ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ,କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରୀ ଫଗନ ସିଂ କୁଲସ୍ତେ , ଜିଲ୍ଲା ସଭାପତି ଅଂଶୁମାନ ସବୁଜ ବର୍ମା ମହାନ୍ତ,ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ,ସାହାରପଡା ପୂର୍ବତନ ଅଧକ୍ଷ ଗୌତମ ନାଏକ,ଯୁବମୋର୍ଚ୍ଚା ହେମା ରଞ୍ଜନ ବାରକ,ବରିଷ୍ଠ ନେତାଙ୍କ ସହ ପାଟଣା ନିର୍ବାଚନ ମଣ୍ଡଳୀ ୫୬ଟି ପଞ୍ଚାୟତରୁ ୫ହଜାର ଊର୍ଦ୍ଧ୍ୱ ବିଜେପି କର୍ମୀ ସାମିଲ ଥିବା ଦେଖିବାକୁ ମିଳିଥିଲା।

# ଟିପିଏନଓଡିଏଲକୁ ଓଡ଼ିଶା ବେଷ୍ଟ ଏମ୍ପ୍ଲୋୟର୍ ବ୍ରାଣ୍ଡ ସମ୍ମାନ

ବାଲେଶ୍ୱର,(ସବ୍ୟୁ) :ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)ର ଗୁଣାତ୍ମକ କର୍ମଚାରୀ ପରିଚାଳନା ପଦ୍ଧତିକୁ ମିଳିଛି ଆଉ ଏକ ସ୍ୱୀକୃତି। କର୍ମଚାରୀମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ଉନ୍ନତ ମାନର ସୁବିଧା ଯୋଗାଇବା ପାଇଁ ଟିପିଏନଓଡିଏଲକୁ ଶ୍ରେଷ୍ଠ ନିୟୋଜକ ସମ୍ମାନ ଓଡ଼ିଶା ବେଷ୍ଟ ଏମ୍ପ୍ଲୋୟର୍ ଆୱାର୍ଡ ରେ ସମ୍ମାନିତ କରାଯାଇଛି। ୱାଲର୍ଡ ଏଚଆରଡି କଂଗ୍ରେସ ପକ୍ଷରୁ ଭୁବନେଶ୍ୱରର ସାଣ୍ଡି ଟାୱାର ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡିଏଲକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ଚିଫ ଅପରେସନ ନିଲେଶ ପୋଟଫଡେ, ଏଚଆର ଏଜିଏମ ଚିନ୍ମୟ ରଥ, ଏଚଆର ବିଭାଗୀୟ ମୁଖ୍ୟ ଷ୍ଟିଫେନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଏହାକୁ ଗ୍ରହଣ




କରିଥିଲେ। ଏହାକୁ ନେଇ ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସକ ଖୁସି ବ୍ୟକ୍ତ କରିବା ସହ ଏହି ସଫଳତା ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଦିଗରେ ଅଧିକ ପ୍ରେରଣା ଦେବ ବୋଲି କହିଛନ୍ତି। ସୂଚନା ମୁତାବକ ନିକଟରେ ଟିପିଏନଓଡିଏଲକୁ ଗ୍ରେଟ ପ୍ଲେସ ଟୁ ୱାର୍କ ସମ୍ମାନ ମଧ ମିଳିଛି। ମାତ୍ର ୩ ବର୍ଷର ଏହି ସଂସ୍ଥା ନିଜର ଗୁଣବତ୍ତା ସେବା ଓ କର୍ମଚାରୀଙ୍କୁ ମୌଳିକ ଭିତ୍ତିଭୂମି ଯୋଗାଇ ଏହି ସମ୍ମାନର ଅଧିକାରୀ ହୋଇପାରିଛି। ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ଟିପିଏନଓଡିଏଲ ଗୁରୁତ୍ୱ ଦେବା ସହ କର୍ମଚାରୀଙ୍କୁ କାର୍ଯ୍ୟ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଓ ସାମାଜିକ ବିକାଶ ମୂଲ୍ୟବୋଧକୁ ମଧ ଗୁରୁଦାୟିତ୍ୱ ସହ ବହନ କରୁଛି।

# ଓୟୁଜେ ପାଳିଲା ମଇ ଦିବସ : ସାମ୍ବାଦିକଙ୍କ ସମସ୍ୟା ଉପରେ ଗୁରୁତ୍ୱ

ବାଲେଶ୍ୱର, (ସବ୍ୟୁ) : ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖାପକ୍ଷରୁ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ମଇ ଦିବସ ପାଳିତ ହୋଇଯାଇଛି । ଓୟୁଜେର ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପ୍ରେସକ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସେଇଠୁ ଆରମ୍ଭର ସମ୍ପାଦକ ଶୁଭେନ୍ଦୁ ଦାସ, ସମାଜର ଡେସ୍କ ଇନ୍ଚାର୍ଜ ଶଶୀରଂଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ମଇ ଦିବସ ଅବସରରେ ସମସ୍ୟା ଚକ୍ରରେ ସାମ୍ବାଦିକ ଶୀର୍ଷକ ଆଲୋଚନାରେ ଭାଗନେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ସାମ୍ବାଦିକଙ୍କୁ ସୁରକ୍ଷା, ପେନ୍ସନ୍ ଓ ପ୍ରେଷ୍ଟିଜ ପ୍ରଦାନ ଉପରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା । ସାମ୍ବାଦିକମାନଙ୍କୁ ସବୁକ୍ଷେତ୍ରରେ ଆଗ ଡାକରା ହେଉଥିବା ବେଳେ ସେମାନଙ୍କ ସର୍ବନିମ୍ନ ସମସ୍ୟାକୁ ସମାଧାନ କରାଯିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ଏକ ନିରପେକ୍ଷ ସଂସ୍ଥା ଜରିଆରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ସାମ୍ବାଦିକମାନେ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ବେଳେ ନିଜେ ନିଜର ପରିସୀମା ଭିତରେ ରହିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସର୍ବଶ୍ରୀ ଅନାମ ଚରଣ ପଣ୍ଡା, ରବିନ୍ଦ୍ର ମହାକୁଡ, ବିବେକାନନ୍ଦ ଦାସ, ଅଭୟ ଦାସ, ସର୍ବେଶ୍ୱର ନାଥ, ଦେବବ୍ରତ ପାଣିଗ୍ରାହୀ, ସୁମନା ପରିଡ଼ା, ସୁରେଶ ଚନ୍ଦ୍ର ଦାସ, ଆଜିମ ବାଲେଶ୍ୱରୀ, ଅକ୍ଷୟ କୁମାର ଜେନା, ଉତ୍କଳବନ୍ଧୁ ପଣ୍ଡା, ରବିରଂଜନ ତ୍ରିପାଠୀ, ଅଜିତ୍ କୁମାର ମହାନ୍ତି, ହାଇଦର ଖାନ୍,ଅଧିପ କୁମାର ଦାସ, ଲକ୍ଷ୍ମୀଧର ଗାନ, ସୋମନାଥ ସାହୁ, ସଂଜୟ କୁମାର ଗିରି, ଜିତେନ୍ଦ୍ର କୁମାର ମହାନ୍ତି, ସେଖ୍ ନଜିମ, ପ୍ରତିମା ଜେନା, ବାସୁଦେବ ରାଉଳ, କାଞ୍ଚମଣି ସ୍ୱାଇଁ, ସଂଯୁକ୍ତା ରାଣୀ ବେହେରା, ଅଭୟକୁମାର ପତ୍ରୀ, ରମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଶମ୍ଭୁନାଥ ନାୟକ, ସଂଜୟ କୁମାରବେହେରା, ମନୋଜ କୁମାର ପ୍ରଧାନ, ଚିତ୍ତରଂଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୨୧)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍‌ସୁଖମ୍ ।
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥୨୧॥

ବାହ୍ୟେନ୍ଦ୍ରିୟ ବିଷୟରେ ଯାହାର ଚିତ୍ତ ଆସକ୍ତ ନୁହେଁ, ସେ ଅନ୍ତଃକରଣରେ ଶାନ୍ତିପୂର୍ଣ୍ଣ ସାତ୍ତ୍ୱିକ ସୁଖ ଭୋଗ କରନ୍ତି, ତତ୍ପରେ ସେ ବ୍ରହ୍ମଭାବନାରେ ନିବିଷ୍ଟଚିତ୍ତ ହେଲେ ଅକ୍ଷୟ ସୁଖ ପ୍ରାପ୍ତି ହୁଅନ୍ତି ॥୨୧॥

# ସମ୍ପାଦକୀୟ

## ଶାନ୍ତି ଅପେକ୍ଷାରେ ମଣିପୁର !

ଜାତିଗତ ହିଂସାର ଶିକାର ହେବାର ବର୍ଷେ ପରେ ମଧ୍ୟ ମଣିପୁରରେ ସ୍ଥିରତା ଆସି ନାହିଁ, ଅସ୍ଥିରତା ଲାଗିରହିଛି । ଗତ ଆଠ ମାସ ମଧ୍ୟରେ ରାଜ୍ୟରେ ବ୍ୟାପକ ହିଂସା ଦେଖାଯାଇ ନାହିଁ, ମୈତେଇ ଓ କୁକୀ–ଜୋ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ମଧ୍ୟ ମଝିରେ ମଝିରେ ଜୀବନ ନେବାରେ ଲାଗିଛି । ମଣିପୁରରେ ହିଂସା ଯୋଗୁଁ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଛନ୍ତି, ଅନେକ ପରିବାର ଶରଣାର୍ଥୀ ଶିବିରରେ ଜୀବନ କାଟୁଛନ୍ତି ଏବଂ କେତେକ ମହିଳା ଅମାନବୀୟ ଅତ୍ୟାଚାରର ଶିକାର ହେଇଛନ୍ତି । ଯେଉଁଥିପାଇଁ ଆଜିବି ଦୁଇ ଗୋଷ୍ଠୀ ପରସ୍ପରକୁ ଗ୍ରହଣ କରି ପାରୁନାହାନ୍ତି ବା ବିଶ୍ୱାସକୁ ନେଉନାହାନ୍ତି । ଦୁଇ ଗୋଷ୍ଠୀ ପରସ୍ପର ଉପରେ ଏତେ ମାତ୍ରାରେ କ୍ଷୁବ୍ଧ ଅଛନ୍ତି ଯେ' ମଝିରେ ମଝିରେ ଆଇନକୁ ହାତକୁ ନେବାରେ ପଛାଉ ନାହାନ୍ତି । ଏଥିପାଇଁ ଦୁଇ ଗୋଷ୍ଠୀର ମାନସିକତା ନିଶ୍ଚୟ ଭାବରେ ଦାୟୀ, କାରଣ ଦୁଇ ଗୋଷ୍ଠୀ କଥାବାର୍ତ୍ତା ମାଧ୍ୟମରେ ବିବାଦର ସମାଧାନ ପାଇଁ ଇଛା ପ୍ରକାଶ କରୁନାହାନ୍ତି । ଅନ୍ୟପକ୍ଷରେ, ଲଢେଇ କରୁଥିବା ସମ୍ପ୍ରଦାୟ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ କଥାବାର୍ତ୍ତା ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ରହିଛି । ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଶେଷ ହେବାର ଦୁଇଦିନ ପରେ, ଦୁଇଟି ପଡୋଶୀ ଗାଁର ବାସିନ୍ଦାଙ୍କ ମଧ୍ୟରେ ଗୁଳି ବିନିମୟ ହେବା ଫଳରେ ଜଣଙ୍କର ଜୀବନ ଯାଇଥିବା ବେଳେ ଆଉ ଦୁଇ ଜଣ ଆହତ ହେଇଛନ୍ତି । ସେହିପରି ଅନ୍ୟ ଏକ ଘଟଣାରେ, ଗୋଟିଏ ପାରାମିଲିଟାରୀ ଫୋର୍ସର ଆଉଟପୋଷ୍ଟରେ ବିସ୍ଫୋରଣ ପରେ ଦୁଇ ଜଣ CRPF କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଥିଲେ । ସୁରକ୍ଷା ବାହିନୀଙ୍କ ଉପରେ ଆକ୍ରମଣ ସ୍ପଷ୍ଟ କରୁଛି ଯେ' କେବଳ ବଳ ପ୍ରୟୋଗ ମାଧ୍ୟମରେ ପରିସ୍ଥିତିକୁ ଆୟତ୍ତ କରିହେବ ନାହିଁ, ବିବାଦର ସମାଧାନ ପାଇଁ ସମାନ ପରିମାଣରେ ସମ୍ବେଦନଶୀଳତା ଏବଂ ସହାନୁଭୂତି ଆବଶ୍ୟକ କରେ । ଗତ ବର୍ଷ ମେ ୩ ରେ ପ୍ରଥମ ସଂଘର୍ଷ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଭିନ୍ନ ଜାତି, ଗୋଷ୍ଠୀ, ରାଜନୈତିକ ଦଳ ତଥା ନାଗରିକ ସମାଜର ପ୍ରତିନିଧୀଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଘୋଷଣା କରିଥିଲେ । ମଣିପୁରର ସମାଜର ଜଟିଳତା ପରି କମିଟିରେ ମଧ୍ୟ ମତପାର୍ଥକ୍ୟ ଦେଖାଦେଲା ଏବଂ କମିଟି ଏହାର ଲକ୍ଷ୍ୟରେ ସଫଳ ହେଇ ପାରିଲାନାହିଁ । ଜମି ଧାରଣ କରିବାର ଢାଞ୍ଚା ଓ ଔପନିବେଶ ନୀତିର କ୍ରମାଗତ ପ୍ରଭାବ ଯାହା ମୈତେଇ–ପ୍ରାଧାନ୍ୟ ଇମ୍ଫାଲ୍ ଉପତ୍ୟକା ଠାରୁ ରାଜ୍ୟର ଆଦିବାସୀ–ପ୍ରାଧାନ୍ୟ ପାହାଡ ଅଞ୍ଚଳକୁ ପୃଥକ କରିଛି ଯାହା ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ସହାୟକ ହେଇଛି ଏବଂ ଏହାର ସମାଧାନ ଏତେ ସହଜ ନୁହେଁ । କେବଳ ସରକାର ନିଜର ଆଭିମୁଖ୍ୟ ମାଧ୍ୟମରେ ଉଭୟ ଗୋଷ୍ଠୀର ବିଶ୍ୱାସଭାଜନ ହେବା ଦରକାର ଯାହା ହୁଏତ ସରକାରଙ୍କ ଉପରେ ଉଭୟ ଗୋଷ୍ଠୀଙ୍କ ଆସ୍ଥା ବଢାଇବା ସହ ସମାଧାନର ବାଟ ସ୍ପଷ୍ଟ କରିବ । କିନ୍ତୁ ବିଗତ ବର୍ଷରେ, ମଣିପୁର ସରକାର ବିଭିନ୍ନ ଗୋଷ୍ଠୀଙ୍କ ପାଖରେ ବିଶେଷ କରି ପାହାଡି ଜନଜାତିଙ୍କ ପାଖରେ ବିଶ୍ୱାସଭାଜନ ହେଇ ପାରିନାହାନ୍ତି ଏବଂ ପ୍ରମାଣ କରିପାରି ନାହାନ୍ତି ଯେ' ତାଙ୍କ ରାଜ୍ୟର ଜନତା ଏବଂ ସେମାନଙ୍କର ସମସ୍ୟା ତାଙ୍କ ପାଇଁ ରାଜନୀତି ଠାରୁ ଅଧିକ । ବରଂ ଅନ୍ୟାନ୍ୟ କାରଣର ଦ୍ୱାହି ଦେଇ ଘଟଣାକୁ ଏଡାଇ ଚାଲିଛନ୍ତି । ଡ୍ରଗ୍ ଚୋରା ଚାଲାଣକାରୀଙ୍କୁ ଦମନ କରିବା ପାଇଁ ମଣିପୁର ସରକାର ଭଲ କାମ କରିଛନ୍ତି । କିନ୍ତୁ ଦୁଃଖର ବିଷୟ, ରାଜନୈତିକ ଓ ପ୍ରଶାସନିକ ବିଫଳତାକୁ ଲୁଚେଇବା ପାଇଁ ସେ ମିଆଁମାରରୁ ଆସିଥିବା ବେଆଇନ ପ୍ରବାସୀମାନଙ୍କୁ ଡ୍ରଗ୍ସ କାରବାର ପାଇଁ ଦାୟୀ କରିଛନ୍ତି ଯେଉଁମାନଙ୍କର ଜାତି କୁକି–ଜୋମିସ୍‌ଙ୍କ ଜାତି ସହ ସମାନ ଅଟେ । ଦେଶରେ ମୁଣ୍ଡପିଛା ଆୟର ତୃତୀୟ ସର୍ବନିମ୍ନ ଥିବା ଏହି ରାଜ୍ୟରେ ବିକାଶ ପଛରେ ପଡିଯାଇଛି ଏବଂ ସାଧାରଣ ଜନତାଙ୍କ ଜୀବିକା ବିପର୍ଯ୍ୟୟ ହେବାରେ ଲାଗିଛି । ୧୯୯୦ ଦଶକରେ ଉତ୍ତର–ପୂର୍ବ ଅଞ୍ଚଳରେ ମୁଣ୍ଡପିଛା ଆୟରେ ମଣିପୁର ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲା – ଏହା ଏବେ ପଛରେ ପଡିଯାଇଛି । ମଣିପୁରର ବିକାଶ ପାଇଁ ଅର୍ଥନୈତିକ, ରାଜନୈତିକ ଏବଂ ପ୍ରଶାସନିକ ସ୍ତରରେ ମିଳିତ ଭାବରେ ପ୍ରଚେଷ୍ଟା କରିବାର ଆବଶ୍ୟକତା ରହିଛି ।

## କଳଙ୍କ !

ନିର୍ବାଚନ ସମୟରେ ସାଂସଦ ପ୍ରଜ୍ୱଳ ରେବନ୍ନାଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା, ଧମକଚମକ ଏବଂ ମହିଳାଙ୍କ ସମ୍ମାନକୁ ଆଘାତ ଦେବା ଭଳି ଅଭିଯୋଗ ଏବେ କର୍ଣ୍ଣାଟକ ରାଜନୀତିକୁ ଦୋହଲାଇ ଦେଇଛି । ସେ ଚଳିତ ନିର୍ବାଚନରେ ଜେ ଡି (ଏସ)–ବିଜେପି ପକ୍ଷରୁ ହାସାନ ଆସନରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ବ୍ୟକ୍ତିଜଣକ ବହୁ ସଂଖ୍ୟାରେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି ଏବଂ ତାଙ୍କ ସହ ଲିଙ୍କ୍ ଥିବା ଭିଡିଓଗୁଡିକ ତାଙ୍କ ପୂର୍ବ ଡ୍ରାଇଭରଙ୍କ ଦ୍ୱାରା ତାଙ୍କ ଫୋନରୁ କପି ହୋଇ ପ୍ରାୟ ଏକ ସପ୍ତାହ ଧରି ପ୍ରସାରିତ ହୋଇଛି । ନିର୍ବାଚନମଣ୍ଡଳୀ ମତଦାନକୁ ଯିବାର କିଛି ଦିନ ପୂର୍ବରୁ ଭିଡିଓଗୁଡିକ ସର୍ବସାଧାରଣରେ ପ୍ରସାରିତ ହେବ ପରେ ସେ ଦେଶ ଛାଡି ପଳାଇଛନ୍ତି । 'ସେକ୍ସ ଭିଡିଓ' ମାମଲାରେ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ( ଏସଆଇଟି) ଲୁକ୍ ଆଉଟ୍ ନୋଟିସ ଜାରିକରିଛି । ସାଧାରଣତଃ ଏକ ଘୋଟାଲାର ଏପରି ସମୟରେ ସାର୍ବଜନୀନ କରାଯିବା ଦ୍ୱାରା ଭିଡିଓଗୁଡିକର ସତ୍ୟତା ଏବଂ ଅଭିଯୋଗ ଉପରେ ସନ୍ଦେହ ସୃଷ୍ଟି ହୋଇଥାନ୍ତା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ପ୍ରଜ୍ୱଳଙ୍କ ନିଜ ପରିବାର ପକ୍ଷରୁ ଏହି ଅଭିଯୋଗକୁ ମଧ୍ୟ ଅସ୍ୱୀକାର କରାଯାଇ ନାହିଁ, କେବଳ ଭିଡିଓଗୁଡିକ ସାର୍ବଜନୀନ କରିବା ପଛରେ କଂଗ୍ରେସ ଅଛି ବୋଲି କୁହାଯାଇଛି । ଏହା ବଦଳରେ, ତାଙ୍କ ନିଜ ଦଳ ତାଙ୍କୁ ନିଲମ୍ବନ କରିଛି, ବୋଧହୁଏ ଉତ୍ତର କର୍ଣ୍ଣାଟକରେ ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନରେ ଜେଡି (S) –BJP ମିଳିତ ମଞ୍ଚର ସମ୍ଭାବନାରେ ଏହାର ପ୍ରଭାବ ନ ପକାଇବା ପାଇଁ । କର୍ଣ୍ଣାଟକ ସରକାର ତାଙ୍କ ଏବଂ ତାଙ୍କ ପିତା ଏଚ୍ ଡି ରେବନ୍ନାଙ୍କ ବିରୋଧରେ ଏକ ମାମଲା ଦାୟର କରିଛନ୍ତି ଯେଉଁଥିରେ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ରହିଛି ଏବଂ ଏହି ଅଭିଯୋଗର ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ଗଠନ କରାଯାଇଛି । ଭାରତକୁ ଫେରିବା ଏବଂ ଏସଆଇଟିର ସମ୍ମୁଖୀନ ହେବା ପାଇଁ ପ୍ରଜ୍ୱଳଙ୍କ ଓକିଲ ଏକ ସପ୍ତାହ ସମୟ ମାଗିଛନ୍ତି । ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତା ହେଲେ ଏହାଠାରୁ ବଡ ଦୁଃଖର କଥା କିଛି ବି ହେଇ ନ ପାରେ । ଜଣେ ଯୁବନେତା ଜଣେ ଅସୁରକ୍ଷିତ ମହିଳାଙ୍କୁ ଶୋଷଣ କରିବା ନିଶ୍ଚୟ ଏକ ବିକୃତ ଚିତ୍ର । ପୁଣି ପୀଡିତାଙ୍କୁ ବ୍ଲାକମେଲ କରିବା ପାଇଁ ଶୋଷଣର ରେକର୍ଡ ରଖିବା, ଏହା କି ପ୍ରକାରର ମାନସିକତା ? ରାଜନୈତିକ ଦଳ ଓ ନେତା ବାରମ୍ବାର 'ନାରୀ ଶକ୍ତି', 'ନାରୀ ବନ୍ଦନୀୟା' କହୁଥିବା ବେଳେ ଏ ପ୍ରକାର କାର୍ଯ୍ୟ କିପରି କରିପାରୁଥିଲେ ସମ୍ପୃକ୍ତ ନେତା ଜଣକ ? ଏ ପ୍ରକାର ମଣିଷ, ରାଜନୀତି ପାଇଁ ନିଶ୍ଚୟ ଭାବରେ କଳଙ୍କ । ରାଜନେତାଙ୍କୁ ଲୋକଙ୍କ ସେବକ ଭାବରେ ଦେଖାଯାଏ, ତେଣୁ ଏ ପ୍ରକାର ଲୋକଙ୍କର ରାଜନୀତିରେ ରହିବା, ଆଦୌ ଗ୍ରହଣୀୟ ନୁହେଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ଅତ୍ୟୁଚ୍ଚ ଓ ଧୀର ଶବ୍ଦର ପ୍ରଭାବ

**ଧ୍ରୁବ ଚରଣ ଘିବେଲା**

**କଥା କହିଲେ ଶବ୍ଦ ବା ଧ୍ୱନି ସୃଷ୍ଟି ହୁଏ । ବାଣ, ଫୋଟକା ଫୁଟାଇଲେ ଶବ୍ଦ ବା ଧ୍ୱନି ସୃଷ୍ଟି ହୁଏ । ଉଚ୍ଚରୁ କିଛି ପଦାର୍ଥ ଭୂପତିତ ହେଲେ ସେମିତି ଶବ୍ଦ ସୃଷ୍ଟି ହୁଏ ଶବ୍ଦ । ତେବେ ଶବ୍ଦ ବା ଧ୍ୱନି ସୃଷ୍ଟିର କାରଣ ଏକ ନୁହେଁ, ଏକାଧିକ । ଏ ଜଗତ ଶବ୍ଦମୟ । ବିଭିନ୍ନ କାରଣରୁ ଶବ୍ଦ ସୃଷ୍ଟି ହୋଇଥାଏ । ସାଧାରଣତଃ ପକ୍ଷୀଟିଏ କୁଜନ କଲେ, ପକ୍ଷୀ ଡେଣା ଝାଡ଼ି ଉଡ଼ିଗଲେ, ଗାଡ଼ିମଟର ଯନ୍ତ୍ରଯାନ ଗତି କରି ଗଡ଼ି ଚାଲିଲେ,ସ୍କୁଲ ଘଣ୍ଟି ବାଜିଉଠିଲେ, ସକାଳୁ ସକାଳୁ ଗାଆଁ ମୁଣ୍ଡ ଦେଉଳରେ ଶୁଭ ଶଙ୍ଖ ଘଣ୍ଟ ବାଜିଲେ.........**

ଶବ୍ଦ ବା ଧ୍ୱନି ସୃଷ୍ଟି ହୋଇଥାଏ । ସୃଷ୍ଟିର ଆଦ୍ୟ ଧ୍ୱନି ଓମ୍ । ଅ – ଉ – ମ ଓମ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । କଥା କହିଲେ ଶବ୍ଦ ବା ଧ୍ୱନି ସୃଷ୍ଟି ହୁଏ । ବାଣ, ଫୋଟକା ଫୁଟାଇଲେ ଶବ୍ଦ ବା ଧ୍ୱନି ସୃଷ୍ଟି ହୁଏ । ଉଚ୍ଚରୁ କିଛି ପଦାର୍ଥ ଭୂପତିତ ହେଲେ ସେମିତି ଶବ୍ଦ ସୃଷ୍ଟି ହୁଏ ଶବ୍ଦ । ତେବେ ଶବ୍ଦ ବା ଧ୍ୱନି ସୃଷ୍ଟିର କାରଣ ଏକ ନୁହେଁ, ଏକାଧିକ । ଏ ଜଗତ ଶବ୍ଦମୟ । ବିଭିନ୍ନ କାରଣରୁ ଶବ୍ଦ ସୃଷ୍ଟି ହୋଇଥାଏ । ସାଧାରଣତଃ ପକ୍ଷୀଟିଏ କୁଜନ କଲେ, ପକ୍ଷୀ ଡେଣା ଝାଡ଼ି ଉଡ଼ିଗଲେ, ଗାଡ଼ିମଟର ଯନ୍ତ୍ରଯାନ ଗତି କରି ଗଡ଼ି ଚାଲିଲେ,ସ୍କୁଲ ଘଣ୍ଟି ବାଜିଉଠିଲେ, ସକାଳୁ ସକାଳୁ ଗାଆଁ ମୁଣ୍ଡ ଦେଉଳରେ ଶୁଭ ଶଙ୍ଖ ଘଣ୍ଟ ବାଜିଲେ, ଗାଈ ହମ୍ବା ରଡ଼ି ଦେଲେ, ଗୋରୁପଲ ପ୍ରାତଃକାଳେ ଗୋଠମୁହାଁ ହେଲେ,ବଡ଼ିଭୋରରୁ ଘର ମଥାନରୁ କୁକୁଡ଼ା ଡାକ ଦେଲେ, ଲୁହୁରା ତତଲା ଲୁହା ଉପରେ ଆଘାତ କଲେ, କିଏ କାହାକୁ ଡାକ ପକାଇଲେ, କଳକାରଖାନା ଚାଲୁ ହେଲେ, କାରଖାନାରେ ସାଇରନ ବାଜିଲେ, ବସ ହେଲପର ଗନ୍ତୁଥିବା ବସକୁ ବାଡ଼େଇ ବାଡ଼େଇ ଗନ୍ତବ୍ୟ ସ୍ଥାନର ନାମ ଆଦି ଡାକି ଚାଲିଲେ, ହୋଟେଲ ସାମ୍ନାରେ ଠିଆ ହୋଇ ହୋଟେଲ ବୟ ଟିଫିନ ମିଲସ ରେଡ଼ି ଇଆଡ଼େ ଇଆଡ଼େ ଆସ କହିଲେ, ପବନରେ ଗଛ ଦୋହଲିଲେ, ଗଛ ଭାଙ୍ଗିବା ଆରମ୍ଭ କଲେ, ଘର ଭୁଶୁଡିବା ଆରମ୍ଭ ହେଲେ, ସମୁଦ୍ର ଜୁଆର କୂଳ ଆଡ଼କୁ ମାଡ଼ି ଆସିଲେ ଏମିତି ଅନେକ ସ୍ଥିତିରେ ଶବ୍ଦ ସୃଷ୍ଟି ହେବା ସ୍ୱାଭାବିକ । ଯେଉଁଠି ଗହଳ ଚହଳ ଅଧିକ ଥାଏ ସେଠି ଶବ୍ଦ ବା ଧ୍ୱନିର ମାତ୍ରା ଅଧିକ ରହେ । ଅନ୍ୟ ପ୍ରକାରେ କହିଲେ ଯେଉଁଠି ଭିଡ଼ ରହେ, ସେଠି କୋଳାହଳ ଜନ୍ମିବା ସ୍ୱାଭାବିକ ।

କୋଳାହଳମୟ ପରିବେଶ ସାଧାରଣତଃ ଅନୁଭୂତ ହୁଏ ହାଟବଜାରରେ କିଣାବିକା ସ୍ଥାନରେ, ବସଷ୍ଟାଣ୍ଡରେ, ରେଳଷ୍ଟେସନରେ, ବଡ଼ ବଡ଼ ମଲରେ, ଦୋକାନରେ, ସ୍କୁଲକଲେଜ ଛୁଟି ବେଳେ,ବିଭିନ୍ନ ରାଲି, ସଭାରେ, ସର୍ବୋପରି ସର୍ବସାଧାରଣଙ୍କ ଗହଳଚହଳ ଥିବା ସ୍ଥାନମାନଙ୍କରେ । ଗାଆଁ ଗହଳରେ ସକାଳୁଆ ସ୍ନାନ ପାଇଁ ମାଇପିଙ୍କ ଗହଳି ଜମିଥିବା ଗାଆଁ ପୋଖରୀ ତୁଠରେ କମ କୋଳାହଳମୟ ପରିବେଶ ସୃଷ୍ଟି ହୋଇନଥାଏ । ଗାଆଁ ଯାକର ସ୍ତ୍ରୀଲୋକମାନେ ସେଠି ଗାଧୋଇଲା ବେଳେ କେତେ ରକମର କଥା ରଖିଥାନ୍ତି । ସେମାନଙ୍କ କଥାର ମୂକସାକ୍ଷୀ ଥାଏ କେବଳ ତୁଠର ତୁଠପଥର । ସେମାନଙ୍କ ତୁଠପଥର ଦେହରେ ଗୋଡ଼ଘଷା ବେଳେ କେତେକଙ୍କ ଗୋଡ଼ର ପାଉଁଜିର ଶବ୍ଦକୁ କେତେ ପ୍ରତ୍ୟକ୍ଷ କରିଥାଏ ସେଇ ଘାଟର ତୁଠପଥର । ତୁଠରେ ସେମାନଙ୍କ ବାର୍ତ୍ତାଳାପ ଡାକେ ବାଟକୁ ବି ଶୁଭୁଥାଏ । ସତରେ ଗାଆଁ ପୋଖରୀ ତୁଠ ଧନ୍ୟ ହୁଏ ନିତି ସକାଳେ ସେହିମାନଙ୍କ ସଙ୍ଗସୁଖ ଲାଭ କରି । ତୁଠ ନିର୍ଜୀବ ହେଲେ ବି ସେ ଅନୁଭବ କରେ ନୀରବତର ଶବ୍ଦରେ । ତୁଠ ପାଇଁ ନୀରବତାର ପରିଭାଷା ଅନେକ କିଛି ଥାଏ । ସ୍ତ୍ରୀଲୋକଙ୍କ ମଧୁର ସମ୍ଭାଷଣ, ଗତରାତିର ନାନା ଅକୁହାକଥା ସେମାନଙ୍କ ମୁହଁରୁ ଶୁଣି ତୁଠ ଆବାକାବା ବି ହୁଏ ।

ଧୀର ଶବ୍ଦ ଅନେକ ସମୟରେ ଶୁଣିବାକୁ ଭଲ ଲାଗେ । ଗୀତ – ସଙ୍ଗୀତର ସାତ ସୁର ସମସ୍ତଙ୍କୁ ବାନ୍ଧି ରଖେ । ଯେମିତି ନଈ ସୁଅ ଧାରର କ୍ଷୀଣ ଶବ୍ଦ, ପକ୍ଷୀର ମଧୁର କୁଜନ, କୋଇଲିର ମିଠା ସୁର, ବାଛୁରୀର ହମ୍ବାରଡ଼ିରେ ମାଆ ପ୍ରତି ନିଆରା ଆକର୍ଷଣର ସୂଚନା, ଗଛରୁ ପତ୍ର ଖସିବା ବେଳର ମର୍ମରିତ ଶବ୍ଦ, ନଈକୁଳିଆ ଚହଲା ପବନର ସୁର, ଛୋଟ ଶିଶୁଙ୍କ ଅସ୍ପଷ୍ଟ ଭାଷାର ଅଧାବୁଝା ମିଠା ବୋଲି, ନିଷ୍ପାପ ଶିଶୁଙ୍କ ଓଠରୁ ଝରୁଥିବା ଖିଲିଖିଲି ମିଠା ହସର ଶବ୍ଦ, ପ୍ରୀତିପୁଲକ ଭରା ବନ୍ଧୁ–ବାନ୍ଧବୀଙ୍କ ଡାକ, ସର୍ବୋପରି ମାଆର ସ୍ନେହବୋଳା ମିଠା ମଧୁର ଡାକ ଖୁବ୍ ଭଲ ଲାଗେ ସମସ୍ତଙ୍କୁ । ସେଇ ଭଲ ଲାଗିବା ଭିତରେ ଛପି ରହିଥାଏ ଭଲ ପାଇବାର ନିଆରା ପଣ । କାହାର ମଧୁର ଡାକ କାହାକୁ ଉଲ୍ଲସିତ କରେ । ସେଇଥିପାଇଁ କୁହାଯାଇଛି, କହିବ ବିନୟ ବଚନ କହି ତୋଷିବ ପ୍ରାଣୀ ମନ ' । ମଧୁର ମିଠା କଥା ସମସ୍ତଙ୍କୁ ଶୁଣିବାକୁ ଭଲ ଲାଗେ । ହେଲେ ସବୁ ମିଠା କଥା ନ ଥାଏ ମଧୁଝରା । ତୋଷମାଦକାରୀ ଅହର୍ନିଶ ସ୍ୱାର୍ଥ ସାଧନ ପାଇଁ ମିଠା କଥାକୁ ଅସ୍ତ୍ର କରିଥାନ୍ତି । କିଛି ମିଠା କଥା ମିଠା ଜହର ସଦୃଶ ମଧ୍ୟ ହୋଇଥାଏ । ମିଠା ଶବ୍ଦ ବି କେବେ କେବେ ଜହରର କାମ କରେ । ମିଛୁଆ ସବୁବେଳେ ମିଠା ଜହର ବୋଲିଥାନ୍ତି । ସ୍ପଷ୍ଟବାଦୀ ମିଠା କଥା ଜହରକୁ ଜୁହାର କରନ୍ତି, ସେଠୁ ଦୂରେଇ ରହିଥାନ୍ତି । ତୋଷାମଦ ପାଇଁ ଅଭିପ୍ରେତ ଶବ୍ଦପୁଞ୍ଜ ଯେତେ ମିଠା ଥିଲେ ବି ତାହା ବେଶ କ୍ଷତିକାରକ, ଜହର ଭଳି । ଅକାରଣ ପ୍ରଶଂସାସୂଚକ ଆଳଙ୍କାରିକ ଶବ୍ଦ ସମ୍ଭାରରେ ଶବ୍ଦ ପ୍ରଦୂଷଣର ପ୍ରଲେପ ବାରି ହୁଏ ।

କୌଣସି ପ୍ରକାର ଶୋଭାଯାତ୍ରାର ବ୍ୟାଣ୍ଡ ବାଜା, ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଆତାସବାଜୀ ପ୍ରଦର୍ଶନ, ଡି ଜେ ର ବ୍ୟବହାର ଶବ୍ଦ ପ୍ରଦୂଷଣକୁ ବହୁଗୁଣିତ କରିଥାଏ । ଯାତ୍ରାପାର୍ଟି କେଉଁଠି ଯାତ୍ରା ପ୍ରଦର୍ଶନ ପାଇଁ ପଡ଼ିଥିଲେ, ତାର ପ୍ରଚାରରେ ବ୍ୟବହୃତ ଉଚ୍ଚ ଧ୍ୱନି ସୃଷ୍ଟିକାରୀ ଡାକବାଜି ଯନ୍ତ୍ରର ବ୍ୟବହାର ପଥଚାରୀଙ୍କ ପାଇଁ ଥାଏ ଯନ୍ତ୍ରଣାଦାୟକ । ଏ ପ୍ରକାର ଶୋଭାଯାତ୍ରା ସ୍କୁଲ କଲେଜ ଡାକ୍ତରଖାନା ପାଖ ଦେଇ ଯିବା ଅନୁଚିତ । ଉଚ୍ଚ ଶବ୍ଦ ନବଜାତକ, ହୃଦରୋଗୀ, ବୟସ୍କଙ୍କ ପାଇଁ ଅତିଶୟ କ୍ଷତିକାରକ । କୌଣସି ଯାତ୍ରା ବେଳେ ଉଚ୍ଚ ଧ୍ୱନି ସୃଷ୍ଟିକାରୀ ବାଣ ଫୁଟାଇବା ଦର୍ଶକଙ୍କ ପାଇଁ ଶ୍ରୁତିକଟୁ ଯେତିକି ଆଖି ଉପରେ ବି ଚିକିମିକି ଆଲୁଅର ନକାରାତ୍ମକ ପ୍ରଭାବ ପଡ଼ିଥାଏ ସେତିକି । ତେବେ ଶବ୍ଦ ପ୍ରଦୂଷଣ କାନ ପାଇଁ କ୍ଷତିକାରକ । ଉଚ୍ଚ ଶବ୍ଦ, ଶ୍ରବଣ ଶକ୍ତି ଉପରେ କୁପ୍ରଭାବ ପକାଇଥାଏ । ସବୁଦିନ ଅତ୍ୟୁଚ୍ଚ ଶବ୍ଦ ସୃଷ୍ଟି ହେଉଥିବା ଅଞ୍ଚଳ ରେଳ ଷ୍ଟେସନ, ବିମାନ ବନ୍ଦର, କଳ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବାସିନ୍ଦାଙ୍କ ଶ୍ରବଣ ଶକ୍ତି ଧୀରେ ଧୀରେ ହ୍ରାସ ପାଇବାର ଅଧିକ ସମ୍ଭାବନା ଥାଏ ।

କିଛି ଏମିତି ଲୋକ ଅଛନ୍ତି ଛଅକୁ ନଅ, ସତକୁ ମିଛ ବା ମିଛକୁ ସତ ଓଲଟାଇ କହି ଅଯଥା ଭିନ୍ନ ଶବ୍ଦ ପ୍ରଦୂଷଣ କରିଥାନ୍ତି ଆପଣା ସ୍ୱାର୍ଥ ପାଇଁ । କେବେ ସ୍ୱାର୍ଥ ପାଇଁ ନିର୍ବିକାର ଭାବେ ଏ ଘର ମାଉସୀ, ସେ ଘର ପିଉସୀ ସାଜନ୍ତି ଥୋକାଏ । ଭଲ ଅପେକ୍ଷା ମନ୍ଦର ଧ୍ୱଜା ଧରିବାକୁ ଚାହାଁନ୍ତି । ସତ ପଟେ ନ ରହି ମିଛ ସୁଖ ସନ୍ଧାନରେ ରହନ୍ତି । ମନ୍ଦ ଉଦ୍ଦେଶ୍ୟ / ଭାବନା ରଖି କଥା ଏ ପାଖ ସେ ପାଖ କରିବା ଅନୁଚିତ । ଅସଲ ଶବ୍ଦ ପ୍ରଦୂଷଣ ଯେମିତି କ୍ଷତିକାରକ, ତଦନୁରୂପ କଥା ଅଦଳବଦଳ କରିବା ଭିନ୍ନ ଶବ୍ଦ ପ୍ରଦୂଷଣ ସୂଚକ ନିଶ୍ଚୟ । ଏହା ସୁସ୍ଥ ସମାଜ ପାଇଁ ଅନାବଶ୍ୟକ ।

**ବଉଦରାଜ, ବୌଦ୍ଧ**
**ମୋ–୯୪୩୭୪୭୮୪୬୬**

## ମୂଳୁ ମାରିଲେ ଯିବ ସରି

**ଡ. ସୀତାକାନ୍ତ ତ୍ରିପାଠୀ**

**ଇତିହାସ ପୃଷ୍ଠାରେ ବର୍ଣ୍ଣିତ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କର ଗୁରୁ–ଶିଷ୍ୟ ସମ୍ପର୍କ ଉଣା ଅଧିକେ ପ୍ରାୟ ସମସ୍ତଙ୍କୁ ଜଣା । ଐତିହାସିକମାନଙ୍କ ମତରେ ଚନ୍ଦ୍ରଗୁପ୍ତଙ୍କର ସମସ୍ୟାକୁ ମୂଳ ଠାରୁ ସମାଧାନ କରିବାର କଳା କୌଶଳ ହିଁ ତାଙ୍କୁ ଅପରାଜେୟ କରିଥିଲା ।**

ଭାଗବତର ବର୍ଣ୍ଣନା ଅନୁଯାୟୀ ମଥୁରାର ରାଜା କଂସ ଯେତେବେଳେ ଜାଣିବାକୁ ପାଇଲେ ଯେ ଦେବକୀଙ୍କ ଗର୍ଭରୁ ଜାତ ସନ୍ତାନଙ୍କ ହାତରେ ତାଙ୍କର ଜୀବନ ଯିବ ସେତେବେଳେ ସିଏ ଦେବକୀଙ୍କୁ ଜୀବନରୁ ମାରି ଦେବା ପାଇଁ ଉଦ୍ୟମ କରିଥିଲେ । ତାଙ୍କର ଯୁକ୍ତିଥିଲା ନା ଦେବକୀ ବଞ୍ଚିବେ ନା ତାଙ୍କର ଜୀବନ ଯିବ । ଏହି ପ୍ରସଙ୍ଗକୁ ଆଧାର କରି ଭାଗବତରେ ଲେଖାଅଛି 'ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି' । ତେବେ ବିଧିର ବିଧାନ ଥିଲା ଅଲଗା । କଂସ ବିଭିନ୍ନ ନୀତିକଥା ତଥା ଉପଦେଶ ଦ୍ୱାରା ପ୍ରଭାବିତ ହୋଇ ଦେବକୀଙ୍କୁ କାରାଗାରରେ ନିକ୍ଷେପ କରିଥିଲେ ଯାହା ଫଳରେ ପରବର୍ତ୍ତୀ ସମୟରେ ଦେବକୀଙ୍କ ଗର୍ଭରୁ ଜାତ ଶ୍ରୀକୃଷ୍ଣଙ୍କ ଦ୍ୱାରା ତାଙ୍କର ନିଧନ ହୋଇଥିଲା । କିଏ ଏହା ଦୈବୀ ଶକ୍ତିର ପ୍ରଭାବ ବୋଲି ବିଚାର କରୁଥିବାବେଳେ ଆଉ କିଏ ଏହି ସମସ୍ୟକୁ ହାଲୁକା ଭାବେ ନେବାର ପରିଣାମ ବୋଲି ଚିନ୍ତା କରି ଥାଆନ୍ତି ।

ଇତିହାସ ପୃଷ୍ଠାରେ ବର୍ଣ୍ଣିତ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କର ଗୁରୁ–ଶିଷ୍ୟ ସମ୍ପର୍କ ଉଣା ଅଧିକେ ପ୍ରାୟ ସମସ୍ତଙ୍କୁ ଜଣା । ଐତିହାସିକମାନଙ୍କ ମତରେ ଚନ୍ଦ୍ରଗୁପ୍ତଙ୍କର ସମସ୍ୟାକୁ ମୂଳ ଠାରୁ ସମାଧାନ କରିବାର କଳା କୌଶଳ ହିଁ ତାଙ୍କୁ ଅପରାଜେୟ କରିଥିଲା । ତାଙ୍କ ଜୀବନ କାହାଣୀ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ନନ୍ଦ ବଂଶୀୟ ରାଜାଙ୍କ ଠାରୁ ଅପମାନିତ ହୋଇ ଚାଣକ୍ୟ ଫେରୁଥିବା ସମୟରେ ଚନ୍ଦ୍ରଗୁପ୍ତ ରାସ୍ତାରେ ଉଠିଥିବା କୁଶ ଗଛଗୁଡ଼ିକୁ ଉପାଡ଼ି ତା' ମୂଳରେ ଦହି ଢାଳୁଥିବାର ଦେଖିଲେ । ଏ କଥାକୁ ନିରୀକ୍ଷଣ କରି ଚାଣକ୍ୟ ବିସ୍ମିତ ହୋଇ ଚନ୍ଦ୍ରଗୁପ୍ତଙ୍କୁ ପଚାରିବାରୁ ସିଏ କହିଲେ ବାଟରେ ଚାଲୁଥବା ବେଳେ କୁଶ ଗଛର ମୂଳରେ ତାଙ୍କ ପାଦ ଫୋଡ଼ି ହୋଇ ରକ୍ତ ବାହାରିଲା ।

ତାପରେ ସିଏ ବିଚାର କଲେ ଏଗୁଡ଼ିକର ମୂଳୋତ୍ପାଟନ କରିବେ । ଗଛ ଗୁଡ଼ିକର ମୂଳ ଉପାଡ଼ିସାରି ତା ଉପରେ ଦହି ଢାଳିବା ଦ୍ୱାରା ଏଠାରେ ଆଉ ଭବିଷ୍ୟତରେ କୁଶ କଅଁଳିବାର ଭୟ ରହିବ ନାହିଁ । ଏ ପ୍ରକାର ଶାଣିତ ଏବଂ ଅପରାଜୟ ଉଦ୍ୟମକୁ ଦେଖି ଚନ୍ଦ୍ରଗୁପ୍ତ ହିଁ ନନ୍ଦ ବଂଶୀୟ ରାଜାଙ୍କୁ ଯୁଦ୍ଧରେ ହରାଇ ପାରିବେ ବୋଲି ବିଚାର କରି ଚାଣକ୍ୟ ତାଙ୍କୁ ବିଭିନ୍ନ ପ୍ରକାର ବିଦ୍ୟାରେ ପ୍ରସ୍ତୁତ ଓ ପାରଙ୍ଗମ କରାଇ ଶେଷରେ ରାଜାଭାବେ ଅଭିଷିକ୍ତ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ ।

ପ୍ରକୃତରେ କୌଣସି ସମସ୍ୟାକୁ ଖାଲି ଉପରେ ଉପରେ ଏହାକୁ ନଜର ଅନ୍ଦାଜ କରିଲେ ଚଳିବ ନାହିଁ ବରଂ ତାର ମୂଳତତ୍ତ୍ୱ ଏବଂ କାରଣକୁ ଚିହ୍ନି ତାର ସମାଧାନ କରିବା ଦରକାର । ପଡ଼ୋଶୀ ରାଷ୍ଟ୍ରମାନେ ହୁଅନ୍ତୁ କିମ୍ବା ଆତଙ୍କବାଦୀ ଯଦି ସେମାନଙ୍କ ଅନୁପ୍ରବେଶକୁ ମୂଳଠାରୁ ପ୍ରତିହତ କରାଯାଏ ତା'ହେଲେ ଦେଶର ସୁରକ୍ଷା ଓ ସ୍ୱାଧିନତା ଦୀର୍ଘସ୍ଥାୟୀ ହୋଇ ରହିଥାଏ । ଅନ୍ୟ ପକ୍ଷରେ ଆମେ ଯଦି କୌଣସି ରୋଗରେ ଆକ୍ରାନ୍ତ ହେଉ ତାହାର ଚିକିତ୍ସା ମୂଳଠୁଁ କରାଇ ନେବା ଭଲ ନହେଲେ ତାହା କେବଳ ବଢ଼ି ଚାଲିବ ସିନା କମିବାର ନାଁ ଧରିବ ନାହିଁ । ଶେଷରେ ଜୀବନ ଚାଲିଯିବାର ଭୟ ରହିଥିଏ ।

ପାଠ ପଢ଼ିବା ବେଳେ ପିଲାଟି ଯଦି କୌଣସି ସମସ୍ୟାର ସମ୍ମୁଖୀନ ହୁଏ ତାର ସମାଧାନ ମୂଳରୁ କରାଇ ଦେବା ଭଲ ନହେଲେ ପାଠରୁ ତା ମନ ଚାଲିଯିବାର ଆଶଙ୍କା ଦେଖା ଦେଇଥାଏ । ଠିକ୍ ସେହିଭଳି ସମ୍ପର୍କରେ ଯଦି କୌଣସି ତିକ୍ତତା ଆସିବାର ସୁରାକ୍ ମିଳେ ତାହାର କାରଣ ଖୋଜି ସମ୍ପର୍କକୁ ମଧୁର କରିବା ବିଚାର କରିବା ଜରୁରୀ ନହେଲେ ସମ୍ପର୍କ ସବୁଦିନ ପାଇଁ ଶେଷ ହୋଇ ଯାଇପାରେ । ତେଣୁ ଜୀବନରେ ଯେ କୌଣସି ସମସ୍ୟା ଆସିଲେ ତାର ମୂଳ କାରଣ ଖୋଜି ତାର ସମାଧାନ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା ଜାରି ରଖିବା ଦରକାର ନହେଲେ ଦୁବଘାସ ପରି ସମସ୍ୟା ଶେଷରେ ବରଗଛ ଭଳି ମହାଦ୍ରୁମରେ ପରିଣତ ହେବାର ସମ୍ଭାବନା ସୃଷ୍ଟି କରିବ ଏହା ନିଃସନ୍ଦେହ ।

**ଭଦ୍ରକ,**
**ମୋ– ୯୭୭୮୭୬୪୩୯୪**

## ଭଗବାନ ଶ୍ରୀରାମ

**ତପନ କୁମାର ପାଳ**

ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି 'କବନ ସୋ କାଜ କଠିନ ଜ୍ ମାହିଁ । ଜୋ ନାହିଁ ହୋଇ ତାତ ତୁମହ ପାହିଁ ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ । ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି । ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି । ଆମ ଭିତରେ ମଧ୍ୟ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି । ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡୁଛୁ । ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ । ନିରାଶା ଆମକୁ ଚାରିଦିଗରୁ ଘେରିଯାଏ । ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ । ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ । ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା । ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପୂର୍ବ ଭଳି ବିଶାଳକାୟ ହୋଇଯାଇଥିଲା । ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ୍ୟ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ୍ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ ।

ଆତ୍ମା ହିଁ ପରମାତ୍ମା । ସୋ ଅହମ୍ । ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି । ଯାହାର ଅର୍ଥ ମୁଁ ହିଁ ସେହି । 'ମୁଁ' ହିଁ ଭଗବାନ । ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ । ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ । ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି । ଶ୍ରୀରାମ ମଧ୍ୟ ଏପରି ଲୋକର ସହାୟତା କରିଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ୍ୟ ବ୍ୟତିବ୍ୟସ୍ତ ହୁଏନାହିଁ । ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ । ସେଥିପାଇଁ ରାମଚରିତ ମାନସରେ କୁହାଯାଇଛି – 'ରାଜୀବ ନୟନ ଧରେଁ ଧନୁ ସାୟକା ଭଗତ ବିପତି ଭନ ସୁଖଦାୟକ '। ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ । ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ । ଆମ ଭିତରେ ଅପାର ଶକ୍ତି ରହିଛି ।

ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା । ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାର ଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା। ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ । ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ । ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା । ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା । ସନ୍ଥ କବୀର କହିଛନ୍ତି – 'କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢ଼େ ବନ ମାହି। ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ ।' ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ । ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ । ପବିତ୍ର ବାଇବେଲରେ ମଧ୍ୟ କୁହାଯାଇଛି – 'ନିଜ ଭିତରକୁ ଦେଖ ନିଜକୁ ଜାଣ ।'

ଶ୍ରୀରାମ ଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି – 'ଜାନତ ତୁମହିଁ ତୁମହିଁ ହୋଇ ଜାଇ'। ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି । ଆମ ଭିତରେ ଅସୀମ ଶକ୍ତି ରହିଛି । ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବା ଅତ୍ୟନ୍ତ ଜରୁରୀ । ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟ କରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ । ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ–ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ୍ୟ ନିଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ । ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ । ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ । ଯଦି ଆମେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତା ହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି ।

ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ, ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ । ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି । ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ୍ୟ ଦୁର୍ବଳ ହୋଇଯାଏ । ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ୍ୟ ସକ୍ରିୟ ହୋଇଯାଏ ।

ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ । ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ । ଶ୍ରୀରାମ ମଧ୍ୟ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ । ଗରିବ, ଦୁଃଖୀ, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ । ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ୍ୟ ସେ ସଂଯମ ବଜାୟ ରଖିଥିଲେ ।

ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ୍ୟ ଆବଶ୍ୟକତା ରହିଛି । ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ । ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ ଅଛୁଆଁ, ଧନୀ ଗରିବ, ଉଚ୍ଚନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା । ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି – 'ରାମୋ ବିଗ୍ରହବାନ ଧର୍ମଃ'। ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି – 'ରାମଃ ଦ୍ୱିର୍ନ ଭୋ' – ରାମ ଦୁଇ ଥର କୁହନ୍ତି ନାହିଁ। ଆଚରଣ କଥା କହିଲେ – ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା । ଏକ ପତ୍ନୀବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ । ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତା'ହେଲେ ଅନ୍ତର୍ମନରେ ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ମୋ–୯୯୩୭୬୫୮୩୬୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗକୁ...

ସହ ଆଲୋଚନା କରିବେ ଏବଂ ଗଣମାଧ୍ୟମ ପ୍ରତିନିଧି ଓ ଖବର କାଗଜ ସମ୍ପାଦକମାନଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ୫ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କଟକରେ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବେ । ଭୁବନେଶ୍ୱରରେ ପହଞ୍ଚି ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ । ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଆଗାମୀ ଦିନରେ ହାଇଭୋଲ୍ଟେଜ୍ ପ୍ରଚାର ଦେଖିବାକୁ ମିଳିବ ।

## ରାଇବରେଲିରୁ...

କଟାକ୍ଷ କରି 'ଡ଼ରୋ ମତ୍' 'ଭାଗୋ ମତ୍' ଆକ୍ଷେପ କରିଛନ୍ତି । ତେବେ ରାହୁଲ କହିଛନ୍ତି ଯେ ତାଙ୍କ ମା' ସୋନିଆ ଗାନ୍ଧି ଏହି ନିର୍ବାଚନ ମଣ୍ଡଳୀରୁ ଲଢ଼ିବା ପାଇଁ ତାଙ୍କୁ ବାଧ୍ୟ କରଛନ୍ତି ।

ରାହୁଲ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ମା ଏହି ନିର୍ବାଚନମଣ୍ଡଳୀର ସେବା କରିବାକୁ ତାଙ୍କୁ ଦାୟିତ୍ୱ ଦେଇଛନ୍ତି । ଏହାର ଅର୍ଥ ହେଉଛି ଏହାକୁ ସେ ନିଜ ପରିବାର ଭଳି ଭାବିଛନ୍ତି । ପୂର୍ବରୁ ଏଠାରୁ ସୋନିଆ ଗାନ୍ଧି ନିର୍ବାଚିତ ହୋଇଥିଲେ । ଅସୁସ୍ଥତା କାରଣରୁ ଏଥର ସୋନିଆ ରାଜ୍ୟସଭାକୁ ଆସିଛନ୍ତି ତେବେ ରାଇବରେଲୀ ସହ ଗାନ୍ଧି ପରିବାରର ଭାବଗତ ସମ୍ପର୍କ ରହିଛି । ରାହୁଲଙ୍କ ଜେଜେମା ଇନ୍ଦିରା ଗାନ୍ଧି, ଜେଜେବାପା ଫିରୋଜ ଗାନ୍ଧି ରାଇବରେଲୀରୁ ପ୍ରତିନିଧିତ୍ୱ କରୁଥିଲେ । ଆଜି ଏଠାରୁ ରାହୁଲ ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ ବେଳେ ସୋନିଆ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ରବର୍ଟ ଭଦ୍ରା ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଉପସ୍ଥିତ ଥିଲେ । ନାମାଙ୍କନ ପରେ ରାହୁଲ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ, ରାଇବରେଲରୀରେ ନାମାଙ୍କନ ଦାଖଲ ତାଙ୍କ ପାଇଁ ଭାବପ୍ରବଣତାର ମୁହୂର୍ତ୍ତ । ତାଙ୍କ ପରିବାରର କର୍ମଭୂମିର ଦାୟିତ୍ୱ ଏବେ ତାଙ୍କ ମା' ସୋନିଆ ତାଙ୍କୁ ଦେଇଛନ୍ତି । ଆମେଥି ଓ ରାଇବରେଲୀର କୌଣସି ପ୍ରାର୍ଥକ୍ୟ ମୋ ପାଖରେ ନାହିଁ ଉଭୟ ହେଉଛି ଆମ ପରିବାର । ମୁଁ ଖୁସି ଯେ କିଶୋରୀଲାଲ ଯିଏ ୪୦ ବର୍ଷ ଧରି ଏଠାରେ ସେବା କରିଛନ୍ତି ତାଙ୍କୁ ଆମେଥିରୁ ପ୍ରାର୍ଥୀ କରାଯାଇଛି । ବର୍ତ୍ତମାନ ନ୍ୟାୟ ଓ ଅନ୍ୟାୟର ଲଢ଼େଇ ଚାଲିଛି । ମୁଁ ସମସ୍ତଙ୍କ ଠାରୁ ସ୍ନେହ ଓ ଆଶୀର୍ବାଦ ପାଇବାର ଆଶା ରଖିଛି । ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ଲାଗି ସମସ୍ତେ ମୋତେ ସହଯୋଗ କରିବେ ବୋଲି ମୋର ଆଶା ରହିଛି । ତେବେ ଆମେଥିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ମୃତି ଇରାନୀ କହିଛନ୍ତି ଯେ କଂଗ୍ରେସ ଆମେଥିରୁ ପରାଜୟକୁ ନିର୍ବାଚନ ପୂର୍ବରୁ ସ୍ୱୀକାର କରିନେଇଛି । ଏଠାରେ ଜିତିବାର ସମ୍ଭାବନା ନଥିବାରୁ ଏକ ଛାୟା ପ୍ରାର୍ଥୀ ଦେଇଛନ୍ତି । ଥରେ ସେ ଆମେଥି ଦ୍ୱାରା ଗ୍ରହଣୀୟ ନହୋଇ ୱେୟନାଡ ଯାଇଥିଲେ । ସେଠାରେ ଗ୍ରହଣୀୟ ନହେବାରୁ ବୋଧେ ଏବେ ରାଇବରେଲୀ ଆସିଛନ୍ତି ।

## ପୁଣି...

ଶୁକ୍ରବାର ଟିଟିଲାଗଡ଼ରେ ୪୪° ରେକର୍ଡ଼ ହୋଇଥିଲାବେଳେ ନୂଆପଡ଼ାରେ ୪୩.୯°, ବଲାଙ୍ଗୀରରେ ୪୩.୪°, ମାଲକାନଗିରି ଓ ପାରଳାଖେମୁଣ୍ଡି ୪୩.୩°, ଭବାନୀପାଟଣାରେ ୪୩°, ବାରିପଦାରେ ୪୨.୮°, ସମ୍ବଲପୁରରେ ୪୨.୮°, ଅନୁଗୁଳରେ ୪୨.୭°, ହୀରାକୁଦରେ ୪୨.୩°, ତାଳଚେରରେ ୪୨.୨°, ଝାରସୁଗୁଡ଼ା ଓ ସୋନପୁରରେ ୪୨.୧°, ନୟାଗଡ଼ ଓ ଢେଙ୍କାନାଳରେ ୪୧.୫ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି ।

ଶନିବାର ଓ ରବିବାର ପାଇଁ ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ବୌଦ୍ଧ, ବଲାଙ୍ଗୀର, ଝାରସୁଗୁଡ଼ା, ସୋନପୁର ଓ ସମ୍ବଲପୁରରେ ଗ୍ରୀଷ୍ମ ଲହରୀ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ବାଲେଶ୍ୱର, ମୟୂରଭଞ୍ଜ, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ । ତେବେ ୬ ତାରିଖରୁ ସାରା ରାଜ୍ୟରେ କାଳବୈଶାଖୀ ପ୍ରଭାବ ବଢ଼ିବ । ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ତାପମାତ୍ରା ବୃଦ୍ଧି ଘଟି ନପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

## ଓଡ଼ିଆ...

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ଏକ ସେତୁ ପରି ଥିଲା । ଆଉ ଏବେ ଆମ ସୁନ୍ଦର ରାଜ୍ୟର ପ୍ରାୟ ପ୍ରତ୍ୟେକ ଗାଁରେ ଜଗନ୍ନାଥ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କିମ୍ବା ଚାଲିଛି, ଯାହା କି ସମ୍ପ୍ରଦାୟ ଓ ଭକ୍ତିର ଶକ୍ତିର ପ୍ରମାଣ । କିନ୍ତୁ ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ କଣ କରୁଥିଲେ? ପରିକ୍ରମା ପ୍ରକଳ୍ପ ଯେପରି ନ ହୁଏ ସେଥିପାଇଁ ସେ ସବୁ ଫୋରମକୁ ଯାଇଥିଲେ । କିନ୍ତୁ ମହାପ୍ରଭୁଙ୍କ ଇଚ୍ଛା ବିରୁଦ୍ଧରେ କିଏ ଠିଆ ହୋଇପାରିବ? ଏହି ପ୍ରକଳ୍ପଟି ଟି ବହୁତ ସଫଳ ହୋଇଥିଲା ।

ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା, କିନ୍ତୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇନଥିଲେ । ସେ କହିପାରିବେ କି ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ଠାରୁ କେଉଁ କାମ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା? ଖାଲି ସେତିକି ନୁହେଁ, ଶିଳାନ୍ୟାସ କାର୍ଯ୍ୟକ୍ରମରେ ସାମିଲ ହୋଇ ଫେରୁଥିବା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ ଉପରକୁ ଅଣ୍ଡା ଫିଙ୍ଗିବାକୁ ସେ ତାଙ୍କ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ଅନୁପସ୍ଥିତି ଓଡ଼ିଆ ଗୌରବ ପ୍ରତି ତାଙ୍କର ସମ୍ମାନ ଓ ମହାପ୍ରଭୁଙ୍କ ପ୍ରତି ସମ୍ମାନକୁ ନେଇ ପ୍ରଶ୍ନ ଉଠାଇଛି । ଏହା ଓଡ଼ିଆ ଅସ୍ମିତା କି ? ଯିଏ ମହାପ୍ରଭୁ ଜଗନ୍ନାଥଙ୍କୁ ସମ୍ମାନ କରେ ନାହିଁ, ସେ ଓଡ଼ିଆ ଅସ୍ମିତାର କଥା କହିବାର କଣ ଅଧିକାର ଅଛି? ଏହା ଲଜ୍ଜାଜନକ । ସମସ୍ତ ଓଡ଼ିଆଙ୍କ ହୃଦୟରେ ବିଜୁ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ତାଙ୍କ ନାମରେ ଗର୍ବ ଓ ଶ୍ରଦ୍ଧାର ଗଭୀର ଭାବନା ଜାଗ୍ରତ ହୋଇଥାଏ । ସେ କେବଳ ଜଣେ ବ୍ୟକ୍ତି ନୁହଁନ୍ତି ସେ ହେଉଛନ୍ତି ଓଡ଼ିଶା ଅସ୍ମିତାଙ୍କ ପ୍ରତିମୂର୍ତ୍ତି, ଜଣେ କିମ୍ବଦନ୍ତୀ, ଯାହାର ଭାରତୀୟ ରାଜନୀତି, ବୈଦେଶିକ ନୀତି ଏବଂ ଅର୍ଥନୀତିରେ ଅବଦାନ ଅତୁଳନୀୟ । ସେ ହେଉଛନ୍ତି ଏକମାତ୍ର ନେତା, ଯାହାଙ୍କ ଚିତା ଉପରେ ତିନି ଟି ଦେଶ – ଭାରତ, ରୁଷିଆ ଏବଂ ଇଣ୍ଡୋନେସିଆର ଜାତୀୟ ପତାକାକୁ ରଖାଯାଇଥିଲା । କିନ୍ତୁ ପ୍ରତିଦିନ ଓଡ଼ିଆ ଅସ୍ମିତା କଥା କହୁଥିବା ଏହି ଲୋକମାନେ ଭାରତ ରତ୍ନ ପାଇଁ ବିଜୁ ପଟ୍ଟନାୟକଙ୍କୁ ସହଜରେ ଅଣଦେଖା କରିଛନ୍ତି । ଆଧୁନିକ ଓଡ଼ିଶାର ଜନକ ତଥା ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବିଜୁ ପଟ୍ଟନାୟକ ଭାରତ ରତ୍ନ ପାଇବାକୁ ଯୋଗ୍ୟ ବୋଲି ୧୦ ବର୍ଷ ମଧ୍ୟରେ ସେମାନଙ୍କ ମନରେ ଥରେ ବି ଏହି ଚିନ୍ତାଧାରା ଆସିନଥିଲା କି ବୋଲି ଶ୍ରୀ ଦାଶବର୍ମା ପ୍ରଶ୍ନ କରିଛନ୍ତି ।

ଏକ ଦଶନ୍ଧିର ବିଜେପି ଶାସନରେ ଜଣେ ବି ଓଡ଼ିଆଙ୍କୁ ଭାରତ ରତ୍ନ ମିଳିନାହିଁ । କଣ ଓଡ଼ିଶାରୁ ଜଣେ ବି ବ୍ୟକ୍ତି ଭାରତ ରତ୍ନ ପାଇବାକୁ ଯୋଗ୍ୟ ନୁହଁନ୍ତି? ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ଦୁଃଖ ଯେ, ମହାନ ବିଜୁବାବୁଙ୍କୁ ବିଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଜେପି ସରକାର ତାଙ୍କୁ ଭାରତ ରତ୍ନରୁ ବଞ୍ଚିତ କରିଥିଲେ । ଓଡିଆ ଅସ୍ମିତାଙ୍କୁ କିଏ ନିରାଶ କଲା ତାହା ଓଡ଼ିଶାବାସୀ ଭଲ ଭାବେ ଜାଣିସାରିଲେଣି ।

ନବୀନ ପଟ୍ଟନାୟକଙ୍କ ଅକ୍ଳାନ୍ତ ପ୍ରୟାସ ଯୋଗୁଁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା, ଯାହା କି ସମଗ୍ର ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ । ୧୦ ବର୍ଷର ବିଜେପି ଶାସନରେ ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆ ପାଇଁ କେତେ ଟଙ୍କା ମଞ୍ଜୁର କରିଛନ୍ତି? ସଂସ୍କୃତ, ମାଲାୟଲମ୍, ତେଲୁଗୁ, ତାମିଲ ଓ କନ୍ନଡ଼ ଭାଷାକୁ ଯଥେଷ୍ଟ ଅର୍ଥ ମିଳିଥିବା ବେଳେ ଓଡ଼ିଆ ଅବହେଳିତ ହୋଇପଡ଼ିଛି । ସୂଚନାଥାଉ କି, ଗତ ୧୦ ବର୍ଷ ର ବିଜେପି ଶାସନରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହି ଆସିଥିଲେ । ଓଡ଼ିଆ ଭାଷାର ଉନ୍ନତି ପାଇଁ ସେ କଣ କରିଥିଲେ? ଆଉ ଆଜି ସେ ହେଉଛନ୍ତି ଓଡ଼ିଆ ଅସ୍ମିତାଙ୍କ ପାଇଁ କାନ୍ଦୁଥିବା ଓ ସବୁଠାରୁ ଜୋରରେ ପାଟି କରୁଥିବା ବକ୍ତି ! ଓଡ଼ିଶାବାସୀ ଜାଣିବା ଦରକାର ଯେ, ଯେଉଁମାନେ ଏବେ ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବା କଥା କହୁଛନ୍ତି, ସେମାନେ ଦଶ ବର୍ଷର ବିଜେପି ଶାସନରେ ଓଡ଼ିଆ ଭାଷା ପାଇଁ ଭାରତ ସରକାରଙ୍କ ଠାରୁ ଗୋଟିଏ ଟଙ୍କା ବି ମଞ୍ଜୁର କରିବାରେ ବିଫଳ ହୋଇଛନ୍ତି । ଏହା ଓଡ଼ିଆର ଆକାଂକ୍ଷା ଓ ସାଂସ୍କୃତିକ ଐତିହ୍ୟ ଉପରେ ଏକ ଘୋର ଠକେଇ । ସେମାନେ କିପରି ଓଡ଼ିଆ ଗୌରବକୁ ଚମ୍ପିୟନ କରିବାକୁ ଦାବି କରିପାରିବେ ଏବଂ ଏହାର ଆତ୍ମାକୁ ଅଣଦେଖା କରି ପାରିବେ– ଯେଉଁ ଭାଷା ଲୋକଙ୍କୁ ଏକାଠି କରିଥାଏ? ଦୁଇ ଥର ମୁଖ୍ୟମନ୍ତ୍ରୀ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଆହ୍ୱାନ ଦେଇଥିଲେ । କିନ୍ତୁ ବିଜେପି ନେତାମାନେ କଣ କଲେ? ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସେମାନେ ଆଖି ବୁଜିଦେଇଥିଲେ । ସଙ୍ଗୀତ କେବଳ ସଙ୍ଗୀତ ନୁହେଁ ଏହା ହେଉଛି ଆମ ଐତିହ୍ୟର ଏକ କାଳଜୟୀ ପ୍ରତିଫଳନ, ଯାହା ଜଗନ୍ନାଥ ସଂସ୍କୃତି ର ସାରରେ ଜଟିଳ ଭାବରେ ରଚାଯାଇଛି । ତଥାପି ବିଜେପି ନେତାମାନେ ଏହାର ଭାବନାତ୍ମକ ଗଭୀରତାକୁ ଅନୁଭବ କରିବାକୁ ନିଜ ଭିତରେ ପାଇପାରିନଥିଲେ ।

ଓଡିଆ ଅସ୍ମିତା କେବଳ ଗୋଟିଏ ବାକ୍ୟ ନୁହେଁ, ଏହା ଓଡ଼ିଶା ଓ ଏଠାକାର ଲୋକଙ୍କ ଆତ୍ମା । ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ କ୍ଷୁଧା ଓ ପ୍ରାକୃତିକ ବିପର୍ଯ୍ୟୟରେ ଛଟପଟ ହେଉଥିବା ଓଡ଼ିଶାକୁ ଗରିବ ରାଜ୍ୟ ଭାବେ ଆଖ୍ୟା ଦିଆଯାଉଥିଲା । ଦରମା ଦେବା ପାଇଁ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ନଥିଲା । ୨୪ ବର୍ଷ ର ଦ୍ରୁତ ଗତି ଏବଂ ଆମର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ, ଓଡ଼ିଶା ଏକ ନୂତନ ପରିଚୟ ସୃଷ୍ଟି କରିଛି– ଏହାର ସମୃଦ୍ଧ ସଂସ୍କୃତିରେ ଜଡ଼ିତ ତଥା ନଭଶ୍ଚୁମ୍ବୀ ପ୍ରଗତିର ପ୍ରତୀକ । ସମଗ୍ର ଦେଶରେ ଦାରିଦ୍ର୍ୟ ରେ ସବୁଠାରୁ ଦ୍ରୁତ ହ୍ରାସ ଦେଖିବାକୁ ମିଳିଛି । ଆମର ବିଏସକେୱାଇ ପଦକ୍ଷେପ ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି, ପାଖାପାଖି ସାର୍ବଜନୀନ ସ୍ୱାସ୍ଥ୍ୟ ନିଶ୍ଚିତତା ପ୍ରଦାନ କରିଛି । ଆଉ ମିଶନ ଶକ୍ତିକୁ ତ ଭୁଲିବା ଉଚିତ ନୁହେଁ, ଯାହା କି ଅନ୍ୟ ମାନଙ୍କ ଭଳି ମହିଳା ସଶକ୍ତୀକରଣର ପ୍ରମାଣ । ସେମାନେ ଓଡ଼ିଶା ଓ ଜନସାଧାରଣଙ୍କ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ ଜାରି ରଖିଛନ୍ତି । ଗତ ୧୦ ବର୍ଷ ଧରି ସେମାନେ ଏହା କରି ଆସୁଛନ୍ତି ।

ବିଗତ ୧୦ ବର୍ଷ ଧରି ଧର୍ମେନ୍ଦ୍ର ପ୍ରଧାନ କ୍ୟାବିନେଟ୍ ମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଛନ୍ତି, ଯାହା ପୂର୍ବରୁ କୌଣସି ଓଡ଼ିଆଙ୍କୁ ମିଳିନଥିଲା । କିନ୍ତୁ ଏହି କ୍ଷମତାରେ ସେ କଣ କରିଛନ୍ତି? ଓଡ଼ିଶାବାସୀ ଜାଣିବାର ଆବଶ୍ୟକତା ରହିଛି । ଦୁଃଖର କଥା ହେଉଛି, ତାଙ୍କ କାର୍ଯ୍ୟକାଳ ଆମ ରାଜ୍ୟ ପାଇଁ ପଦକ୍ଷେପ ଓ ପ୍ରଗତିର ଘୋର ଅଭାବ ରେ ପରିଣତ ହୋଇଛି । ଓଡ଼ିଶାର ଉନ୍ନତି ପରିବର୍ତ୍ତେ ଏହାର ବିକାଶରେ ବାଧା ସୃଷ୍ଟି କରିବାକୁ ସେ ସଂକଳ୍ପବଦ୍ଧ ଥିବା ଜଣାପଡିଛି । ଏହାର ସ୍ପଷ୍ଟ ଉଦାହରଣ ରହିଛି– ସବୁଠାରୁ ଖରାପ କଥା ହେଉଛି, ସେ ଜାଣିଶୁଣି କିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ । ସେ ଉଦ୍ଦେଶ୍ୟମୂଳକ ଭାବେ ଉପକୂଳ ରାଜପଥ ପ୍ରକଳ୍ପକୁ ବିଳମ୍ବ କରିଛନ୍ତି, ଏପରିକି ନିଜ ନିର୍ବାଚନ ମଣ୍ଡଳୀ ସମ୍ବଲପୁରରେ ମଧ୍ୟ ଏଥର ସେ ଯେଉଁଆସନରୁ ନିର୍ବାଚନ ଲଢୁଛନ୍ତି ସେଠାରେ ମଧ୍ୟ ସମଲେଇ ମନ୍ଦିରର କାମ ଅଟକି ରହିଥିଲା । ନିଜ ଅପକର୍ମ ପାଇଁ ସେ ଓଡ଼ିଶାବାସୀଙ୍କ ନିକଟରେ ଉତ୍ତରଦାୟୀ ।

ଓଡ଼ିଶାରେ ଶିକ୍ଷାକ୍ଷେତ୍ରରେ ବିପ୍ଳବ ଆଣିବାର ସୁଯୋଗ ପାଇଥିଲେ, ତଥାପି ସେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରିନଥିଲେ– ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ, ଆଧୁନିକ ଦକ୍ଷତା ବିକାଶ କେନ୍ଦ୍ର ନାହିଁ। ଆଜି ଚିତ୍ରକୋଣ୍ଡା ଓ ମାଲକାନଗିରି ର ସରକାରୀ ହାଇସ୍କୁଲଗୁଡ଼ିକ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ ତୁଳନାରେ ଅଧିକ ସୁସଜ୍ଜିତ । ଏହା ସମସ୍ତଙ୍କ ପାଇଁ ସ୍ପଷ୍ଟ: ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ସାରା ଜୀବନ ଉତ୍ସର୍ଗ କରିଥିବା ନବୀନ ପଟ୍ଟନାୟକଙ୍କ ତୁଳନାରେ ଓଡ଼ିଆ ଅସ୍ମିତା ପାଇଁ ବିଜେପି ଯାହା କରିଛି, ସେଥିରେ କେତେ ଫରକ ରହିଛି ତାହା ସମସ୍ତଙ୍କ ପାଇଁ ଦୃଶ୍ୟମାନ । ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ଯେଉଁ ପ୍ରବଳ ସ୍ନେହ, ଶ୍ରଦ୍ଧା ଓ ସମର୍ଥନ ମିଳୁଛି, ତାହା ବିଜେପିକୁ ଅସନ୍ତୁଷ୍ଟ କରିଛି । ସେ ଯେଉଁ ମୌଳିକ ପ୍ରଶ୍ନ ପଚାରୁଛନ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ତାଙ୍କର ଫୋକସ୍ ବିଜେପିକୁ ପଛକୁ ଠେଲି ଦେଇଛି । ଦରବୃଦ୍ଧି ହେଉ, ବେକାରୀ ହେଉ ବା ଓଡ଼ିଶାପ୍ରତି ଅବହେଳା ହେଉ, ନିଜର ବିଫଳତାକୁ ମୁକାବିଲା କରିବାରେ ଅସମର୍ଥ ହୋଇ ସେମାନେ ଡାଇଭର୍ସନ୍ କୌଶଳ ଅବଲମ୍ବନ କରୁଛନ୍ତି । କିନ୍ତୁ ଓଡ଼ିଶାବାସୀ ସେମାନଙ୍କ ନାଟକକୁ ଭଲଭାବେ ଦେଖୁଛନ୍ତି । ଯେଉଁମାନେ ସେମାନଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କ ଜୀବନର ଉନ୍ନତି କରିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ ଉତ୍ତରଦାୟୀ କରି ସେମାନେ ଦୃଢ଼ ପ୍ରତିକ୍ରିୟା ଦେବେ ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

# ସର୍ବକାଳୀନ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ପୂରଣ କଲା ଟିପିସିଓଡିଏଲ୍



ଭୁବନେଶ୍ୱର (ସବ୍ୟୁ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପିସିଓଡିଏଲ୍ ଏପ୍ରିଲ ମାସରେ ୨୧୪୦ ମେଗାୱାଟ୍‌ର ରେକର୍ଡ ସର୍ବୋଚ୍ଚ ବିଦ୍ୟୁତ ଚାହିଦାକୁ ବିନା ନେଟୱାର୍କ ସମସ୍ୟାରେ ସଫଳତାର ସହ ପୂରଣ କରିଛି। ଏପ୍ରିଲ ୩୦ରେ ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୫.୪ ଡିଗ୍ରୀ ସେଲସିୟସ ଥିବା ବେଳେ ବିଦ୍ୟୁତ ଚାହିଦା ୬୨୭ମେଗାୱାଟରେ ପହଂଚିଥିଲା।ଗତବର୍ଷ ଟିପିସିଓଡିଏଲ୍ ଅଂଚଳରେ ସର୍ବାଧିକ ବିଦ୍ୟୁତ ଚାହିଦା ୧୮୭୬ ମେଗାୱାଟ୍ ଥିବା ବେଳେ ସେଥିମଧ୍ୟରୁ ୫୧୪ ମେଗାୱାଟ୍‌କେବଳ ଭୁବନେଶ୍ୱରରେ ଥିଲା। ଚଳିତ ଋତୁରେ ବର୍ତ୍ତମାନ ସୁଦ୍ଧା କଂପାନିର ପରିଚାଳନା କ୍ଷେତ୍ରରେ ସର୍ବାଧିକ ଚାହିଦା ୧୫% ଏବଂଭୁବନେଶ୍ୱର ସହରରେ ୨୨% ବୃଦ୍ଧି ପାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆକଳନ ଅନୁଯାୟୀ, ଏପ୍ରିଲ ୩୦ତାରିଖରେ ଭୁବନେଶ୍ୱର ସମେତ ଓଡ଼ିଶାର ୯ଟି ଜିଲ୍ଲା ବିଶ୍ୱର ସବୁଠାରୁ ଉତପ୍ତ ସହର ମଧ୍ୟରେ ଥିଲା। ଗ୍ରୀଷ୍ମ ଲହର ଜାରିରହିଥିବାରୁ ଚଳିତ ଋତୁରେ ସର୍ବୋଚ୍ଚ ଚାହିଦା ୨୩୨୯ ମେଗାୱାଟକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।ଚଳିତ ଗ୍ରୀଷ୍ମ ଋତୁରେ ବଢୁଥିବା ବିଦ୍ୟୁତ ଚାହିଦା ମଧ୍ୟରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିସ୍‌କମ୍ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସମଗ୍ର ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ବିଦ୍ୟୁତ ବିତରଣ ନେଟୱାର୍କ ବ୍ୟବସ୍ଥାକୁ ସୁଦୃଢ଼କରିବା ଏବଂ ଏହାର ୩୦

### ଗତବର୍ଷ ତୁଳନାରେ ଭୁବନେଶ୍ୱରର ଚାହିଦାରେ ୨୨% ବୃଦ୍ଧି

ଲକ୍ଷରୁ ଅଧିକ ଗ୍ରାହକଙ୍କୁ ବିଦ୍ୟୁତ ଯୋଗାଣର ବିଶ୍ୱସନୀୟତାରେ ଉନ୍ନତି ଆଣିବା ପାଇଁ ଥର୍ମୋସ୍କାନିଂ,ଅଲ୍‌ଟ୍ରା–ସୋନିକ୍ ଟେଷ୍ଟିଂ, ୱେଜ୍ କନେକ୍ଟର ସ୍ଥାପନ, ଟ୍ରାନ୍ସଫର ମନିଟରିଂ ୟୁନିଟ୍‌କୁ ବ୍ୟବହାର କରି ଅଟୋ ଟ୍ୟାପ୍ ଚେଂଜର୍ ଭଳିପ୍ରଯୁକ୍ତି କାର୍ଯ୍ୟକାରୀ କରାଯାଇଥିଲା ଏବଂ ୩୩ କେଭି ରିଙ୍ଗ ମେନ୍ ୟୁନିଟ୍‌ର ଅଟୋମେସନ, ଫଲ୍ଟ ପାସେଜ୍ ଇଣ୍ଡିକେଟର ବ୍ୟବହାରକରି ଦ୍ରୁତ ଗତିରେ ତ୍ରୁଟି ଚିହ୍ନଟ କରି ଅଲଗା କରିବା, ବିତରଣ ନେଟ୍‌ୱର୍କ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଲ୍‌ଟି ପାର୍ଶ୍ୱରେ ତ୍ରୁଟିକୁସମାଧାନ କରି ଏଲ୍‌ଟି ସୁରକ୍ଷା ଭରସାରେ ଉନ୍ନତି ଆଣିବା ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଗ୍ରୀଷ୍ମ ଋତୁରେ, ଟିପିସିଓଡିଏଲର ପାୱାର ସିଷ୍ଟମ କଂଟ୍ରୋଲ ସେଂଟର (ପିଏସସିସି) ସମଗ୍ର ବିତରଣ ନେଟୱାର୍କର ବାସ୍ତବସମୟ ନିରୀକ୍ଷଣ ପାଇଁ ଏକ ହବ୍ ଭାବରେ କାର୍ଯ୍ୟ କରୁଛି ।

# ଅବସରପ୍ରାପ୍ତ ସୈନିକଙ୍କୁ ଗାଁ ମାଟିରେ ଭବ୍ୟ ସ୍ୱାଗତ



କରଞ୍ଜିଆ , (ସବ୍ୟୁ) :ଅବସରପ୍ରାପ୍ତ ସୈନିକଙ୍କୁ ଗାଁ ମାଟିରେ ଶୁକ୍ରବାର ଦିନ ଭବ୍ୟ ସ୍ୱାଗତ କରାଯାଇଛି। କରଞ୍ଜିଆ ବ୍ଲକ କୁଳିପଶି ପଞ୍ଚାୟତ କାଦଡିହା ଗାଁରେ ୧୯୭୫ ମସିହା ଏପ୍ରିଲ ମାସ ୧୧ ତାରିଖରେ ଜନ୍ମିତ ବୈଦୁତିକ ଓ ଯାନ୍ତ୍ରିକ ଯନ୍ତ୍ରୀ ସୁବେଦାର ତ୍ରିନାଥ ମହାନ୍ତ ଦୀର୍ଘ ୩୦ ବର୍ଷ କାଳ ଭାରତୀୟ ସୈନ୍ୟ ବାହିନୀରେ କାର୍ଯ୍ୟ କରି ୨୦୨୪ ଏପ୍ରିଲ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତ।୧୯୯୪ ମସିହା ଏପ୍ରିଲ ୩୦ ତାରିଖରେ ସେ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ।ସେ ଲଦାଖ–ଲେହ ଠାରେ ପାକିସ୍ତାନ ସହ ଏବଂ କାରଗିଲ ଯୁଦ୍ଧରେ ଅଂଶଗ୍ରହଣ କରି ଭାରତ ମାତାର ଜୟ ଜୟକାର କରିଥିଲେ। ତାଙ୍କୁ କାଦଡିହା ଓ କୁଳିପଶି ଗ୍ରାମବାସୀବୃନ୍ଦ ଓ ଶୁଭେଚ୍ଛୁ ମାନଙ୍କ ପକ୍ଷରୁ ସେ ଗାଁରେ ପହଁଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ବରିଷ୍ଠ ଆଇନଜୀବି ମନୋଜ କୁମାର ମହାନ୍ତି, ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ଼ ଜ୍ୟୋତିର୍ମୟୀ ତ୍ରିପାଠୀ,ଶିମିଳିପାଳ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଦେବେନ୍ଦ୍ର ମହାନ୍ତ,ବିଜୟ ମହାନ୍ତ,ବି ଦିବ୍ୟେନ୍ଦୁ ଶେଖର, ଶିକ୍ଷକ ଜଗବନ୍ଧୁ ମହାନ୍ତ,ଶାଶୁ କର୍ମୀ ମହାନ୍ତ, ସୁଷମା ମହାନ୍ତ,ଭାରତୀ ମହାନ୍ତ, ସୁଭଦ୍ରା ମହାନ୍ତ,ଅରୁଣ ବେହେରା ତଥା ଶିମିଳିପାଳ ଉଚ୍ଚ ବିଦ୍ୟାଳୟ ପୁର୍ବତନ ୧୯୬୬ ବ୍ୟାଚ୍ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତୋରିୟ, ମାନପତ୍ର ଓ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା।ସେ ଏହି କାର୍ଯ୍ୟକ୍ରମରେ ସୈନ୍ୟବାହିନୀରେ ତାଙ୍କର ଆତ୍ମ କାହାଣୀ ଏବଂ ଯୁଦ୍ଧର ଭୟାବହତା ବର୍ଣ୍ଣନା କରିଥିଲେ। ଉପସ୍ଥିତ ସାଙ୍ଗ ସାଥି ଓ ଗ୍ରାମବାସୀ ତାଙ୍କର ଆଗାମୀ ସମୟର ନିରୋଗ୍ୟ ଓ ସୁଖମୟ ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଖଳିସାହିରେ ପାଣି ପାଇଁ ରାସ୍ତାରୋକ

ଖଣ୍ଡପଡା (ସବ୍ୟୁ) ଖଣ୍ଡପଡ଼ା ବ୍ଲକ୍ ଅଧିନ ଖଳିସାହି ପଞ୍ଚାୟତର ୧,୨,୩ ଓ ୪ ନଂ ୱାର୍ଡ଼ବାସୀ ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ସାଂପ୍ରତିକ ପରିସ୍ଥିତିରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ପାନୀୟଜଳ ସମସ୍ୟାର ସମାଧାନ ନିମନ୍ତେ ବ୍ଲକ୍ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିସ୍ଥାନୀୟ ବାସିନ୍ଦା ବାସିନ୍ଦାଙ୍କୁ ପାଇପ ଲାଇନ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା ଥିଲେ ହେଁ ମାଟିତଳେ ଯାଇଥିବା ମୁଖ୍ୟ ପାଣି ପାଇପଲାଇନରୁ କିଛି ବ୍ୟକ୍ତି ଚୋରାରେ ପାଇପ ସଂଯୋଗ କରି ବିଦ୍ୟୁତ ଚାଳିତ ମୋଟର ପମ୍ପ ଯୋଗେ ଘରକୁ ପାଣି ଟାଣି ନେଉଥିବାରୁ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ପାନୀୟଜଳ ଉପଲବ୍ଧ ହେଉନଥିବା ଜଣାପଡ଼ିଛି । ଫଳରେ ସ୍ଥାନୀୟ ବାସିନ୍ଦା ପାଣି ସଂଗ୍ରହ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବାଜଣାପଡ଼ିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ନିରାଶ ହେବାପରେ ଏହାର ପ୍ରତିବାଦରେ ୪ଟି ୱାର୍ଡ଼ବାସିନ୍ଦା ଖଳିସାହି ଠାରେଶୁକ୍ରବାର ରାସ୍ତାରୋକ ଆନ୍ଦୋଳନ କରିଥିଲେ। ୱାର୍ଡ଼ବାସୀ ମୁଖ୍ୟ ରାସ୍ତା ଉପରେ ଗରା, ବାଲଟିଥୋଇ ରାସ୍ତାରୋକ ଆନ୍ଦୋଳନ କରିବା ଯୋଗୁଁ ଖଣ୍ଡପଡ଼ା–କଂଟିଲୋ ରାସ୍ତା ଦେଇ ୫ ଘଣ୍ଟା ଧରିଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଖଣ୍ଡପଡ଼ା ପୋଲିସ, ଗ୍ରାମ୍ୟ ଜଳ ଯୋଗାଣ ଓପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ତ୍ରିଲୋଚନ ହୋତା ଘଟଣାସ୍ଥଳରେ ପହଂଚି ଧାରଣାରତ ଜନସାଧାରଣଙ୍କୁ ବୁଝାସୁଝା କରିବା ସହ ଆସନ୍ତା ଦିନେ କିମ୍ବା ୨ ଦିନ ମଧ୍ୟରେ ପାନୀୟଜଳ ସମସ୍ୟାର ସମାଧାନକରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଜନସାଧାରଣ ରାସ୍ତାରୋକ ଆନ୍ଦୋଳନରୁ ଓହରି ଯାଇଥିବା ଜଣାଯାଇଛି। ପ୍ରକାଶ ଥାଉକି ଉପରୋକ୍ତ ୪ ଗୋଟି ୱାର୍ଡ଼



# ଏପ୍ରିଲ୍‌ରେ ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ୫,୪୧,୯୪୬ ଗାଡ଼ି ବିକ୍ରି

ଭୁବନେଶ୍ୱର (ସବ୍ୟୁ) : ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ୨୦୨୪–୨୫ ଆର୍ଥିକ ବର୍ଷକୁ ଚମତ୍କାରଢଙ୍ଗରେ ଆରମ୍ଭ କରିଛି। ୨୦୨୪ ଏପ୍ରିଲ୍‌ରେ କମ୍ପାନି ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଛି। ଏହି ମାସରେ କମ୍ପାନି୫,୪୧,୯୪୬ ଗାଡ଼ି ବିକ୍ରି କରି ୪୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଦେଶ ଭିତରେ କମ୍ପାନି ୪,୮୧,୦୪୬ ଗାଡ଼ିବିକ୍ରି କରିଥିବା ବେଳେ ୬୦,୯୦୦ ଗାଡ଼ି ରପ୍ତାନି କରିଛି।

**AFFIDAVIT**

By virtue of an Affidavit shown before the Notary Public, Cuttack on dt. 16.12.23. I Gitanjali Tripathy, W/O Siba Prasad Tripathy, At-Talasahi, Po/Ps/Dist-Malkangiri, Pin-764045. I have to changed my surname from Ratha to Tripathy. Henceforth, I shall be known as Gitanjali Tripathy for all proposes.

**AFFIDAVIT**

By virtue of an Affidavit before the Executive Magistrate Soro, I Rashmirekha Mohanty, W/o Umesh Mohanty, state that before marriage my name was Suryakanti Khatua, D/o-Lochan Khatua and this maiden name was mentioned in my RPLI vide Policy No. R-OR-C-A-665359. After my marriage with Umesh Mohanty I have changed my name from Suryakanti Khatua to Rashmirekha Mohanty. That Rashmirekha Mohanty and Suryakanti Khatua is one and same person i.e. me. Henceforth I shall be known as Rashmirekha Mohanty for correction in my RPLI Policy.

**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

 କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ: ସମ୍ବଲପୁର

କଚେରୀ ରୋଡ, ସମ୍ବଲପୁର-୭୬୮୦୦୧, ଇ-ମେଲ: cmcredit3.aosam@sbi.co.in

**ଇ-ନିଲାମ ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ୧୮.୦୫.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ

ଗାଡି ତନଖି କରିବାର ତାରିଖ ଏବଂ ସମୟ: ୧୫.୦୫.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ସମିତ୍ କୁମାର ନାଏକ, ସା: ବଡବାହାଲ, କୁସୁମି, କୁଚିଣ୍ଡା, ସମ୍ବଲପୁର, ପିନ୍ - ୭୬୮୨୨୨ / ଆକାଉଣ୍ଟ ନଂ.: ୩୮୯୧୯୧୭୮୧୧୭ | Preet Combine Harvester, Model-949, Year-(2019), Engine No.: HJKM400928, Chasis No.: P.T.C.-092019357A, MFG: 2019 | ୦୩.୦୫.୨୦୨୪ ସୁଦ୍ଧା ଟ.୧୪,୨୯,୪୦୩.୦୫ + ୦୪.୦୫.୨୦୨୪ ଠାରୁ ସେବାବଦ ସୁଧ ଏବଂ ପରବର୍ତ୍ତୀ ଖର୍ଚ୍ଚ | ଟ.୧,୪୦,୦୦୦/- <br> ଟ.୧୪,୦୦୦/- <br> ଟ.୧୦,୦୦୦/- |

ଇ-ନିଲାମ ସମାପ୍ତ ହେବା ପୂର୍ବରୁ ଆଗ୍ରହୀ ନିଲାମଧାରୀ MSTC ରେ ପ୍ରାକ-ବିଡ୍ ଅମାନତ ରାଶି ଜମା କରିବେ । MSTC ବ୍ୟାଙ୍କ ଆକାଉଣ୍ଟରୁ ରସିଦ୍ ପ୍ରାପ୍ତ କଲା ପରେ ଏବଂ ଏହି ସୂଚନାକୁ ଇ-ନିଲାମ ୱେବସାଇଟ୍‌ରେ ଅପଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡ଼ରଙ୍କୁ କ୍ରେଡିଟ୍ କରାଯିବ । ବ୍ୟାଙ୍କିଂ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମର ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍: https://sbi.co.in/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ।

ଗାଡିଗୁଡିକର ପାର୍କିଂ ୟାର୍ଡ ବିବରଣୀ: ପାଣିଗ୍ରାହୀ ପାର୍କିଂ ୟାର୍ଡ, ସା/ପୋ: ବଡଗାଁ, ଧାମା, ସମ୍ବଲପୁର - ୭୬୮୧୧୩

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ ମୋ: ୯୬୯୨୫୮୦୫୯୦

ତାରିଖ: ୦୩.୦୫.୨୦୨୪, ସ୍ଥାନ: ସମ୍ବଲପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, ସମ୍ବଲପୁର

ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ

(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)

ଡିଏଭି ଶାଖା, ସିଡିଏ, ସେକ୍ଟର - ୦୬, ଜିଲ୍ଲା: କଟକ - ୭୫୩୦୧୪

**ଦଖଲ ନୋଟିସ୍**

ପରିଶିଷ୍ଟ-୪ [ରୁଲ୍ ୮(୧)]

(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ଡିଏଭି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ଭବିଷ୍ୟତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଏବଂ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ./ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ/ ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ୍ ବକେୟା |
|---|---|---|
| ଆକାଉଣ୍ଟ ନଂ.: ୦୭୮୮୧୨୦୦୦୦୦୮୨୧, ୦୭୮୮୧୨୦୦୦୦୦୧୨୭୬, ୦୭୮୮୧୨୦୦୦୦୦୧୩୫୪/ ଋଣଗ୍ରହୀତା: ଶ୍ରୀ ପ୍ରଭାସ ଚନ୍ଦ୍ର ଥାଟୋଇ, ପିତା: ନକୁଳ ଚନ୍ଦ୍ର ଥାଟୋଇ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସନ୍ଧ୍ୟାରାଣୀ ପରିଡା, ସ୍ୱାମୀ: ଶ୍ରୀ ବିଭୂଦତ୍ତ ପ୍ରଧାନ, ଉଭୟଙ୍କ ବାସସ୍ଥାନ ଠିକଣା: ଶ୍ରୀବିହାର କଲୋନୀ, ପୋ.: ତୁଳସୀପୁର, କଟକ - ୭୫୩୦୦୮ | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ଏଫ୍/୪୬୫, ଡ୍ରଇଂ ନଂ.: ସିଡିଏ (ପିଏଲ) ବି/୧୦୯, ବିଡ଼ାନାସୀ, ସେକ୍ଟର - ୦୬, ମର୍କତ ନଗର, ଜିଲ୍ଲା: କଟକ-୭୫୩୦୧୪, କ୍ଷେତ୍ର: ୫୧୨ ବର୍ଗଫୁଟ, (ଲିଜ୍ ଦଲିଲ୍ ନଂ.: ୩୯୭୦୨୫୧୦, ତା.୦୮.୦୬.୨୦୧୭ରିଖ), ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୬୬, ପୂର୍ବ: ପ୍ଲଟ୍ ନଂ.: ୪୬୦ + ୪୫୯, ଦକ୍ଷିଣ: ପ୍ଲଟ୍ ନଂ.: ୪୬୪, ପଶ୍ଚିମ: ୨୦ ଫୁଟିଆ ଚଉଡ଼ା ରାସ୍ତା / ୦୭.୦୨.୨୦୨୪ / ୨୬.୦୪.୨୦୨୪ | ତା.୨୬.୦୪.୨୦୨୪ ସୁଦ୍ଧା ଟ.୧୨,୦୨,୮୫୩.୪୯ + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଆକାଉଣ୍ଟ ନଂ.: ୦୭୮୮୧୨୦୦୦୦୦୫୪୯, ୦୭୮୮୧୨୦୦୦୦୦୦୯୮୧/ ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ଦାସ, ପିତା: ଶରତ ଚନ୍ଦ୍ର ଦାସ / ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରିୟଦର୍ଶିନୀ ଦାସ, ସ୍ୱାମୀ: ଶ୍ରୀ ସନ୍ତୋଷ କୁମାର ଦାସ / ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ରୀକାନ୍ତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ଆଲିଶା ବଜାର, ମଙ୍ଗଳା ସାହି, ଡଗରପଡା, କଟକ-୭୫୩୦୦୨ | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨ଏଫ୍/୭୬୬, ଡ୍ରଇଂ ନଂ.: ସିଡିଏ (ପିଏଲ) ବି–୧୩/୨୦୦୧, ବିଡ଼ାନାସୀ, ସେକ୍ଟର - ୧୦, ମର୍କତ ନଗର, ଜିଲ୍ଲା: କଟକ-୭୫୩୦୧୪, କ୍ଷେତ୍ର: ୫୧୦ ବର୍ଗଫୁଟ, ପଞ୍ଜିକୃତ ନଂ.: ୩୪ଏଫ୍-୩୭୨୭-୩୮, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦-୨ଏଫ୍/୭୬୭, ଦକ୍ଷିଣ: ପ୍ଲଟ୍ ନଂ.: ୧୦-୨ଏଫ୍/୭୬୫, ପୂର୍ବ: ପ୍ଲଟ୍ ନଂ.: ୨୦ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୦-୨ଏଫ୍/୭୭୫ / ୦୩.୦୮.୨୦୨୩ / ୦୨.୦୫.୨୦୨୪ | ତା.୦୨.୦୫.୨୦୨୪ ସୁଦ୍ଧା ଟ.୨୭,୫୭,୯୧୫.୪୦ + ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ: କଟକ, ତାରିଖ: ୦୩.୦୫.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।





କଟକ : ନାମାଙ୍କନପତ୍ର ଦାଖଲ କରୁଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋସ, ବିଜେଡି କଟକ-ଚୌଦ୍ୱାର ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଓ ବିଜେଡି ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର

# ଚୌଦ୍ୱାର-କଟକ ପାଇଁ ନାମାଙ୍କନପତ୍ର ଦାଖଲ କଲେ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ

କଟକ, (ସ୍ୱପ୍ର): ଚୌଦ୍ୱାର-କଟକ ବିଜୁ ଜନତା ଦଳ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପିତା ଡଃ ପ୍ରଭାତ ରଂଜନ ବିଶ୍ୱାଳ ମାତା ଲକ୍ଷ୍ମୀ ବିଳାଶିନୀ ବିଶ୍ୱାଳଙ୍କ ଆଶ୍ରୀର୍ବାଦ ନେଇ ସେ ଚୌଦ୍ୱାର କପାଳେଶ୍ୱର ସ୍ଥିତ କପାଳେଶ୍ୱର ମନ୍ଦିରରେ ପଂହଚି ପତ୍ନୀ ଅନନ୍ୟା ପ୍ରୀୟଦର୍ଶନୀଙ୍କ ସହ ପ୍ରଭୁ ଶ୍ରୀ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ । ହଜାର ହଜାର ଦଳୀୟ କର୍ମକର୍ତ୍ତା ଓ ସମର୍ଥକଙ୍କ ସହ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ଛକ, ବିରୁପା ଛକ, ଜଗତପୁର ଛକ, ଯୋବ୍ରା ଆଇଲଭୟୁ ଛକ, ବମ୍ବେ ହୋଟେଲ ଛକ, କଲେଜ ଛକ, ରାଣୀହାଟ ଛକ, ବି.କେ ରୋଡ, ବାଦାମବାଡି, ପୁରୀଘାଟ ଛକ ପହଞ୍ଚିଥିଲେ । ସେଠାରୁ ପଦଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାରିସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟୀ ମେୟର ଦମୟନ୍ତୀ ମାଝୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ-ଆରତ ରଂଜନ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ କନିଷ୍କ ଜେନା, କଟକ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ନାୟକ, ନଗରପାଳ-ମାନସି ସ୍ୱର୍ଣ୍ଣପ୍ରଭା ସାମଲ, ଉପନଗରପାଳ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ- ପ୍ରେମଚାନ୍ଦ ନାୟକ, ୪୪ନଂ ୱାର୍ଡ କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ୪୭ ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ, ବିଷ୍ଣୁ ଚରଣ ପରିଡା, ସଞ୍ଜୟ ଜେନା, ମହିଳା ସଭାନେତ୍ରୀ- ସୌଭାଗିନୀ ଜେନା, କର୍ପୋରେଟର ଅରବିନ୍ଦ ଜେନା, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ସହ ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ୱାର୍ଡସଭାପତି ଓ ଯୁବ, ଛାତ୍ର, ମହିଳା ସଙ୍ଗଠନର ହଜାର ହଜାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୦୨୪ ଆର୍ଥିକ ବର୍ଷ ପାଇଁ ନୁଭୋକୋ ଭିସ୍ତାସ୍‌ର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର (ସବ୍ୟୁ) : ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ ଗତ ମାର୍ଚ୍ଚ ୩୧ ତାରିଖ ୨୦୨୪ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ମୋଟ ସିମେଂଟ୍ ବିକ୍ରି ପରିମାଣ ୧୮.୮ ଏମ୍ଏମ୍‌ଟି ରହିଛି। ଏହି ସମାନ ଅବଧିରେ ପରିଚାଳନାଗତ ମୋଟ ରାଜସ୍ୱ ୧୦୭୩୩ କୋଟି ଟଙ୍କା ରହିଛି। ସେହିପରି ମୋଟ ଏବିଟଡା ବାର୍ଷିକ ଆଧାରରେ ୩୫% ବୃଦ୍ଧି ହୋଇ ୧୬୫୭ କୋଟି ଟଙ୍କା ରହିଛି। ଏହାଛଡା କମ୍ପାନୀର ଶୁଦ୍ଧ ଋଣ ପରିମାଣ ବାର୍ଷିକ ଆଧାରରେ ୩୮୪ କୋଟି ଟଙ୍କା ହ୍ରାସ ହୋଇ ୪୦୩୦ କୋଟି ଟଙ୍କା ରହିଛି ।

# ନାମାଙ୍କନପତ୍ର ଦାଖଲ କଲେ ପିପିଲି ବିଜେଡି ବିଧାୟକ ପ୍ରାଥୀ ରୁଦ୍ରମହାରଥୀ



ପୁରୀ (ସବ୍ୟୁ): ପିପିଲିରୁ ବିରାଟ ପଟୁଆରରେ ବାହାରି ପୁରୀ ଆସି ଅତିରିକ୍ତ ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ରୁଦ୍ର ମହାରଥୀ । ନାମାଙ୍କନ ପତ୍ର ଦାଖଲ ସମୟରେ ରୁଦ୍ର ଙ୍କ ମା, ଧର୍ମପତ୍ନୀ ଉପସ୍ଥିତ ଥିଲେ । ହଜାର ହଜାର ବିଜେଡି କର୍ମୀ ସମର୍ଥକ ଙ୍କୁ ନେଇ ରୁଦ୍ର ପିପିଲି ରୁ ବାହାରି ପୁରୀ ରେ ପହଞ୍ଚି ଅତିରିକ୍ତ ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ । ପୂର୍ବରୁ ରୁଦ୍ର ପିପିଲି ଉପର୍ନିବାଚନରେ ବିଜୟୀ ଲାଭ କରିଥିଲେ । ଚଳିତ ଥର ବିଜେଡି ଦଳ ତାଙ୍କୁ ଭରସା କରି ପୁଣି ଠାରେ ବିଧାୟକ ପାର୍ଥି ଭାବେ ଟିକେଟ ଦେଇଥିବାରୁ ବିଜେଡି ସୁପ୍ରିମୋ ଙ୍କୁ ଧନ୍ୟବାଦ ଦେଇଛନ୍ତି ରୁଦ୍ର । ପୁଣି ଠାରେ ପିପିଲି ଡେଲାଙ୍ଗ ବାସୀ ଆର୍ଶ୍ରୀବାଦ କରିବା ସହ ବିପୁଳ ମାତ୍ରା ରେ ଭୋଟ ଦେଇ ବିଜୟୀ କରିବେ ବୋଲି ଆଶା ରଖିଛନ୍ତି ରୁଦ୍ରମହାରଥୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଂଚାଇବା ସହ ପ୍ରଚାରକୁ ଜୋରଦାର କରିବା ଲାଗି କହିଛନ୍ତି ରୁଦ୍ର ।

## ଓଡ଼ିଆ ଭାଷା ଓ ଅସ୍ମିତାକୁ ନେଇ ଗଭୀର ଚିନ୍ତାପ୍ରକଟ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଓଡ଼ିଆ ଅସ୍ମିତା, ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଚପାଇ ଦେବାର ଅପଚେଷ୍ଟାକୁ ବିଜେପି ସଫଳ ହେବାକୁ ଦେବ ନାହିଁ

ଭୁବନେଶ୍ୱର (ସବ୍ୟୁ): ଆଜି ଓଡ଼ିଆ ସମାଜ ସମ୍ମୁଖରେ ଗୋଟିଏ ବଡ ପ୍ରଶ୍ନ ଠିଆ ହୋଇଛି । ଓଡ଼ିଆ ଭାଷା, ଐତିହ୍ୟ, ଗୌରବ, ଅସ୍ମିତା ଓ ସଂସ୍କୃତି ଉପରେ ବଡ ପ୍ରଶ୍ନଚିହ୍ନ ଲାଗିଛି । ଯେଉଁ ସମାଜର ଐତିହ୍ୟ ହଜାର ହଜାର ବର୍ଷ ତଳର, ତାହାର ସୁରକ୍ଷାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବିଜେପି ଏକ ଦାୟିତ୍ୱସମ୍ପନ୍ନ ଦଳ ଭାବରେ ଓଡ଼ିଆ ଅସ୍ମିତା ଏବଂ ରାଜ୍ୟରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ପ୍ରକ୍ରିୟାକୁ କଣ୍ଠରୋଧ କରାଯିବାର ଅପଚେଷ୍ଟାକୁ ସଫଳ ହେବାକୁ ଦେବ ନାହିଁ ବୋଲି ଶୁକ୍ରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଚଳିତ ଥର ନିର୍ବାଚନ ଓଡ଼ିଆ ଅସ୍ମିତା, ଅସ୍ମିତ୍ୱ, ଓଡ଼ିଶାର ଭବିଷ୍ୟତ, ନୂଆପିଢ଼ିଙ୍କ ସୁରକ୍ଷା ନିର୍ବାଚନର ବିଷୟବସ୍ତୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ ପ୍ରଣାଳୀରେ ଓଡ଼ିଶା ସବୁଠୁ ଲାଭାର୍ଥୀ ହୋଇଛି । ମୋଦୀଙ୍କ ଲୋକପ୍ରିୟତା ଓଡ଼ିଶାରେ ବୃଦ୍ଧି ପାଉଥିବା ବେଳେ ଓଡ଼ିଶାର ଶାସନ ବ୍ୟବସ୍ଥାକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି । ୨୪ ବର୍ଷର ସ୍ଥିର ସରକାର ରହିବା ପରେ ମଧ ଅପାର ସମ୍ଭାବନାରାଜ୍ୟ ଓଡ଼ିଶା ଯେଉଁଭଳି ସ୍ଥିତିରେ ରହିବା କଥା, ସେଭଳି ସ୍ଥିତିରେ ନାହିଁ । ଓଡ଼ିଶାର ବିକାଶ ସବୁ ଦିଗରୁ ନିମ୍ନଗାମୀ ହୋଇଛି । ବିଜେପିକୁ ଆଶୀର୍ବାଦ କଲେ ଓଡ଼ିଶାକୁ ବିକଶିତ ଭାରତ ବେଳେ ଦେଶର ୧ ନମ୍ବର ରାଜ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି । ତେବେ ବର୍ତ୍ତମାନର ମୂଳ ପ୍ରଶ୍ନ ହେଉଛି ଓଡ଼ିଆ ଭାଷା ଓ ଅସ୍ମିତା, ଯାହା ଏକ ବଡ ପ୍ରଶ୍ନବାଚୀରେ ଅଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଣେ ଓଡ଼ିଆ ଭାବେ ବାହାର ରାଜ୍ୟରୁ ମୋତେ ରାଜ୍ୟସଭାକୁ ନିର୍ବାଚତ କରିବା ମୋ ପାଇଁ ଗୌରବର ବିଷୟ । ଆଜି ମୋ ଉପରେ ଓଡ଼ିଆ ନେତା ଭାବରେ ପ୍ରଶ୍ନ ଉଠିଛି, ଯାହାର ସାର୍ଟିଫିକେଟ୍ ଓଡ଼ିଆ ଲୋକମାନେ ଦେବେ । କିନ୍ତୁ ଆଜି ଓଡ଼ିଶାର ନେତୃତ୍ୱ କିଏ ନେବ ତାହା ଏକ ପ୍ରଶ୍ନବାଚୀ । ଓଡ଼ିଆ ସ୍ୱାଭିମାନକୁ ଆଘାତ କରିବା ପାଇଁ ଅମଲାଙ୍କୁ ନେଇ ଗୋଟିଏ କୋଟେରୀ ଚେଷ୍ଟା କରୁଛି । ନିକଟ ଅତୀତରେ ଏପରି ଘଟଣା ସାମ୍ନାକୁ ଆସିଛି, ଯାହା ପୂର୍ବରୁ ଓଡ଼ିଆ ସ୍ୱାଭିମାନକୁ କୁଠାରଘାତ କରିଛି । ଏହାବ୍ୟତିତ ପାଇକ ବିଦ୍ରୋହର ଅଗ୍ରଣୀ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ବୀରତ୍ୱକୁ ନେଇ ଏକ ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଜମି ଦେବା ପାଇଁ ଅନୁରୋଧ କରାଯାଇଥିଲା, ଯେଉଁଥିପାଇଁ ଇଣ୍ଡିଆନ ଅଏଲ ୯୦ କୋଟି ଟଙ୍କାର ବ୍ୟୟବରାଦ କରିସାରିଥିଲା । ରାଜ୍ୟ ସରକାର ବାହାନା ଦେଖାଇ ଏହାକୁ ବନ୍ଦ କରିଦେଲେ ।୨୫୦ କୋଟି ଟଙ୍କା ବ୍ୟୟରେ ବରୁଣେଇର ପାଦ ତଳେ ପାଇକ ସ୍ମାରକୀ କରିବା ପାଇଁ ମଧ ପ୍ରସ୍ତାବ ଦିଆଯାଇଥିଲା, କିନ୍ତୁ ରାଜ୍ୟ ସରକାରଙ୍କ ପାଇଁ ଏହା ତିଆରି ହୋଇପାରିନାହିଁ । ଚଳିତଥର ନିର୍ବାଚନ ଓଡ଼ିଆ ଅସ୍ମିତା, ଅସ୍ମିତ୍ୱ ଓ ଓଡ଼ିଶାର ଭବିଷ୍ୟତ, ନୂଆପିଢ଼ିଙ୍କ ପାଇଁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଓ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।




## ବୈଜୟନ୍ତଙ୍କ ଜରୁରୀ ଚକ୍ଷୁ ଅସ୍ତ୍ରୋପଚାର

# ପ୍ରଚାର କାର୍ଯ୍ୟକ୍ରମ ବାତିଲ



ଭୁବନେଶ୍ୱର (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା ଦଳର କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଆକସ୍ମିକ ଭାବେ ଚକ୍ଷୁ ଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ଏବେ ଚିକିତ୍ସାଧିନ ଅଛନ୍ତି । ତାଙ୍କ ଚକ୍ଷୁରେ ଜରୁରୀ ଅପରେସନ୍ କରାଯାଇଛି । ଏଥିପାଇଁ ତାଙ୍କର ସମସ୍ତ ପ୍ରଚାର କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି । ଶ୍ରୀ ପଣ୍ଡା ଗୁରୁବାର କେନ୍ଦ୍ରାପଡାରୁ ପ୍ରଚାର କାର୍ଯ୍ୟ ସାରି ଭୁବନେଶ୍ୱର ଫେରିବା ପରେ ଆଖିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଶୁକ୍ରବାର ସକାଳୁ ଡାକ୍ତରୀ ପରାମର୍ଶ ନିଆଯିବା ପରେ ଜରୁରୀ ଆବଶ୍ୟକତା ପଡିବାରୁ ଭୁବନେଶ୍ୱର ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟରେରେ ତାଙ୍କୁ ଆଡମିଟ କରାଯାଇଥିଲା ଓ ତୁରନ୍ତ ତାଙ୍କ ଚକ୍ଷୁରେ ଅପରେସନ୍ କରାଯାଇଛି । ଏହା ନହୋଇଥିଲେ ତାଙ୍କ ଦୃଷ୍ଟିଶକ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିଲା ବୋଲି କୁହାଯାଉଛି । ବର୍ତ୍ତମାନ ସେ ଅବ୍‌ଜରଭେସନରେ ଅଛନ୍ତି ।

## ସୋଫିଆ ଫିର୍ଦୋସଙ୍କ ନାମାଙ୍କନ ପତ୍ର ଦାଖଲ

# ନିଆରା ଢଙ୍ଗରେ ଆସିଲେ, ନିରାଡ଼ମ୍ବରରେ ଦାଖଲ କଲେ

କଟକ(ସବ୍ୟୁ): ନା ବାଜା ଥିଲା ନା ବାଣ ଥିଲା। ନା ପାଟ ଥିଲା ନା ପଟୁଆରା ନା ବାଇକ୍ ରାଲି ଥିଲା ନା ଆଗ ପଛ ସମର୍ଥକଙ୍କ ଘୋଘା ଗର୍ଜନ ଥିଲା। ମାତ୍ର ୫୦ରୁ ୧୦୦ ଜଣଙ୍କୁ ଧରି ସମ୍ପୂର୍ଣ୍ଣ ନିଆରା ଏବଂ ନିରାଡ଼ମ୍ବର ଢ଼ଙ୍ଗରେ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବାରବାଟୀ-କଟକରୁ କଂଗ୍ରେସ୍‌ରୁ ପ୍ରାର୍ଥୀ ହୋଇଥିବା ବରିଷ୍ଠ କଂଗ୍ରେସ୍ ନେତା ତଥା ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଝିଅ ସୋଫିଆ ଫିର୍ଦୋଷ। ଯେଉଁଠି ନେତାମାନେ ନାମାଙ୍କନପତ୍ର ଦାଖଲ ଆଳରେ ନିଜର ଶକ୍ତି ପ୍ରଦର୍ଶନ କରି ଭୋଟରଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି କରିବାକୁ ଚାହାଁନ୍ତି ସେଠି ସୋଫିଆଙ୍କ ଏଭଳି ନିରାଡ଼ମ୍ବର ଢଙ୍ଗରେ ନାମାଙ୍କନପତ୍ର ଦାଖଲ କରି ଅନୁରୂପ ଚର୍ଚ୍ଚା ସୃଷ୍ଟି କରି ପାରିଛନ୍ତି ।

ସୋଫିଆ ତାଙ୍କ ବାପା ମହମ୍ମଦ ମୋକିମ୍, ମା, ଏବଂ ଅଳ୍ପ କିଛି ନିଜ ଲୋକଙ୍କ ସହ ଆସି ସକାଳ ପ୍ରାୟ ୧୧ଟା ବେଳେ ଉପଜିଲ୍ଲାପାଳଙ୍କ କାର୍ଯାଳୟରେ ପହଞ୍ଚିଥିଲେ । ତାଙ୍କ ସହ ଚାରିଜଣ ପ୍ରସ୍ତାବକ ଭାବେ ପୂର୍ବତନ କର୍ପୋରେଟର ଗିରିବାଳା ବେହେରା, ରାମବଲ୍ଲଭ ଦ୍ୱିବେଦୀ, ସେକ୍ ଲିୟାକୁଦ୍ଦିନ୍ ଅହମ୍ମଦ ଏବଂ ଚାରୁଲତା ସାହୁ ରହିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ଚାରି ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ଦାଖଲ ପରେ ସୋଫିଆ ଗଣମାଧମକୁ କହିଛନ୍ତି ଯେ, ତାଙ୍କ ବାପାଙ୍କ ଉପରେ କଟକ ସହରବାସୀଙ୍କ ବହୁ ଭରସା ରହିଥିଲା ଆଉ ଆଜି ବି ରହିଛି । ଏହି ଭରସା କଟକ ସହରବାସୀ ତାଙ୍କ ଉପରେ ମଧ କରିଛନ୍ତି। ସେ ସହରବାସୀଙ୍କ ଭରସାକୁ କେବେ ଭାଙ୍ଗିବେ ନାହିଁ। ସେ ସହରର ବିକାଶ ପାଇଁ ବାପାଙ୍କ ଭଳି ନିରନ୍ତର କାର୍ଯ୍ୟ କରିବେ ବୋଲି ଏହି ଅବସରରେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏଭଳି ନିରାଡ଼ମ୍ବରରେ ଆସି ପ୍ରାର୍ଥୀପତ୍ର ଦାଖଲ କରିବା ସମ୍ପର୍କରେ ବିଧାୟକ ମହମ୍ମଦ ମୋକିମ୍ କହିଛନ୍ତି ଯେ, ଏତେ ଖରାରେ ସାଧାରଣ ଲୋକଙ୍କୁ କଷ୍ଟ ଦେବା ଉଚିତ୍ ନୁହେଁ। ଯେଉଁଠି ଏଭଳି ଖରାରେ ସାଧାରଣ ଲୋକେ ଘରୁ ବାହାରିପାରୁ ନାହାନ୍ତି ସେଠି କର୍ମୀଙ୍କୁ ଆଣି ଖରାରେ ଘଣ୍ଟା ଘଣ୍ଟା ଠିଆ କରାଇ କଷ୍ଟଦେବା କାର୍ଯ୍ୟକୁ ସେ ଚିନ୍ତା କରିପାରିଲେ ନାହିଁ। ତେଣୁ ବିନା ଶୋଭାଯାତ୍ରାରେ, ବିନା କୌଣସି ହୋହାଲ୍ଲାରେ ନାମାଙ୍କନପତ୍ର ଦାଖଲ କରିବାକୁ ପସନ୍ଦ କଲେ। ଖରାରେ କର୍ମୀଙ୍କ କଷ୍ଟକୁ ଉପଲବ୍ଧି କରି ଏ ପ୍ରସ୍ତାବ ପ୍ରଥମେ ଝିଅ ଫିର୍ଦୋଷ ତାଙ୍କୁ ଦେଇଥିଲା। ଏହି ପ୍ରସ୍ତାବ ତାଙ୍କ ମନକୁ ପାଇବାରୁ ଏଭଳି ଏକ ନିଷ୍ପତ୍ତି ନେଲୁ ବୋଲି ମହମ୍ମଦ ମୋକିମ୍ କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରେ ମଣିଷପଣିଆ ନାହିଁ: ବିଜେଡି

# ମୃତ କଳାକାରଙ୍କୁ ଦେଖିବା ପାଇଁ ଧର୍ମେନ୍ଦ୍ର କିମ୍ବା ଜୟନାରାୟଣଙ୍କ ପାଖରେ ସମୟ ନାହିଁ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରାରେ ସାମିଲ ହେବାକୁ ସମ୍ବଲପୁର ଆସିଥିଲେ । ହେଲେ ଘରକୁ ଫେରିପାରିଲେନି । ଶୋଭଯାତ୍ରା ଚାଲିଥିବା ସମୟରେ ଟଳିପଡିଲେ କଳାକାର । ମୃତ କଳାକାର ଜଣକ ହେଲେ ବାମରା ବ୍ଲକ ପିଣ୍ଡାପଥର ଗାଁର ବାଘପଡା ନିବାସୀ କୁମର ମାଝୀ । ତେବେ ନିଜର ପ୍ରଚାର ପାଇଁ ଡାକିଥିବା କଳାକାରଙ୍କୁ ଶେଷ ସମ୍ମାନ ଦେବାକୁ ମଧ ଉଚିତ ମଣିଲେନି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିରୁ ଧର୍ମେନ୍ଦ୍ରଙ୍କର ମଣିଷ ପଣିଆ ନଥିବା କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ।

ଡ. ମହାନ୍ତି ଗଣମାଧମକୁ କହିଛନ୍ତି ଯେ ଯେ ନାମାନଙ୍କ ପତ୍ର ଦାଖଲ କାର୍ଯ୍ୟକ୍ରମରେ ବିଜେପି ଦଳ ଭିଡ ଦେଖାଇବାକୁ ଦୂରଦୂରାନ୍ତର ରୁ ଲୋକଙ୍କୁ ଡାକି ଠୁଳ କରିଥିଲା । ଏପରିକି ଅନେକ କଳାକାର ମାନଙ୍କୁ ମଧ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଡାକିଥିଲା । ପିଣ୍ଡାପଥର ଗାଁର ବାଘପଡା ଠାରୁ ଆସିଥିବା ବାଜାଦଳ ସହିତ କୁମର ମାଝୀ ଆସିଥିଲେ । ନାମାଙ୍କନ କାର୍ଯ୍ୟକ୍ରମକୁ ଡାକି ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ବିଜେପି ନେତାମାନେ ପ୍ରଚାରରେ ମାତିଥିଲେ । ଅନ୍ୟପଟେ ମୁଣ୍ଡଫଟା ଖରାରେ ଲୋକେ ଡହକବିକଳ ହେଉଥିଲେ । ଲୋକଙ୍କୁ ପାଣି ଟୋପାଏ କଥା ପଚାରିବାକୁ ମଧ ବିଜେପି ନେତାଙ୍କ ପାଖରେ ସମୟ ନଥିଲା । ଫଳରେ ଦୀର୍ଘ ସମୟ ଧରି ବାଜା ବଜାଉଥିବା କୁମରଙ୍କ ଅବସ୍ଥା ବିଗିଡିବାରେ ଲାଗିଥିଲା । ଶୋଭାଯାତ୍ରା ଚାଲିଥିବାବେଳେ ହଠାତ୍ ଚେତାଶୂନ୍ୟ ହୋଇ ପଡିଯାଇଥିଲେ । ଏତେ ଘଟଣା ହେଲା ପରେ ମଧ ବିଜେପି ନେତାଙ୍କୁ କିଛି ଦିଶିଲାନି । କିମ୍ବା ସେମାନେ କିଛି ଜାଣିବାକୁ ଚେଷ୍ଟା କଲେନି । ଶେଷରେ ସେହି କଳାକାରମାନେ ହିଁ କୁମରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଯାଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବର୍ତ୍ତମାନ କୁମରଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଛନ୍ତି । କିନ୍ତୁ ଏଯାଏଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ବିଜେପି ଦଳର କୌଣସି ନେତାଙ୍କ ଦେଖାଦର୍ଶନ ନାହିଁ । ଏହା ହେଉଛି ବିଜେପି ନେତାଙ୍କ ଅସଲ ଚେହେରା । ସେମାନଙ୍କର ମଣିଷ ପଣିଆ ନାହିଁ । କ୍ଷମତା ପାଇଁ ଜନତାଙ୍କୁ ବ୍ୟବହାର କରିବା ଜାଣିଛନ୍ତି । କିନ୍ତୁ ସେହି ଜନତାର କିଛି ହେଲେ ତା ସାଙ୍ଗରେ ଛିଡା ହେବା ପାଇଁ ସମୟ ନାହିଁ । ସବୁବେଳେ ଆପଣଙ୍କ ସାଙ୍ଗରେ ରହିବୁ ବୋଲି ମିଛ ଭାଷଣ ମାରୁଥିବା ଧର୍ମେନ୍ଦ୍ର ପ୍ରଧାନ, ଜୟନାରାୟଣ ମିଶ୍ର ଙ୍କ ମଣିଷପଣିଆ କୁଆଡେ ଗଲା । ଆଗାମୀ ଦିନରେ ଜନତା ଏହାର କଡା ଜବାବ ଦେବେ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ।

**ଧର୍ମେନ୍ଦ୍ରଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇଥିବା କଳାକାରଙ୍କ ମୃତ୍ୟୁ**

**ପ୍ରଚଣ୍ଡ ଖରା ଯୋଗୁଁ ମୃତ୍ୟୁ ହୋଇଥିବା ଚର୍ଚ୍ଚା**

**ବିଜେପି ନେତାଙ୍କ ଅସଲ ଚେହେରା ଲୋକେ ଦେଖୁଛନ୍ତି**

## ଲାକ୍‌ମୀ ଏକାଡ଼େମୀର ଦ୍ୱିତୀୟ ବାର୍ଷିକ ଉତ୍ସବ

# ରାମ୍ପରେ ଜଲୱା ଦେଖାଇଲେ ମଡ଼େଲ୍

ଭୁବନେଶ୍ୱର (ସବ୍ୟୁ): ଲାକ୍‌ମୀ ଏକାଡ଼େମୀ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ଶିତଲ୍ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଲାକ୍‌ମୀ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଏକାଡ଼େମୀ ଦ୍ୱାରା ଏକ ଫାସନ ସୋ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଏକାଡ଼େମୀର ଛାତ୍ରୀ ମାନଙ୍କ ଦ୍ୱାରା ସୁସଜ୍ଜିତ କରାଯାଇଥିବା ମଡ଼େଲ୍ ମାନେ ରାମ୍ପରେ ଚାଲିଥିଲେ । କାର୍ଯ୍ୟକ୍ରମରେ ଓଲିଉଡ୍ ତାରକା ପୂର୍ଣ୍ଣିମା ବରାଳ, ଅନ୍ୱେଷା ବିଶ୍ୱାଳ, ଲାକ୍‌ମୀର ଜୋନାଲ୍ ହେଡ୍ ଶୁଭାଶିଷ ମହାପାତ୍ର, ଆଞ୍ଚଳିକ ଏକାଡ଼େମିକ୍ ମୁଖ୍ୟ ଅନନ୍ୟା ବାରୁ, କ୍ଷେତ୍ର ବିକ୍ରୟ ପରିଚାଳକ ଲିଙ୍କନ ତାରାଇ, ନିର୍ଦ୍ଦେଶକ ରେନୁପ୍ରଭା ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୌନ୍ଦର୍ଯ୍ୟ ଶିଳ୍ପରେ ନିଜ କ୍ୟାରିୟର ବନାଇବାକୁ ଚାହୁଁଥିବା ଯୁବପିଢୀଙ୍କ ପାଇଁ ଏହା ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ । ଯୁବପିଢୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ଭବାନୀ ମଲ୍‌ରେ ଖୋଲିଥିବା ଆପଟେକ୍‌ର ଲାକ୍‌ମୀ ଏକାଡ଼େମୀ ଫ୍ୟାସନ୍ ଟ୍ରେଣ୍ଡ ସହ ହେୟାର ଡ଼ିଜାଇନ ସୌନ୍ଦର୍ଯ୍ୟ, ଚର୍ମ ଏବଂ କେଶର ଯତ୍ନ କର୍ପୋରେଟ୍ ମେକ୍‌ଅପ୍, ବ୍ୟକ୍ତିଗତ ଗ୍ରୁମିଙ୍ଗ୍, ବ୍ରାଇଡ଼ାଲ୍ ମେକ୍‌ଅପ୍, କ୍ଲାସିକ୍ କଟ୍, କ୍ରିଏଟିଭ୍ କଟ୍, କେଶର ରଙ୍ଗ ଇତ୍ୟାଦିରେ କୋଚିଂ ଦିଆଯାଏ। ଯେଉଁମାନେ ଏଠାରୁ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନେ ସଫଳତାର ସହ ଚଳଚ୍ଚିତ୍ର, ବ୍ୟୁଟି ସେଲୁନ୍ ଏବଂ ଟେଲିଭିଜନ୍‌ରେ ନିଜର କ୍ୟାରିୟର ଆରମ୍ଭ କରି ପାରିଛନ୍ତି ।



## ବିଜେଡି ସାଂସଦ ପ୍ରାର୍ଥୀଙ୍କ ବିଶାଳ ରୋଡ୍ ସୋ'

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଂତୃପ୍ତଙ୍କ ପ୍ରାର୍ଥିପତ୍ର ଦାଖଲ

କଟକ (ସବ୍ୟୁ): କଟକ ଲୋକସଭା ଆସନ ପାଇଁ ବିଜେଡି ପକ୍ଷରୁ ଡଃ ସଂତୃପ୍ତ ମିଶ୍ର ଶୁକ୍ରବାର ନାମାଙ୍କନ ପତ୍ର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି । ସଂତୃପ୍ତ ପୂର୍ବାହ୍ନରେ ସିଡିଏ ସେକ୍ଟର-୧୦ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରୁ ଏକ ବିରାଟ୍ ରୋଡ୍ ସୋ'ରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଶୋଭାଯାତ୍ରାରେ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ସାମିଲ ଥିଲେ । ପ୍ରାର୍ଥୀପତ୍ର ଦାଖଲ ସମୟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଆଠଗଡ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ରପ୍ରତାପ ସ୍ୱାଇଁ, ସଦର ବିଜେଡ଼ି ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା, ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ମେୟର ସୁବାସ ସିଂ ଉପସ୍ଥିତ ଥିଲେ । ପ୍ରାର୍ଥୀପତ୍ର ଦାଖଲ ପରେ ସଂତୃପ୍ତ କହିଲେ ଯେ, କଟକରେ ସତ୍ୟ ସହିତ ତଥ୍ୟ'ର ଓ ମିଥ୍ୟା ସହିତ ପ୍ରତାରଣା'ର ଲଢେଇ ହେବ । ମୁଖ୍ୟମନ୍ତ୍ରୀଙ୍କ ସତ୍ୟ, ଧର୍ମ ଓ ବିକାଶର ବାସ୍ତବ ଚିତ୍ର ହିଁ ଜନମାନସରେ ପ୍ରତିଫଳିତ ହେଉଥିବା ଦେଖା ଯାଉଛି । କଟକର ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତ, ଆଦର୍ଶ ଓ ରୂପାନ୍ତରଣକୁ ହୃଦୟଙ୍ଗମ କରି ଆଗେଇ ଆସିଛନ୍ତି । ଯାହାର ଚିତ୍ର ଘରେ ଘରେ ଦେଖିବାକୁ ମିଳୁଛି ଛ ଏଥର କଟକ ମାଟିରେ ସେ ବିପୁଳ ମତଦାନରେ ବିଜୟ ଲାଭ କରିବି ବୋଲି ସଂତୃପ୍ତ ଆଶାବ୍ୟକ୍ତ କରିଥିଲେ । ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସଂତୃପ୍ତ ମାଲ୍ୟର୍ପଣ କରି ଏକ ବିରାଟ୍ ପଟୁଆରରେ ବାହାରିଥିଲେ । ବିଜେଡି କର୍ମୀଙ୍କ ସ୍ଲୋଗାନ୍ ଓ ନାରା' ସହିତ ରିଂବନ୍ଧ ଲୋକାରଣ୍ୟ ହୋଇ ପଡ଼ିଥିଲା । ରିଂବନ୍ଧରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରା ଆସିଥିଲା । ଏହାପରେ ସଂତୃପ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

# ବ୍ରହ୍ମଗିରି : ପ୍ରାର୍ଥିପତ୍ର ଦାଖଲ କଲେ ବିଜେଡ଼ି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ



ପୁରୀ (ସବ୍ୟୁ): ହଜାର ହଜାର କର୍ମୀ ଓ ସମର୍ଥକଙ୍କୁ ନେଇ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବ୍ରହ୍ମଗିରି ବିଜେଡି ବିଧାୟକ ପ୍ରାଥୀ ଉମାକାନ୍ତ ସାମନ୍ତରାୟ । ପୁରୀ ପିଡ଼ି ଡିଆରଡିଏ ତଥା ବ୍ରହ୍ମଗିରି ୧୦୮ ନିର୍ବାଚନ ମଣ୍ଡଳୀ ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଉମାକାନ୍ତ ସାମନ୍ତରାୟ । ବିରାଟ ପଟୁଆର ରେ ବ୍ରହ୍ମଗିରିରୁ ବାହାରି ପୁରୀ ରେ ପହଞ୍ଚି ରିଟର୍ନି ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୂର୍ବରୁ ଉମାକାନ୍ତ ସାମନ୍ତରାୟ ସତ୍ୟବାଦୀ ଅସନ ରୁ ଲଢ଼ି ବିଜୟୀ ହୋଇଥିବା ବେଳେ ଚଳିତ ଥର ବିଜେଡି ଦଳ ପକ୍ଷରୁ ତାଙ୍କୁ ବ୍ରହ୍ମହଗିରି ନିର୍ବାଚନ ମଣ୍ଡଳୀ ଲାଗି ପ୍ରାଥୀ କରାଯାଇଛି । ପୂର୍ବରୁ ସଞ୍ଜୟ ଦାଶବର୍ମା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ରୁ ପରାଜୟ ହୋଇଥିବା ବେଳେ ଦଳ ଏଥର ପାର୍ଥି ଚୟନ ରେ ସାମାନ୍ୟ ପରିବର୍ତ୍ତନ କରି ସଞ୍ଜୟ ଙ୍କ ସ୍ଥାନ ରେ ଉମା ଙ୍କୁ ପ୍ରାଥୀ କରିଛି ସେପଟେ ଉମା ଙ୍କ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀ ରୁ ବିଧାୟକ ଭାବେ ସଞ୍ଜୟ ଦାସବର୍ମା ଙ୍କୁ ଟିକେଟ ଦେଇଛି ଦଳ । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ର ଭୋଟର ମାନେ ବିପୁଳ ମାତ୍ରା ରେ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ଆଶା ରଖିଛନ୍ତି ବ୍ରହ୍ମଗିରି ବିଧାୟକ ପ୍ରାଥୀ ଉମାକାନ୍ତ ସାମନ୍ତରାୟ ।

## କେଜରିଓ୍ୱାଲଙ୍କୁ ମିଳିପାରେ ଅନ୍ତରୀଣ ଜାମିନ୍



**ନୂଆଦିଲ୍ଲୀ:** ମଦ ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଅନ୍ତରୀଣ ଜାମିନ୍ ପ୍ରଦାନ ପାଇଁ ବିଚାର କରୁଛନ୍ତି । ନିର୍ବାଚନ ଦୃଷ୍ଟିରୁ ପ୍ରଚାର ଲାଗି ତାଙ୍କୁ ଜାମିନ ଦିଆଯାଇପାରେ ବୋଲି ସୂଚନା ମିଳିଛି । ଜଷ୍ଟିସ୍ ସଞ୍ଜୀବ ଖାନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଇଡ଼ି ଓ କେଜ୍ରିଓ୍ୱାଲ ଓକିଲଙ୍କୁ ମେ ୭ ତାରିଖ ଲାଗି ପ୍ରସ୍ତୁତ ହେବାକୁ କହିଛନ୍ତି ।

ଇଡ଼ି ପକ୍ଷରୁ ମାର୍ଚ୍ଚ ୨୧ରେ ଦିଲ୍ଲୀ ମଦ ନୀତିର ଅନିୟମିତତା ନେଇ ତାଙ୍କୁ ଇଡ଼ି ଗିରଫ କରିଥିଲା । ସେ ସୁପ୍ରିମକୋର୍ଟ ସମେତ ନିମ୍ନ ଅଦାଲତରେ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ରିହାତି ମିଳିନଥିଲା । କେଜ୍ରିଓ୍ୱାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି କହିଥିଲେ ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାମରେ କୌଣସି ପ୍ରମାଣ ନାହିଁ । ତାଙ୍କ ଗିରଫଦାରୀ ବୈଧ ନୁହେଁ । କେଜ୍ରିଓ୍ୱାଲଙ୍କୁ ୯ ଥର ଇଡ଼ି ସମନ କରିଥିଲା । ସେ ହାଜର ହୋଇନଥିଲେ ପରେ ତାଙ୍କୁ ଗିରଫ କରାଯାଇଥିଲା । ଜୁଲାଇ ୨୦୨୩ର ଏହି ଘଟଣା । ସମସ୍ତ ଘଟଣା ରାଜନୈତିକ ଦୃଷ୍ଟିକୋଣରୁ କରାଯାଇଛି । କୋର୍ଟ ପଚାରିଥିଲେ ଯେ ଆପ୍ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସିଙ୍ଘଭି ଏହାକୁ ମନା କରିଥିଲେ । ସିଙ୍ଘଭି କହିଥିଲେ ଯେ ଇଡ଼ି ପକ୍ଷରୁ କୁହାଯାଇଛି ଯେ ମଦ ନୀତି ଘୋଟାଲା ପଛରେ ଆପ ରହିଛି । ସେମାନେ ଅର୍ଥ ଦାବି କରିବାରେ ସମ୍ପୃକ୍ତ ଥିଲେ । ମାତ୍ର ଏହାର କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳିନାହିଁ ।

# ସର୍ଭେ ଆଳରେ ଭୋଟର ପଞ୍ଜୀକରଣ ବନ୍ଦ ନିର୍ଦ୍ଦେଶ

## ସବୁ ରାଜନୈତିକ ଦଳକୁ ତାଗିଦ କଲେ ନିର୍ବାଚନ ଆୟୋଗ

**ନୂଆଦିଲ୍ଲୀ:** ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ସେମାନଙ୍କ ପ୍ରସ୍ତାବିତ ହିତାଧିକାରୀ ଯୋଜନା ପାଇଁ ବିଭିନ୍ନ ସର୍ଭେ ଆଳରେ ଭୋଟରଙ୍କ ବିବରଣୀ ମାଗିବା ଘଟଣାକୁ ନିର୍ବାଚନ ଆୟୋଗ ଗମ୍ଭୀରତାର ସହ ନେଇଛନ୍ତି । ଏପରି କାର୍ଯ୍ୟ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୩(୧) ଅନୁଯାୟୀ ଲାଞ୍ଚ ନେବା ସହ ଜଡ଼ିତ ଦୁର୍ନୀତି ଆଚରଣ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, କେତେକ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ମାନେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଭିତ୍ତିକ ଯୋଜନା ପାଇଁ ବ୍ୟକ୍ତିବିଶେଷଙ୍କୁ ପଞ୍ଜୀକୃତ କରିବା ପାଇଁ ବୈଧ ସର୍ବେକ୍ଷଣ ଏବଂ ଦଳଗତ ପ୍ରୟାସ ମଧ୍ୟରେ ଥିବା ସୀମାକୁ ଲଂଘନ କରୁଥିବା ଭଳି କାର୍ଯ୍ୟକଳାପରେ ନିୟୋଜିତ ହେଉଛନ୍ତି ।

ଚଳିତ ସାଧାରଣ ନିର୍ବାଚନ ୨୦୨୪ରେ ବିଭିନ୍ନ ଉଦାହରଣ ଦେଖି ଆୟୋଗ ଆଜି ଏକ ମାର୍ଗଦର୍ଶିକା ଜାରି କରିଛନ୍ତି । ଏହି ମାର୍ଗଦର୍ଶିକାରେ ସମସ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳମାନଙ୍କୁ ଯେକୌଣସି



ବିଜ୍ଞାପନ/ ସର୍ଭେ/ଆପ୍ ଜରିଆରେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଭିତ୍ତିକ ଯୋଜନା ପାଇଁ ପଞ୍ଜୀକରଣ କରିବା ଭଳି କୌଣସି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ଏବଂ ଏଥିରୁ ଦୂରେଇ ରହିବାକୁ କୁହାଯାଇଛି ।

ନିର୍ବାଚନ ପରବର୍ତ୍ତୀ ଫାଇଦା ପାଇଁ ପଞ୍ଜୀକରଣ କରିବା ପାଇଁ ବ୍ୟକ୍ତିଗତ ଭାବେ ଭୋଟରଙ୍କୁ ଆମନ୍ତ୍ରଣ/ଆହ୍ୱାନ ଦେବା କାର୍ଯ୍ୟ ମତଦାତା ଓ ପ୍ରସ୍ତାବିତ ଲାଭ ମଧ୍ୟରେ ଆପୋସ କାରବାର ସମ୍ପର୍କ ଆବଶ୍ୟକତା ବିଷୟରେ ଏକ ଧାରଣା ସୃଷ୍ଟି କରିପାରେ । ଏହା ଏକ ନିର୍ଦ୍ଦିଷ୍ଟ ଉପାୟରେ ମତଦାନ ପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସୃଷ୍ଟି କରିବାର ସମ୍ଭାବନା ରହିଛି ଯାହାଦ୍ୱାରା ପ୍ରଲୋଭନ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଆୟୋଗ କହିଛନ୍ତି ।

ସାମାନ୍ୟ ଏବଂ ସାଧାରଣ ନିର୍ବାଚନୀ ପ୍ରତିଶ୍ରୁତି ଅନୁମତି ପ୍ରଦାନ କରାଯିବା ପରିସରରେ ଆସୁଛି ବୋଲି ଆୟୋଗ ସ୍ୱୀକାର କରିଛନ୍ତି । ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଥିବା ଏଭଳି କାର୍ଯ୍ୟକଳାପ ଗୁଡ଼ିକ ବୈଧ ସର୍ବେକ୍ଷଣ କାର୍ଯ୍ୟକଳାପ କିମ୍ବା ସମ୍ଭାବ୍ୟ ବ୍ୟକ୍ତିଗତ ଲାଭ ସମ୍ବନ୍ଧୀୟ ସରକାରୀ କାର୍ଯ୍ୟକ୍ରମ ଅଥବା ଦଳୀୟ ଏଜେଣ୍ଡା ବିଷୟରେ ସୂଚନା ଦେବାର ପ୍ରୟାସ ବୋଲି ପରିଚୟ ଦେଇ ପ୍ରାମାଣିକ ସର୍ବେକ୍ଷଣ ଏବଂ ରାଜନୈତିକ ଫାଇଦା ପାଇଁ ଲୋକଙ୍କୁ ପଞ୍ଜୀକରଣ କରାଯାଉଥିବା ଆୟୋଗ ଉଲ୍ଲେଖ କରିଛନ୍ତି । ଏହା ଏକ ପକ୍ଷପାତିତା ପୂର୍ଣ୍ଣ ପ୍ରୟାସ ବୋଲି ଆୟୋଗ କରିଛନ୍ତି ।

ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୭ ଏ, ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୩(୧) ଏବଂ ଧାରା ୧୭୧(ବି) ଆଇପିସି ଭଳି ବୈଧାନିକ ବ୍ୟବସ୍ଥା ମଧ୍ୟରେ ଏଭଳି କୌଣସି ବିଜ୍ଞାପନ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ୧୩ରେ ରୋଡ ଶୋ', ୧୪ରେ ମୋଦିଙ୍କ ନାମାଙ୍କନ ଦାଖଲ

**ନୂଆଦିଲ୍ଲୀ:** ଉତ୍ତର ପ୍ରଦେଶର ବାରାଣସୀ ନିର୍ବାଚନ ମଣ୍ଡଳୀରେ ବିଶାଳ ରୋଡ ଶୋ' କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆସନ୍ତା ୧୩ରେ ରୋଡ ଶୋ' କରି ମୋଦି ବାରାଣସୀ ଭୋଟରଙ୍କୁ ନିଜର ଶକ୍ତି ପ୍ରଦର୍ଶନ କରିବେ । ହେଲେ ରୋଡ ଶୋ' ଦିନ ସେ ପ୍ରାର୍ଥୀପତ୍ର ଦାଖଲ କରିବେ ନାହିଁ । ଏହାର ଦିନକ ପରେ ଅର୍ଥାତ ମେ' ୧୪ରେ ସେ ବାରାଣସୀ ଆସନ ପାଇଁ ବିଧିବଦ୍ଧ ଭାବେ ନାମାଙ୍କନ ଦାଖଲ କରିବେ । ଜୁନ୍ ୧ ଅର୍ଥାତ ଶେଷ ପର୍ଯ୍ୟାୟରେ ବାରାଣସୀବାସୀ ଭୋଟ ଦେବେ । ଏଥିପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ମେ' ୭ରୁ ଆରମ୍ଭ ହେବ । ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ମେ' ୧୪ । ମୋଦି ଶେଷ ଦିନ ହିଁ ପ୍ରାର୍ଥୀପତ୍ର ଦାଖଲ କରିବେ ।ସେ କ୍ରମାଗତ ତୃତୀୟ ଥର ପାଇଁ ବାରାଣସୀରୁ ନାମାଙ୍କନ ଦାଖଲ କରିବାକୁ ଯାଉଛନ୍ତି । ୨୦୧୪ ଓ ୨୦୧୯ରେ ସେ ଏଠାରୁ ବିପୁଳ ଭୋଟରେ ଜିତିଥିଲେ । ଏଥର ମଧ୍ୟ ସେ ରେକର୍ଡ ଭୋଟରେ ଜିତିବା ନେଇ ଆଶା ରଖିଛନ୍ତି । ୨୦୧୪ ଓ ୨୦୧୯ ଭଳି କଂଗ୍ରେସ ଏଥର ମଧ୍ୟ ବରିଷ୍ଠ ନେତା ଅଜୟ ରାଏଙ୍କୁ ମୋଦିଙ୍କ ବିରୋଧରେ ପ୍ରାର୍ଥୀ କରିଛ । ଉଭୟ ନିବାଚନରେ ମୋଦିଙ୍କ ଠାରୁ ତାଙ୍କୁ ହାରିବାକୁ ପଡ଼ିଥିଲା । ତଥାପି ୨୦୨୪ରେ ମଧ୍ୟ ତାଙ୍କୁ ଦଳ ବାରାଣସୀ ଆସନରୁ ଟିକେଟ ଦେଇଛି । ଅଜୟ ରାଏଙ୍କ ବ୍ୟତୀତ ଏଥର ମୋଦିଙ୍କୁ ଚ୍ୟାଲେଞ୍ଜ ଦେବା ପାଇଁ କମେଡିଆନ ଶ୍ୟାମ ରଙ୍ଗୀଲା ମଧ୍ୟ ବାରାଣସୀ ଆସନରୁ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି । ୨୦୧୯ରେ ମୋଦି ୪,୭୯,୫୦୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ମୋଦିଙ୍କୁ ୬,୭୪,୬୬୪ ଖଣ୍ଡ ଭୋଟ ମିଳିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ସମାଜବାଦୀ ପାର୍ଟିର ଶାଳିନୀ ଯାଦବ ୧,୯୫,୧୫୯ ଖଣ୍ଡ ଭୋଟ ପାଇଥିଲେ । ୨୦୧୪ରେ ମୋଦିଙ୍କ ବିଜୟ ବ୍ୟବଧାନ ୩.୩୭ ଲକ୍ଷ ଥିଲା । ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲ ୨ ଲକ୍ଷରୁ ଅଧିକ ଭୋଟ ପାଇଥିଲେ ।

## ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କ ନାଁରେ ଦୁଷ୍କର୍ମ ମାମଲା ରୁଜୁ

**ବେଙ୍ଗାଲୁରୁ:** ସୂଚନା ଅନୁସାରେ, ପ୍ରଜ୍ୱଳଙ୍କ ନାଁରେ ରୁଜୁ ହୋଇଥିବା ଏହା ଦ୍ୱିତୀୟ ଦୁଷ୍କର୍ମ ମାମଲା । ଆଇପିସିର ଧାରା ୩୭୬ ଅନୁଯାୟୀ ଏହି ମାମଲା ଦାୟର କରାଯାଇଛି । ଏଥିରେ ଧାରା ୩୭୬ (୨) (ଏନ), ୫୦୬, ୩୫୪ଅ (୧), ୩୫୪ (ବି), ୩୫୪ (ସି) ଏବଂ ଆଇଟି ଆକ୍ଟ ଅନୁଯାୟୀ ଅଭିଯୋଗ ତାଲିକାଭୁକ୍ତ ହୋଇଛି । ଏଫଆଇଆର ଏକମାତ୍ର ଅଭିଯୁକ୍ତ ଭାବେ ପ୍ରଜ୍ୱଳଙ୍କ ନାଁ ଉଲ୍ଲେଖ କରାଯାଇଛି । ଏସଆଇଟି ଅଧିକାରୀମାନେ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏଫଆଇଆର ଦାଖଲ କରିଛନ୍ତି । ଅଶ୍ଲୀଳ ଭିଡିଓ ରାକେଟ୍ ସାଙ୍ଗକୁ ଦୁଷ୍କର୍ମ ଭଳି ସଙ୍ଗୀନ ଅଭିଯୋଗ ଥାଇ ମଧ୍ୟ ଏପର୍ଯ୍ୟନ୍ତ ପ୍ରଜ୍ୱଳଙ୍କୁ ଗିରଫ କରାଯାଇ ନାହିଁ । କାରଣ ସେ ବିଦେଶ ପଳାୟନ କରିଥିବା



କୁହାଯାଉଛି । ଏସଆଇଟି ତାଙ୍କୁ ନୋଟିସେ ପଠାଇଥିଲେ ମଧ୍ୟ ସେ ସାତ ଦିନ ସମୟ ମାଗିଛନ୍ତି । କିନ୍ତୁ ତଦନ୍ତକାରୀ ସଂସ୍ଥା ତାଙ୍କୁ କୌଣସି ସମୟ ଦେଇ ନାହିଁ । ତୁରନ୍ତ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି । ପ୍ରକାଶ ଥାଉକି, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚଡି ଦେବ ଗୌଡାଙ୍କ ନାତ ହେଉଛନ୍ତି ସାଂସଦ ପ୍ରଜ୍ୱଳ ରେଭାନ୍ନା । ନିକଟରେ ତାଙ୍କର କିଛି ଅଶ୍ଳୀଳ ଭିଡିଓ ଓ ଫଟୋ ସୋଶାଲ ମିଡିଆରେ ଭାଇରାଲ୍ ହୋଇଥିଲା । ଏହାପରେ ହଜାର ହଜାର ଅଶ୍ଳୀଳ ଭିଡିଓ ସାମ୍ନାକୁ ଆସିଥିଲା । କେବଳ ଏତିକି ନୁହେଁ, ପ୍ରଜ୍ୱଳ ଓ ତାଙ୍କ ବାପା ଏଚଡି ରେଭାନ୍ନାଙ୍କ ବିରୋଧରେ ମଧ୍ୟ ଯୌନ ଉତ୍ପୀଡିନ ଭଳି ସଙ୍ଗୀନ ଅଭିଯୋଗ ହୋଇଛି ।

## କଲମ୍ବିଆ ବିଶ୍ୱବିଦ୍ୟାଳୟରେ ସଂଘର୍ଷ: ତେଜିଲା ଛାତ୍ର ଆନ୍ଦୋଳନ

**କଲମ୍ବିଆ:** କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପାଲେଷ୍ଟାଇନ୍ ସମର୍ଥନ ଓ ଇସ୍ରାଏଲ୍ ବିରୋଧୀ ଛାତ୍ର ଆନ୍ଦୋଳନ ଉଗ୍ରରୂପ ନେଇଥିଲ । ଆନ୍ଦୋଳନକାରୀଙ୍କୁ ଦମନ କରିବାକୁ ପୁଲିସ ପଦକ୍ଷେପ ଗ୍ରହଣ କରିଥିଲା । ଆନ୍ଦୋଳନକୁ ବେଆଇନ ଘୋଷଣା କରିବା ସହ ୨୮୨ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କୁ ଗିରଫ କରିଥିଲା । ଗତ ୧୫ ଦିନ ଧରି କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପାଲେଷ୍ଟାଇନ୍ ସମର୍ଥନରେ ଛାତ୍ର ଆନ୍ଦୋଳନ ଜାରି ରହିଛି । ଛାତ୍ରଛାତ୍ରୀଙ୍କୁ ନିଲମ୍ବନ କରିବା ପ୍ରକ୍ରିୟା ଆରମ୍ଭ ହେବା ପରେ ମଧ୍ୟ ଛାତ୍ରଛାତ୍ରୀମାନେ ନିଜ ଜିଦରେ ଅଟଳ ରହିଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ଧାରଣରେ ବସି ରହିଥିଲେ । ମେ ୧ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ର



ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା । ଏହି ଘଟଣାରେ ବିଶ୍ୱବିଦ୍ୟାଳୟର ଇହୁଦୀ ଛାତ୍ରଛାତ୍ରୀମାନେ ନିଜର ସୁରକ୍ଷାନିମନ୍ତେ ଚିନ୍ତାବ୍ୟକ୍ତ କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେଛ ଏହାପରେ ପୁଲିସ ପଦକ୍ଷେପ ଗ୍ରହଣ କରିବା ସହ ବିକ୍ଷୋଭକୁ ବେଆଇନ ଘୋଷଣା କରିଥିଲେ ଓ ପରିସର ଛାଡ଼ି ଚାଲିଯିବାକୁ ଅନୁରୋଧ କରିଥିଲେ । କିନ୍ତୁ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ଛାତ୍ରଛାତ୍ରୀମାନେ ଧାରଣାସ୍ଥଳରେ ବସିରହିଥିଲେ । କର୍ତ୍ତୃପକ୍ଷଙ୍କ ଅନୁରୋଧ ପରେ ପୁଲିସ ପଦକ୍ଷେପ ଗ୍ରହଣ କରିଥିଲାଛ ଏହି ସମୟରେ ବିକ୍ଷୋଭରତ ଛାତ୍ରଛାତ୍ରୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲାଛ ଘଟଣାରେ, ୨୮୨ ଛାତ୍ରଛାତ୍ରୀଙ୍କୁ ଗିରଫ କରିଥିବା ପୁଲିସ ପ୍ରକାଶ କରିଛି । ଆଜି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ଅନେକ ଛାତ୍ର ନୁହଁନ୍ତ । ସେମାନଙ୍କୁ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି ।

## ପ୍ରଚାର ବେଳେ ନାଚିଲେ ମମତା

**କୋଲକାତା:** ନିର୍ବାଚନ ପ୍ରଚାର ବେଳେ ଏକାଠି ନାଚିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଟିଏମସି ନେତ୍ରୀ ମହୁଆ ମୋଇତ୍ରା । ନଦିଆରେ ଆୟୋଜିତ ଗୋଟିଏ ଜନସଭାରେ ସେମାନେ ଅନ୍ୟ ମହିଳାଙ୍କ ସହ ହାତରେ ହାତ ଛନ୍ଦି ଷ୍ଟେଜ ଉପରେ ଡ୍ୟାନ୍ସ କରିଛନ୍ତି । ଏହାର ଭିଡିଓକୁ ନିଜେ ମହୁଆ ଏକ୍ସରେ ପୋଷ୍ଟ କରିଛନ୍ତି । ସେ ଲେଖିଛନ୍ତି, ଏଯାଏ ପ୍ରଚାର ସମୟର ସବୁଠାରୁ ମଜାଦାର ଭିଡିଓ । ନଦିଆର ତେହାଉ ଠାରେ ଗୁରୁବାର ମହୁଆଙ୍କ ପାଇଁ ଦିଦି ପ୍ରଚାର କରିଥିଲେ । ଏହି ସମୟରେ ଷ୍ଟେଜ ଉପରେ ଅନ୍ୟ ମହିଳାଙ୍କ ସହ ଦିଦି ଓ ମହୁଆ



ଢୋଲର ତାଳେତାଳେ ନାଚିଥିଲେ । ମମତା ବାନାର୍ଜୀଙ୍କ ସମ୍ବୋଧନ ବେଳର ଭିଡିଓକୁ ପୋଷ୍ଟ କରି ମହୁଆ ଧନ୍ୟବାଦ ଦିଦି ବୋଲି ଲେଖିଛନ୍ତି । ଉକ୍ତ ରାଲିରେ ମମତା ବିଜେପି ଉପରେ ଜୋରଦାର ବର୍ଷିଛନ୍ତି । ୟୁସିସି ଲାଗୁ ହେଲେ ଏସସି, ଏସଟି ଓ ଓବିସି ବର୍ଗର ଅଧିକାର କ୍ଷୁର୍ଣ୍ଣ ହେବ ବୋଲି ସେ ଅଭିଯୋଗ କରିଛନ୍ତି । ଗତ ସପ୍ତାହରେ ମମତା ବାନାର୍ଜୀ ମାଲଦାରେ ପାରମ୍ପରିକ ବେଙ୍ଗଲ ଗୀତରେ ନାଚିଥିଲେ । ସେ ବାଦ୍ୟ ଯନ୍ତ୍ରରେ ମଧ୍ୟ ନିଜ ହାତ ଚଳାଇଥିଲେ ।

## ଉଦ୍ଧବଙ୍କୁ ଚ୍ୟାଲେଞ୍ଜ କଲେ ଶାହା

**ମୁମ୍ବାଇ:** ଲୋକସଭା ନିର୍ବାଚନ ୨୦୨୪ ପାଇଁ ତୃତୀୟ ପର୍ଯ୍ୟାୟ ମତଦାନ ମେ ୭ରେ ଅନୁଷ୍ଠିତ ହେବାକୁ ଯାଉଛି । ଏହା ପୂର୍ବରୁ ରାଜନୈତିକ ଦଳ ଏବଂ ସେମାନଙ୍କର ନେତାମାନେ ନିର୍ବାଚନ ପ୍ରଚାର ସମୟରେ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି । ଏହି କ୍ରମରେ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମହାରାଷ୍ଟ୍ରରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାବେଳେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ନକଲି ସେନା ସଭାପତି ଉଦ୍ଧବ ଠାକରେ ତାଙ୍କ ଭାଷଣରେ ବୀର ସାବରକରଙ୍କ ନାମ ନେବାକୁ ସାହସ କରିପାରିବେ କି? ଯଦି ଆପଣ ସାବରକରଙ୍କ ନାମ ନେବାକୁ ଲଜ୍ଜିତ ତେବେ ଆପଣ



ଶିବସେନାର ଅଧକ୍ଷ କାହିଁକି ହେବେ? ସେ ନକଲି ଶିବସେନା ଚଳାଉଛନ୍ତି, ପ୍ରକୃତ ଶିବସେନା ଏକନାଥ ସିନ୍ଦେଙ୍କ ଦ୍ୱାରା ପରିଚାଳିତ ହେଉଛି । ଗୃହମନ୍ତ୍ରୀ କହିଛନ୍ତି, ଯେଉଁମାନେ ସିଂହାସନ ଗ୍ରହଣ କରିବାକୁ କଂଗ୍ରେସର ପାଦ ଧରିଥିଲେ, ସେମାନେ ମହାରାଷ୍ଟ୍ରକୁ ସମ୍ଭାଳିପାରିବେ ନାହିଁ । ଆପଣ ଜାଣନ୍ତି କଂଗ୍ରେସର ଭୋଟ୍ ବ୍ୟାଙ୍କ କିଏ? ମୋଦୀ ଜି ସର୍ଜିକାଲ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ୍ ଦ୍ୱାରା ଆତଙ୍କବାଦୀଙ୍କୁ ସଫା କରିଦେଲେ । ଛତିଶଗଡରେ ନକ୍ସଲମାନଙ୍କ ଏନକାଉଣ୍ଟରକୁ କଂଗ୍ରେସ ନକଲି ବୋଲି କହିଛି ସେମାନଙ୍କୁ ଲାଜ ଲାଗିବା କଥା ଆପଣ ଦ୍ୱିତୀୟ ଥର ପାଇଁ ମୋଦୀ ଜୀଙ୍କୁ ବାଛିଛନ୍ତି । ମୋଦୀ ଜୀ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିଛନ୍ତି । କଂଗ୍ରେସ ରାମ ମନ୍ଦିରକୁ ଅଟକାଇ ଦେଇଥିଲା ଏବଂ ଉଦ୍ଧବ ଜୀ ସେମାନଙ୍କ ସହ ଥିଲେ । ଉଦ୍ଧବ ଠାକରେଙ୍କୁ ଶାହା ପ୍ରଶ୍ନ ପଚାରିଥିଲେ ଯେ ଟ୍ରିପଲ ତଲାକ ହଟାଯିବା ଉଚିତ କି ନୁହେଁ? ମୁଁ ଉଦ୍ଧବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ ସେ କୁହନ୍ତୁ କି ଟ୍ରିପଲ ତଲାକ ହଟାଯିବା ନିଷ୍ପତ୍ତି ଠିକ ନା ନୁହେଁ ? ପିଏଫଆଇ ଉପରେ ପ୍ରତିବନ୍ଧକ ଲଗାଇବା ଠିକ୍ କି ନୁହେଁ? ଉଦ୍ଧବ ଜୀ, ଦୟାକରି ଏହି ପ୍ରଶ୍ନର ଉତ୍ତର ଦିଅନ୍ତୁ, ଆପଣ ୩୭୦ ଅପସାରଣ କରିବାକୁ ଚାହୁଁଛନ୍ତି କି? ବାଲା ସାହେବଙ୍କ ଉତ୍ତରାଧିକାରୀ ଏଭଳି ହାସଲ କରାଯାଇପାରିବ ନାହିଁ ।

## ଛାଡ଼ପତ୍ର ଚର୍ଚ୍ଚାରେ ଗୌତମ ସିଙ୍ଘାନିଆ

**ନୂଆଦିଲ୍ଲୀ:** ଛାଡ଼ପତ୍ର ବିବାଦ ମଧ୍ୟରେ ପୁଣି ଥରେ ରେମଣ୍ଡର ଏମଡି(ପରିଚାଳନା ନିର୍ଦ୍ଦେଶକ) ହେଲେ ଗୌତମ ସିଙ୍ଘାନିଆ । ଗତ ବର୍ଷ ପତ୍ନୀଙ୍କ ସହ ବିବାଦ ଥିବା ନେଇ ଜଣାପଡ଼ିବା ପରେ ଚର୍ଚ୍ଚାକୁ ଆସିଥିଲେ ଗୌତମ । ଏହି କାରଣରୁ ତାଙ୍କ ପଦବୀ ଚାଲିଯାଇପାରେ ବୋଲି ଚର୍ଚ୍ଚା ହୋଇଥିଲା । ହେଲେ ଏବେ ପୁଣି ଥରେ ରେମଣ୍ଡ ଲିମିଟେଡର ବୋର୍ଡ ତାଙ୍କୁ ଏମଡି ଭାବେ ନିଯୁକ୍ତ କରିଛି । କମ୍ପାନୀକୁ ବହୁତ ସଫଳତା ଦେଇଛନ୍ତି ଗୌତମ । ପେସାଦାର ଜୀବନରେ ସେ କ'ଣ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ତାଙ୍କ କାମକୁ ଦେଖି ଆଗାମୀ ୫ବର୍ଷ ପାଇଁ ତାଙ୍କୁ ଏମଡି ଭାବେ ନିଯୁକ୍ତ କରାଯାଉଛି । ପତ୍ନୀ ନୱାଜ ମୋଦୀଙ୍କ ସହ ଛାଡ଼ପତ୍ରକୁ ନେଇ ବିବାଦ ଚାଲିଥିବା ବେଳେ କମ୍ପାନିର ବୋର୍ଡ ଏଭଳି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ, ଉଭୟ ନୱାଜ ଓ ଗୌତମ ୨୦୨୩ରେ ପରସ୍ପରଠାରୁ ଅଲଗା ହେଉଥିବା ନେଇ ଘୋଷଣା କରିଥିଲେ । ହେଲେ ପରେ ଏହି ବିବାଦ ବିତିଯାଇଥିଲା । ୫୮ବର୍ଷୀୟ ସିଙ୍ଘାନିଆ ୧୯୯୯ରେ ଭାରତୀୟ ସଲିସିଟର ନାଦର ମୋଦୀଙ୍କ ଝିଅ ନୱାଜ ମୋଦୀଙ୍କୁ ବିବାହ କରିଥିଲେ । ସେ ୮ବର୍ଷ ପ୍ରେମ ସମ୍ପର୍କରେ ରହିବା ପରେ ୧୯୯୯ରେ ୨୯ବର୍ଷିୟ ନୱାଜଙ୍କୁ ବିବାହ କରିଥିଲେ । ଦୁହେଁ ପ୍ରେମୀଯୁଗଳ, ସ୍ୱାମୀ-ସ୍ତ୍ରୀ ଓ ମାତାପିତା ଭାବେ ଦାୟିତ୍ୱ ତୁଲାଇବା ପରେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ ।

ଛାଡ଼ପତ୍ରର ଘୋଷଣା କରି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଗେତମ ସିଙ୍ଘାନିଆ ଲେଖିଥିଲେ ଯେ, ଚଳିତ ବର୍ଷର ଦୀପାବଳି ଆମ ପାଇଁ ସମାନ ନୁହେଁ । ୩୨ବର୍ଷ ଧରି ଏକ ଦମ୍ପତି ଭାବରେ ଏକାଠି ରହିବା, ପିତାମାତା ଭାବରେ ଦାୟିତ୍ୱ ତୁଲାଇବା ଏବଂ ସର୍ବଦା ପରସ୍ପର ପାଇଁ ଛିଡ଼ା ହେବା ପରେ ଆମେ ଏହି ନିଷ୍ପତ୍ତି ନେଇଛୁ ।

# ପ.ବଙ୍ଗ ରାଜ୍ୟପାଳଙ୍କ ନାଁରେ ସେକ୍ସ ସ୍କାଣ୍ଡାଲ

**କୋଲକାତା:** ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଅସଦାଚରଣ କରିଥିବା ନେଇ ରାଜଭବନର ଜଣେ ଅସ୍ଥାୟୀ ମହିଳା କର୍ମଚାରୀ ଅଭିଯୋଗ କରିଛନ୍ତି । ଚାକିରିକୁ ସ୍ଥାୟୀ କରିଦେବାର ପ୍ରତିଶ୍ରୁତି ଦେଇ ରାଜ୍ୟପାଳ ତାଙ୍କ ସହ ଏପରି ଲଜ୍ଜାଜନକ କାଣ୍ଡ କରିଥିବା ମହିଳାଜଣକ ଅଭିଯୋଗ କରିଛନ୍ତି । ମାତ୍ର ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଏପରି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିବା ସହ ଏହା ନିର୍ବାଚନୀ ଷଡଯନ୍ତ୍ର ବୋଲି କହିଛନ୍ତି । ଏହାକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇ ଉଠିଛି । ପୁଲିସ୍ ସୂଚନା ଅନୁଯାୟୀ, ଗତକାଲି ରାଜଭବନ ଶାନ୍ତି କକ୍ଷରେ କାର୍ଯ୍ୟରତ ଥିବା ଜଣେ ଅସ୍ଥାୟୀ ମହିଳା କର୍ମଚାରୀ ରାଜଭବନ



ମଧ୍ୟରେ ଥିବା ପୁଲିସ୍ ପୋଷ୍ଟ ହାଉସରେ ପହଞ୍ଚିଥିଲେ । ସେଠାରେ ସେ ରାଜ୍ୟପାଳଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣି ତାଙ୍କୁ ସ୍ଥାୟୀ ଚାକିରିର ପ୍ରଲୋଭନ ଦେଖାଇ ଅଶାଳୀନ ବ୍ୟବହାର ପ୍ରଦର୍ଶନ ସହ ଟଣାଓଟରା କରିଥିବା ଅଭିଯୋଗ କରିଥିଲେ ।

ଏନେଇ ପୋଷ୍ଟରେ ଥିବା ଅଧିକାରୀ ତୁରନ୍ତ ନିକଟସ୍ଥ ପୁଲିସ୍ ଷ୍ଟେଶନକୁ ଫୋନ୍ କରିଥିଲେ । ସେଠାରୁ ବରିଷ୍ଠ ଅଧିକାରୀ ଗଭର୍ଣ୍ଣର ହାଉସରେ ପହଞ୍ଚିଥିଲେ । ସେଠାରୁ ତୁରନ୍ତ ସମ୍ପୃକ୍ତ ମହିଳାଙ୍କୁ ପୁଲିସ୍ ଷ୍ଟେଶନ ନେଇ ପଚରାଉଚରା କରାଯିବା ପରେ ସେ ରାଜ୍ୟପାଳଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ରାଜ୍ୟପାଳ ବୋଷ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି । ଶାସକ ଦଳ ନିଜ ସ୍ୱାର୍ଥ ପାଇଁ ନିର୍ବାଚନୀ ସମୟରେ ଏପରି ଷଡଯନ୍ତ୍ର କରିଥିବା ସେ କହିଛନ୍ତିଛ ଏଥିସହ ସେ କହିଛନ୍ତି, ମୋତେ ବଦନାମ କରି କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିର୍ବାଚନୀ ଫାଇଦା ହାସଲ କରିବାକୁ ଅପଚେଷ୍ଟା ଚଳାଇଛନ୍ତି । ମୁଁ ଏହାକୁ ଡରିନି । ସତ ଦିନେ ନା ଦିନେ ସାମନାକୁ ଆସିବ । ଏପରି ଅପବାଦ ପଶ୍ଚିମବଙ୍ଗରେ ହେଉଥିବା ହିଂସା ଓ ଭ୍ରଷ୍ଟାଚାର ବିରୋଧରେ ମୋ' ଲଢେଇକୁ ରୋକି ପାରିବନି ବୋଲି ଦୃଢତାର ସହ କହିଛନ୍ତି ରାଜ୍ୟପାଳ ବୋଷ । ଏନେଇ ପ୍ରତିକ୍ରିୟା ରଖି ପଶ୍ଚିମବଙ୍ଗ ବିଧାନସଭାର ବିପକ୍ଷ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଏହି ଆରୋପ ସତ ନା ଏହା ଏକ ଷଡଯନ୍ତ୍ର ତାହାର ତଦନ୍ତ ହେବା ଆବଶ୍ୟକ ।

## ନରହତ୍ୟା ଅଭିଯୋଗରେ ନର୍ସଙ୍କୁ ଆଜୀବନ

**ନୂଆଦିଲ୍ଲୀ:** ଓକିଲମାନେ ଅଭିଯୋଗ କରିଛନ୍ତି ଯେ ହାରିସନ୍ ପ୍ରେସଡି ରୋଗୀଙ୍କୁ ବହୁ ପରିମାଣର ଇନସୁଲିନ୍ ଦେଇଥିଲେ ଯାହା ଫଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା । ରାତି ସିଫ୍ଟ ସମୟରେ କମ୍ କର୍ମଚାରୀ ଥିବା ସମୟରେ ସେ ସାଧାରଣତ ରାତି ଇନସୁଲିନ୍ ଦେବା କଥା ପରିଚାଳନା କରୁଥିଲେ । ପ୍ରାରମ୍ଭିକ ଅଭିଯୋଗ ଦାଖଲ ହେବାର କିଛି ସମୟ ପରେ ଗତ ବର୍ଷ ପ୍ରାରମ୍ଭରେ ତାଙ୍କ ନର୍ସିଂ ଲାଇସେନ୍ସକୁ ସ୍ଥଗିତ ରଖାଯାଇଥିଲା । ଆମେରିକାର ପେନସିଲଭାନିଆର ଜଣେ ନର୍ସଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଏହି ନର୍ସ ଜଣକ ୧୭ ଜଣ ରୋଗୀଙ୍କୁ ସାଂଘାତିକ ଇନସୁଲିନ୍ ଡୋଜ ଦେଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ତିନି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ପିଟରସବର୍ଗରୁ ପ୍ରାୟ ୪୮ କିଲୋମିଟର ଉତ୍ତରରେ ଥିବା ବଟଲରରେ ହୋଇଥିବା ଶୁଣାଣିରେ ୪୧ ବର୍ଷର ହେଥର ପ୍ରେସଡିଙ୍କୁ କ୍ରମାଗତ ତିନି ବର୍ଷ ଆଜୀବନ କାରାଦଣ୍ଡ ଏବଂ ୩୮୦-୭୬୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ୨୦୨୦ ରୁ ୨୦୨୩ ମଧ୍ୟରେ ଚାରିଟି ଜିଲ୍ଲାର ପାଞ୍ଚଟି ସ୍ୱାସ୍ଥ୍ୟ ସେବାରେ ରହୁଥିବା ଅତି କମରେ ୧୭ ଜଣ ରୋଗୀଙ୍କ ମୃତ୍ୟୁ ପାଇଁ ସେ ଦାୟୀ ବୋଲି ବୋଲି ଓକିଲମାନେ କହିଛନ୍ତି । ପୀଡିତମାନଙ୍କ ବୟସ ୪୩ ରୁ ୧୦୪ ବର୍ଷ ମଧ୍ୟରେ ଥିଲା । ଅଧିକାରୀମାନେ କହିଛନ୍ତି ଯେ ସହକର୍ମୀମାନେ ପ୍ରେସିଙ୍କ ଆଚରଣ ଉପରେ ଅନେକ ସମୟରେ ପ୍ରଶ୍ନ କରିଥିଲେ, ସେ କହିଥିଲେ ଯେ ସେ ତାଙ୍କ ରୋଗୀମାନଙ୍କୁ ବାରମ୍ବାର ଖରାପ ବ୍ୟବହାର କରୁଥିଲେ ଏବଂ ସେମାନଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ ।

# ଭାରତର ଅଭିଯାନ ଶେଷ

ଥୋମାସ କପ୍




ନୂଆଦିଲ୍ଲୀ,୩।୫(ଏଜେନ୍ସି): ଭାରତୀୟ ପୁରୁଷ ଓ ମହିଳା ଖେଳାଳି ଥୋମାସ ଓ ଉବେର କପ୍ କ୍ୱାର୍ଟରଫାଇନାଲରୁ ଅଭିଯାନ ଶେଷ କରିଛନ୍ତି । ଦିନକ ଆଗରୁ ମହିଳା ଦଳ ଉବେର କପ୍‌ରେ ନିରାଶ କରିଥିଲେ । ଶୁକ୍ରବାର ଥୋମାସ କପ୍‌ରେ ପୁରୁଷ ଖେଳାଳି ସନ୍ତୋଷଜନକ ପ୍ରଦର୍ଶନ ଦେଖାଇ ପାରିନାହାନ୍ତି । ଥୋମାସ କପ୍ କ୍ୱାର୍ଟରରେ ଚୀନ୍ ୩-୧ ବ୍ୟବଧାନରେ ଭାରତକୁ ଧରାଶାୟୀ କରିଛି । ପୂର୍ବରୁ ଉବେର କପ୍ କ୍ୱାର୍ଟରରେ ଜାପାନ ୩-୦ରେ ଭାରତକୁ ହରାଇଥିଲା ।

ଶୁକ୍ରବାର କେବଳ ଲକ୍ଷ୍ୟସେନ ଭାରତ ପାଇଁ ପଏଣ୍ଟ ଆଣିଥିଲେ । କିନ୍ତୁ ଏଚ୍‌ଏସ୍ ପ୍ରଣୟ, ସାତ୍ତ୍ୱିକ ସାଇରାଜ ରଣଙ୍କୀରେଡ୍ଡୀ, ଚିରାଗ ସେଠୀ, ଧ୍ରୁବ କପିଲା ଓ ସାଇ ପ୍ରତୀକ ନିଜ ନିଜର ମ୍ୟାଚ ହାରି ଯାଇଛନ୍ତି । ଲକ୍ଷ୍ୟସେନ ୧୩-୨୧, ୨୧-୧୮, ୨୧-୧୪ ଗେମ୍‌ରେ ଚୀନ୍‌ର ଲି ସି ଫେଙ୍ଗ’ଙ୍କୁ ହରାଇଥିଲେ । ପ୍ରଣୟ ୨୧-୧୫, ୧୪-୨୧ ଗେମ୍‌ରେ ବିଶ୍ୱର ନଂ.୨ ସିୟୁକି’ଙ୍କ ନିକଟରୁ ହାରି ଯାଇଥିଲେ । ସାତ୍ତ୍ୱିକ-ଚିରାଗ ଡବଲ୍ସ ମୁକାବିଲାରେ ୧୫-୨୧, ୨୧-୧୧, ୧୨-୨୧ ଗେମ୍‌ରେ ଚୀନ୍‌ର ୱାଙ୍ଗ ଚାଙ୍ଗ ଓ ଲିଆଙ୍ଗ ୱି କେଙ୍ଗ’ଙ୍କ ଠାରୁ ହାରି ଯାଇଥିଲେ । ଧ୍ରୁବ ଓ ସାଇ ୧୦-୨୧, ୧୦-୨୧ ସିଧାସଳଖ ଗେମ୍‌ରେ ଜି ତିଙ୍ଗ ଓ ରେନ୍ ଜିଆଙ୍ଗ ୟୁ’ଙ୍କ ନିକଟରୁ ହାରିଯାଇଛନ୍ତି ।

# ମୁମ୍ବାଇର ପ୍ଲେଅଫ୍ସ ଆଶା ମଉଳିଲା



ମୁମ୍ବାଇ,୩।୫(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ଲେ ଅଫ୍ସ ମଉଳିଛି । ଶୁକ୍ରବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୨୪ ରନ୍ ବ୍ୟବଧାନରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ହାରି ଯାଇଛି । ଚଳିତ ସିଜନ୍‌ରେ ଏହା ମୁମ୍ବାଇର ଅଷ୍ଟମ ପରାଜୟ ହୋଇଥିବା ବେଳେ ସପ୍ତମ ବିଜୟ ସହ କୋଲକାତା ୧୦ ମ୍ୟାଚରୁ ୧୪ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ଏହି ମ୍ୟାଚରେ କୋଲକାତା ୧୯.୫ ଓଭରରେ ୧୬୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୮.୫ ଓଭରରେ ୧୪୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନାଇଟ ରାଇଡର୍ସର ଆରମ୍ଭ ଅତ୍ୟନ୍ତ ଖରାପ ଥିଲା । କାରଣ ଦଳୀୟ ସ୍କୋର ୫୭ ରନ୍ ବେଳେ ୫ ୱିକେଟ୍ ହରାଇଥିଲା କୋଲକାତା । ଓପନର ଫିଲ୍ ସଲ୍ଟ ୫, ସୁନୀଲ ନାରିନ ୮, ଅଙ୍ଗକ୍ରିସ୍ ରଘୁବଂଶୀ ୧୩, ଶ୍ରେୟାସ ଆୟର ୬ ଓ ରିଙ୍କୁ ସିଂ ୯ ରନ୍ କରି ଆଉଟ୍ ହୋଇଥିଲେ । ତେବେ ଭେଙ୍କଟେଶ ଆୟର ଓ ମନୀଷ ପାଣ୍ଡେ ଜମାଣିଆ ଇନିଂସ ଖେଳି ଦଳୀୟ ସ୍କୋରକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ । ଭେଙ୍କଟେଶ ୫୨ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୭୦ ରନ୍ କରିଥିବା ବେଳେ ମନୀଷ ୩୧ ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ମାରି ୪୨ ରନ୍ କରିଥିଲେ । ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ପରବର୍ତ୍ତୀ ସମସ୍ତ ଖେଳାଳିଙ୍କ ପ୍ରଦର୍ଶନ ଖରାପ ଥିଲା । ବୋଲିଂରେ ମୁମ୍ବାଇର ନୁଆନ ତୁଷାରା ଓ ଯଶପ୍ରୀତ ବୁମରା ୩ଟି ଲେଖାଏଁ, ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଓ ପିୟୂଷ ଚାୱଲ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

୧୦୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିଲା ମୁମ୍ବାଇ । କୋଲକାତା ଇନିଂସ ଭଳି ମୁମ୍ବାଇର ଅବସ୍ଥା ଆରମ୍ଭରୁ ବିଗିଡି ଯାଇଥିଲା । ଦଳୀୟ ସ୍କୋର ୭୧ ରନ୍ ବେଳେ ୬ ଜଣ ବ୍ୟାଟର ପାଭିଲିୟନ୍ ଫେରିଯାଇଥିଲେ । ଇଶାନ କିଷାନ ୧୩, ନମନ ଧିର ୧୧, ରୋହିତ ଶର୍ମା ୧୧ ରନ୍, ତିଲକ ବର୍ମା ୪ ଓ ନେହାଲ ୱାଧେରା ୬ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉପଯୋଗୀ ଇନିଂସ ଖେଳିବାରେ ବ୍ୟର୍ଥ ହୋଇଛନ୍ତି । ସୂର୍ଯ୍ୟକୁମାର ଯାଦବ ୩୫ ବଲ୍‌ରୁ ୫୬ ରନ୍ ଓ ଟିମ୍ ଡେଭିଡ ୨୪ ରନ୍ କରିବାରୁ ମୁମ୍ବାଇ ବିଜୟର ପାଖାପାଖି ପହଞ୍ଚି ପାରିପାରିଥିଲା । ଆଗଧାଡ଼ିର ବ୍ୟାଟର ମଧ୍ୟମକ୍ରମ ଓ ଶେଷ ଭାଗର ଚରମ ବିଫଳତା ପାଇଁ ମୁମ୍ବାଇ ପରାଜିତ ହୋଇଛି । କୋଲକାତାର ମିଚେଲ ଷ୍ଟାର୍କ ସର୍ବାଧିକ ୪ଟି, ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ୍ ଓ ଆନ୍ଦ୍ରେ ରସେଲ ପ୍ରତ୍ୟେକ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ ।

**ଆଜିର ମ୍ୟାଚ**

ବେଙ୍ଗାଲୁରୁ- ଗୁଜରାଟ
ସମୟ: ରାତି ୭.୩୦
ସ୍ଥାନ: ବେଙ୍ଗାଲୁରୁ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୧୦ | ୮ | ୨ | ୧୬ |
| କୋଲକାତା | ୧୦ | ୭ | ୩ | ୧୪ |
| ଲକ୍ଷ୍ନୌ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ |
| ଦିଲ୍ଲୀ | ୧୧ | ୫ | ୬ | ୧୦ |
| ଗୁଜରାଟ | ୧୦ | ୪ | ୬ | ୮ |
| ପଞ୍ଜାବ | ୧୦ | ୪ | ୬ | ୮ |
| ମୁମ୍ବାଇ | ୧୧ | ୩ | ୮ | ୬ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ |

# ସବୁ ଟି-୨୦ ବିଶ୍ୱକପ୍ ଖେଳିଛନ୍ତି ରୋହିତ

ନୂଆଦିଲ୍ଲୀ,୩।୫(ଏଜେନ୍ସି): ରୋହିତ ଶର୍ମା ଆଗାମୀ ଟି-୨୦ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେବେ । ଦଳ ଘୋଷଣା ପରେ ରୋହିତଙ୍କ ନାମରେ ଏକ ନିଆରା ରେକର୍ଡ ଯୋଡି ହୋଇଛି । ସେ ଭାରତର ପ୍ରଥମ ଖେଳାଳି ଭାବେ ୨୦୦୭ ପରଠାରୁ ସମସ୍ତ ଟି-୨୦ ବିଶ୍ୱକପ୍ ଖେଳି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ୨୦୨୪ ସଂସ୍କରଣର ପ୍ରଥମ ମ୍ୟାଚ ଖେଳିବା କ୍ଷଣି ସେ ନବମଥର ପାଇଁ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିବେ । ୨୦୦୭ରେ ଟି-୨୦ ବିଶ୍ୱକପ୍ ବିଗୁଲ ବାଜିଥିଲା । ପଦାର୍ପଣ ସଂସ୍କରଣରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ୍ ହୋଇଥିଲା । ଏହି ସଂସ୍କରଣରେ ରୋହିତ ଶର୍ମା ସାମିଲ ଥିଲେ । ଏହାପରେ ୨୦୦୯, ୨୦୧୦, ୨୦୧୨, ୨୦୧୪, ୨୦୧୬, ୨୦୨୧ ଓ ୨୦୨୨ ସଂସ୍କରଣରେ ରୋହିତ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ୍ ହୋଇଥିବା ବେଳେ ୨୦୧୪ରେ ଶ୍ରୀଲଙ୍କା ନିକଟରୁ ହାରି ଉପବିଜେତା ହୋଇଥିଲା । ୨୦୧୬ ଓ ୨୦୨୨ରେ ଟିମ୍ ଇଣ୍ଡିଆ ସେମିଫାଇନାଲରୁ ବିଦାୟ ନେଇଥିଲା । ରୋହିତ ଭାରତ ପକ୍ଷରୁ ୧୫୧ଟି ମ୍ୟାଚ ଖେଳି ୩୧.୭୯ ହାରରେ ୩୯୭୪ ରନ୍ ସଂଗ୍ରହ କରିଛନ୍ତି । ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୩୯.୯୭ ରହିଛି । ସେ ମୋଟ୍ ୫ଟି ଶତକ ଓ ୨୯ଟି ଅର୍ଦ୍ଧଶତକ ମାରିଛନ୍ତି । ଟି-୨୦ରେ ରୋହିତ ୧୨୧ ରନ୍‌ର ସର୍ବାଧିକ ଇନିଂସ ଖେଳିଛନ୍ତି ।

# କାହିଁକି ପାଣ୍ଡ୍ୟା ହେଲେ ଅଧିନାୟକ



ନୂଆଦିଲ୍ଲୀ,୩।୫(ଏଜେନ୍ସି): ଆଇପିଏଲ୍-୨୦୨୪ରେ ୫ଥର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ସନ୍ତୋଷଜନକ ହୋଇପାରିନାହିଁ । ଦଳ ପ୍ଲେଅଫ୍ ରେସ୍‌ରୁ ଏକପ୍ରକାର ବାଦ ପଡିସାରିଛି । ଦଳର ପ୍ରଶଂସକ ଏବଂ କ୍ରିକେଟ୍ ପଣ୍ଡିତ ଏଥିପାଇଁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟୀ କରୁଛନ୍ତି । ଏହି ସିଜନ ଆରମ୍ଭରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳର ନୂଆ ମୁଖିଆ କରିଥିଲା । ଯାହାପରେ ମୁମ୍ବାଇ ପ୍ରଶଂସକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏହାକୁ ସୋସିଆଲ ମିଡ଼ିଆରେ ଲାଗି ରହିଥିବା ଝଡ଼ ପରେ ନିରବତା ଭାଙ୍ଗିଛନ୍ତି ରୋହିତ ଶର୍ମା । ଟି-୨୦ ବିଶ୍ୱକପ୍‌ର ଟିମ୍ ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀରେ ରୋହିତ କହିଛନ୍ତି । ସବୁ କିଛି ସପକ୍ଷରେ ଯିବ ନାହିଁ । ଏହା ମୋ ପାଇଁ ଏକ ଅଦ୍ଭୁତ ଅନୁଭୂତି । ମୁଁ ପୂର୍ବରୁ ଅଧିନାୟକ ହୋଇନାହିଁ । ବରଂ ଅନେକ ଅଧିନାୟକଙ୍କ ଅଧୀନରେ ଖେଳିଛି । ଏହା ମୋ ପାଇଁ ନୂଆ ନୁହେଁ । ଯାହା ମିଳିଛି ସେଥିରେ ଖୁସି ହେବା ଉଚିତ । ଜଣେ ଖେଳାଳି ଭାବେ ଚେଷ୍ଟା କର, ମୁଁ ଏକମାସ ଧରି ସମାନ କାର୍ଯ୍ୟ କରୁଛି ।

ରୋହିତଙ୍କ ପୂର୍ବରୁ ହରଭଜନ ସିଂ, ଆଡାମ ଗିଲକ୍ରିଷ୍ଟ ଏବଂ ରିକି ପଣ୍ଟିଂ ମୁମ୍ବାଇର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ସେହିପରି ମହେନ୍ଦ୍ର ସିଂ ଧୋନି, ଆଜିଙ୍କ୍ୟ ରାହାଣେ, ବୀରେନ୍ଦ୍ର ସେହ୍ୱାଗ ଓ ବିରାଟ କୋହଲିଙ୍କ ଅଧୀନରେ ଭାରତ ପାଇଁ ଖେଳିଛନ୍ତି ରୋହିତ ଶର୍ମା । ୧୧ ବର୍ଷ ପରେ ଏହି ସିଜନରେ ରୋହିତ ଆଇପିଏଲ୍‌ରେ ଶତକ ମାରିଛନ୍ତି । ସେ ୧୧୦ ଇନିଂସରେ ୩୧୫ ରନ୍ ସଂଗ୍ରହ କରିଛନ୍ତି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
“MONOTECH”
Systems PVT.LTD.
For Contact : 8917518606

# ଆଇସିସି ର୍ୟାଙ୍କିଙ୍ଗ: ଟେଷ୍ଟରେ ଭାରତକୁ ହଟାଇ ଶୀର୍ଷରେ ଅଷ୍ଟ୍ରେଲିଆ




ନୂଆଦିଲ୍ଲୀ,୩।୫(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଟେଷ୍ଟ ର୍ୟାଙ୍କିଙ୍ଗ ଘୋଷଣା ହୋଇଛି । ପୂର୍ବରୁ ଟେଷ୍ଟରେ ନଂ.୧ ସ୍ଥାନ ଦଖଲ କରିଥିବା ଭାରତକୁ ପଛରେ ପକାଇ ଅଷ୍ଟ୍ରେଲିଆ ଶୀର୍ଷକୁ ଉଠିଛି । ବାର୍ଷିକ ଅପ୍‌ଡେଟ ଅନୁଯାୟୀ ଟେଷ୍ଟରେ ଅଷ୍ଟ୍ରେଲିଆ ତଥା ଦିନିକିଆ ଓ ଟି-୨୦ରେ ଭାରତ ଶୀର୍ଷ ସ୍ଥାନ ଦଖଲ କରିଛି । ୨୦୨୧ ମେ’ ପରଠାରୁ ଅଦ୍ୟାବଧି ଖେଳାଯାଇଥିବା ମ୍ୟାଚର ପ୍ରଦର୍ଶନକୁ ଆଧାର କରି ଏହି ସୂଚୀ ପ୍ରସ୍ତୁତ ହୋଇଛି । ଏହି ଆଧାରରେ ଗତ ଡିସେମ୍ବର ୨୦୨୦ରୁ ଜାନୁଆରୀ ୨୦୨୧ ମଧ୍ୟରେ ଭାରତ ୨-୧ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ହରାଇଥିବା ଶୃଙ୍ଖଳାକୁ ବିଚାରକୁ ନିଆଯାଇନାହିଁ । ଅର୍ଥାତ୍ ୨୦୨୧ ମେ’ଠାରୁ ୨୦୨୩ ମେ’ ମଧ୍ୟରେ ଖେଳାଯାଇଥିବା ସମସ୍ତ ମ୍ୟାଚର ଫଳାଫଳ ଓ ବିଗତ ୧୨ ମାସରୁ ଫଳାଫଳକୁ ଏହାର ପରିସରଭୁକ୍ତ କରାଯାଇଛି ।

ଗତବର୍ଷ ଅଷ୍ଟ୍ରେଲିଆ ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଟାଇଟଲ ଜିତିଥିଲା । ଏହି ଆଧାରରେ ଅଷ୍ଟ୍ରେଲିଆର ଟେଷ୍ଟ ରେଟିଂ ପଏଣ୍ଟ ୧୨୪କୁ ବୃଦ୍ଧି ପାଇଛି । ଭାରତ ୧୧୮ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ଏବଂ ୧୦୫ ରେଟିଂ ପଏଣ୍ଟ ସହ ଇଂଲଣ୍ଡ ତୃତୀୟ ସ୍ଥାନରେ ରହିଛି । ଆଗକୁ ନଭେମ୍ବରରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଟେଷ୍ଟ ଶୃଙ୍ଖଳାକୁ ଭେଟିବାକୁ ଯାଉଛନ୍ତି । ଏହି ୩ଟି ଦଳକୁ ଛାଡି ଦେଲେ ଟେଷ୍ଟ ମାନ୍ୟତାରେ ଅନ୍ୟ ଦଳ ଗୁଡିକର କୌଣସି ପରବର୍ତ୍ତନ ହୋଇନାହିଁ ।

ଦିନିକିଆରେ ଭାରତର ଆଧିପତ୍ୟ ଜାରି ରହିଛି । ୧୨୨ ରେଟିଂ ପଏଣ୍ଟ ସହ ଭାରତ ଶୀର୍ଷରେ ଥିବା ବେଳେ ୧୧୬ ପଏଣ୍ଟ ସହ ଅଷ୍ଟ୍ରେଲିଆ ଦ୍ୱିତୀୟ, ଦ.ଆଫ୍ରିକା ତୃତୀୟ, ପାକିସ୍ତାନ ଚତୁର୍ଥ ଓ ନ୍ୟୁଜିଲାଣ୍ଡ ପଞ୍ଚମ ସ୍ଥାନରେ ରହିଛି ।

ସେହିଭଳି ଟି-୨୦ରେ ମଧ୍ୟ ଭାରତ ନଂ.୧ ସ୍ଥାନ ଦଖଲ କରିଛି । ଭାରତର ରେଟିଂ ପଏଣ୍ଟ ୨୬୪, ଅଷ୍ଟ୍ରେଲିଆ ୨୫୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଦ.ଆଫ୍ରିକା ଚତୁର୍ଥ ଏବଂ ଇଂଲଣ୍ଡ ତୃତୀୟ ସ୍ଥାନରେ ରହିଛି । ପାକିସ୍ତାନ ସପ୍ତମ ସ୍ଥାନକୁ ଖସିଥିବା ବେଳେ ସ୍କଟଲାଣ୍ଡ ଜିମ୍ବାୱେକୁ ପଛରେ ପକାଇ ଦ୍ୱାଦଶ ସ୍ଥାନକୁ ଉଠିଛି ।




Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ପୁରୀ ବକ୍ସିଂ ଏକାଡେମୀ ଛାତ୍ରଙ୍କ କୃତିତ୍ୱ




ପୁରୀ,୩।୫(ସବ୍ୟୁ): ପୁରୀ ବକ୍ସିଂ ଏକାଡେମୀ ଛାତ୍ର ଆୟୁଷମାନ ଭାରତୀଙ୍କ ବାଳକ ସ୍ପୋର୍ଟ୍ସ କମ୍ପାନୀ, ୫୮ ଗୋର୍ଖା ଟ୍ରେନିଂ ସେଣ୍ଟର, ହାପି ଭ୍ୟାଲି, ସିଲନ-୭ରେ ଚୟନ ହୋଇଛି । ଏହାକୁ ସ୍ପୋର୍ଟ୍ସ ଅଥରିଟି ଇଣ୍ଡିଆ ଦ୍ୱାରା ଚୟନ ଅନୁମୋଦନ ମିଳିଛି । ଆୟୁଷମାନ ସେଠାରେ ବକ୍ସିଂ କ୍ରୀଡା ଛାତ୍ରାବାସରେ ରହି ପ୍ରଶିକ୍ଷଣ ନେବା ଏବଂ ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । ଏହି ଅବସରରେ ପୁରୀ ବକ୍ସିଂ ଏକାଡେମୀ ତରଫରୁ ଆୟୁଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ରାଜ୍ୟ ଦୌଡ଼କୁଦ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପଡିହାରି, ମହମ୍ମଦ ଜୁଗନ, ଗୋପାଳ ଚନ୍ଦ୍ର ପରିଡା, ଆଇନଜୀବୀ ବିନାୟକ ମିଶ୍ର, ରଶ୍ମିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନ୍ୟୁୟର୍କରେ ଉଠା ପିଚ୍



ନ୍ୟୁୟର୍କ,୩।୫(ଏଜେନ୍ସି): ଟି-୨୦ ବିଶ୍ୱକପ୍ ପାଇଁ ଉଠା ପିଚ ବ୍ୟବହାର ହେବ । ତେଣୁ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ବ୍ୟବହାର ହେବାକୁଥିବା ଉଠା ପିଚକୁ ସେମି ଟ୍ରଲର ଟ୍ରକ୍ ମାଧ୍ୟମରେ ଫ୍ଲୋରିଡାରୁ ନ୍ୟୁୟର୍କକୁ ସ୍ଥାନାନ୍ତର କରାଯାଇଛି । ଏଠାରେ ଜୁନ୍ ୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମୂଳକ ଖେଳାଯିବ । ବିଶ୍ୱକପ୍ ପାଇଁ ଫ୍ଲୋରିଡାରେ ୧୦ଟି ଉଠା ପିଚ ପ୍ରସ୍ତୁତ କରାଯାଇଛି । ଅଷ୍ଟ୍ରେଲିଆର ଆଡିଲେଡ ଓଭାଲରେ ବ୍ୟବହାର ହୋଇଥିବା ପିଚ୍‌ର ଜ୍ଞାନ କୌଶଳକୁ ଆମେରିକାରେ ପ୍ରୟୋଗ କରାଯାଇଛି ।

ଆଡିଲେଡ କ୍ୟୁରେଟର ଡାମିଏନ୍ ହଫ’ଙ୍କ ନେତୃତ୍ୱରେ ପିଚ ଗୁଡିକ ପ୍ରସ୍ତୁତ କରାଯାଇଛି । ୧୦ଟି ପିଚ ମଧ୍ୟରେ ୪ଟି ନସାଉ ଷ୍ଟାଡିୟମ୍‌ରେ ଅବସ୍ଥାପିତ କରାଯିବ । ଅନ୍ୟ ୬ଟି ପିଚ ଅଭ୍ୟାସ ପାଇଁ ଉପଲବ୍ଧ ହେବ । ଆଡିଲେଡ କ୍ୟୁରେଟରଙ୍କ ଟିମ୍ ନ୍ୟୁୟର୍କରେ ସ୍ଥାନୀୟ ପଡ଼ିଆ କର୍ମଚାରୀଙ୍କୁ ରକ୍ଷଣାବେକ୍ଷଣ ସମ୍ପର୍କରେ ତାଲିମ ଦେବେ । ଏହି ନୂଆ ଷ୍ଟାଡିୟମ୍‌ରେ ୩୪ ହଜାର ଦର୍ଶକ ବସିବାର ବ୍ୟବସ୍ଥା ହୋଇଛି । ଏଠାରେ ଭାରତ ସମେତ ପାକିସ୍ତାନ, ଶ୍ରୀଲଙ୍କା, କାନାଡା, ଆୟର୍ଲାଣ୍ଡ, ବାଂଲାଦେଶ, ଦ.ଆଫ୍ରିକା, ନେଦରଲାଣ୍ଡସ ଓ ଆମେରିକା ଲିଗ୍ ପର୍ଯ୍ୟାୟରେ ଖେଳିବେ । ଏହି ଷ୍ଟାଡିୟମ୍‌ରେ ଜୁନ୍ ୩ରେ ଶ୍ରୀଲଙ୍କା ଓ ଦ.ଆଫ୍ରିକା ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି